


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008






୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୨୪୯ ● ୫ ଅକ୍ଟୋବର ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-249 ● 5th October 2024, Saturday ● Bhubaneswar | Licensed to post without pre-payment of postage No- BN-60/22-24


## ଛତିଶଗଡ଼ ପୋଲିସ୍‌କୁ ବଡ ସଫଳତା

# ସୁରକ୍ଷାକର୍ମୀଙ୍କ ଗୁଳିରେ ୩୬ ମାଓବାଦୀ ନିପାତ

**ଛତିଶଗଡ, ୪।୧୦**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ସୁକମା ଏବଂ ନାରାୟଣପୁର ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୩୬ ମାଓବାଦୀ ନିହତ ହୋଇଥିବା ବେଳେ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରାଯାଇଛି । ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଏବଂ ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ସହ ମାଓବାଦୀଙ୍କ ଗୁଳିବିନିମୟ ହୋଇଥିଲା । ଯେଉଁଥିରେ ୩୬ ଜଣ ମାଓବାଦୀ ପ୍ରାଣ ହରାଇଥିବା ଛତିଶଗଡ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହ ବିପୁଳ ପରିମାଣରେ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରାଯାଇଛି ।

ବିଶେଷ ସୂତ୍ରରୁ ଖବର ପାଇ ସୁକମା ଓ ବିଜାପୁର ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳର ମରକାଗୁଡା, ଇରାପଲ୍ଲୀ, ବଟେତଙ୍ଗ, ମଙ୍ଗାଗୁଡ଼େମ ଭଳି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଡ଼ିଆରଜି, ବସ୍ତର ଫାଇଟର୍ସ, ଜିଲ୍ଲା ପୁଲିସ ମିଳିତ ସର୍ଚ୍ଚ ଅପେରସନ କରୁଥିବା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ । ସକାଳ ୭ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା ।

ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଜଙ୍ଗଲରେ ମଧ ମାଓବାଦୀ ଓ ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଥିଲା । ଏହି ଗୁଳିବିନିମୟର ଦନ୍ତେୱାଡ଼ା ପୁଲିସ ମଧ୍ୟ ସାମିଲ ଥିଲା । ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ଯବାନ ସର୍ଚ୍ଚ ଅପେରସନ ବେଳେ ୧୪ ଜଣ ମାଓବାଦୀଙ୍କ ଶବ ଉଦ୍ଧାର କରାଯାଇଛି । କିନ୍ତୁ ମୃତକଙ୍କ ସଂଖ୍ୟା ୩୬ ବୋଲି ଛତିଶଗଡ଼ ପୁଲିସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଅନ୍ୟ ଏକ ଘଟଣାରେ ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଜଙ୍ଗଲରେ ମଧ ମାଓବାଦୀ-ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଥିଲା । ଏହି ଗୁଳିବିନିମୟର ଦନ୍ତେୱାଡ଼ା ପୁଲିସ ମଧ୍ୟ ସାମିଲ ଥିଲା । ପୁଲିସ ଘଟଣାସ୍ଥଳରେ ସର୍ଚ୍ଚ ଅପେରସନ ଜାରି ରଖିଛି । ଦୁଇଟି ଘଟଣାରେ ଜଙ୍ଗଲରୁ ବିସ୍ଫୋରକ, ବନ୍ଧୁକ ଓ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି ।



ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ

# ୧୦,୩୨୨ କ୍ୱିଣ୍ଟାଲ ଅର୍ପଣ ଚାଉଳ ୨.୮୬ କୋଟିରେ ନିଲାମ ହେଲା

**ପୁରୀ, ୪।୧୦ : ନ୍ୟୁଜ୍ ବ୍ୟୁରୋ**

ନିଲାମ ହେଲା ଅର୍ପଣ ଚାଉଳ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପୂର୍ବରୁ ସାରା ରାଜ୍ୟରୁ ସଂଗୃହୀତ ଅର୍ପଣ ଚାଉଳକୁ ନିଲାମ କରାଯାଇଛି । ଗଚ୍ଛିତ ଥିବା ୧୦,୩୨୨ କ୍ୱିଣ୍ଟାଲ ଅର୍ପଣ ଚାଉଳର ନିଲାମ ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି । କ୍ୱିଣ୍ଟାଲ ପିଛା ୨୭୮୦ ଟଙ୍କାରେ ଏହି ଅର୍ପଣ ଚାଉଳକୁ ନିଲାମ କରାଯାଇଛି । ମୋଟ ୨କୋଟି ୮୬ ଲକ୍ଷ ଟଙ୍କାରେ ଏହି ଚାଉଳ ନିଲାମ ହୋଇଛି । ନିଲାମରୁ ସଂଗୃହୀତ ଅର୍ଥ ଶ୍ରୀମନ୍ଦିର ପ୍ରଶାସନକୁ ଯିବ । ଏ ନେଇ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦଘାଟନ ବେଳେ ରାଜ୍ୟର କୋଣ ଅନୁକୋଣରୁ ଅର୍ପଣ ଚାଉଳ ଆସିଥିଲା । ପ୍ରାୟ ୧୪ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ସଂଗ୍ରହ କରାଯାଇଥିଲା । ପୂର୍ବରୁ ଅର୍ପଣ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରି ବାଣ୍ଟିବାକୁ ନିଷ୍ପତ୍ତି ହୋଇଥିଲା । ସେହି ଅନୁସାରେ ମହାପ୍ରସାଦ ପ୍ରସ୍ତୁତ କରି ଶ୍ରୀମନ୍ଦିର ଚାରିଦ୍ୱାରରେ ବଣ୍ଟାଯାଉଥିଲା । କିନ୍ତୁ ସରକାର ବଦଳିବା ପରେ ମହାପ୍ରସାଦ ପ୍ରସ୍ତୁତି ଓ ବଣ୍ଟନ ବନ୍ଦ ହୋଇଯାଇଥିଲା । ଫଳରେ ଆହୁରି ବହୁ ପରିମାଣର ଚାଉଳ ରହିଯାଇଥିଲା ।

ଜିଲ୍ଲାପାଳ କହିଛନ୍ତି ଯେ ମହାପ୍ରସାଦ ପ୍ରସ୍ତୁତ ଲାଗି ଯାହା ଯୋଗ୍ୟ ଥିଲା ତାର ବ୍ୟବହାର କରାଯାଇଛି । ବଳକା ଚାଉଳ ମହାପ୍ରସାଦ ପାଇଁ ଅନୁପଯୁକ୍ତ ବୋଲି ସ୍ପଷ୍ଟ କରିଥିଲା ସୁଆର ମହାସୁଆର ନିଯୋଗ । ଫଳରେ ବଳକା ଚାଉଳକୁ କଣ କରାଯିବ ବୋଲି ସେ ନେଇ ଆଲୋଚନା କରାଯାଇ ଏକ ପ୍ରସ୍ତାବ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପଠା ଯାଇଥିଲା । ସରକାର ଏହା ଉପରେ ପୁଙ୍ଖାନୁପୁଙ୍ଖ ବିଚାର କରି ପ୍ରସ୍ତାବକୁ ଅନୁମୋଦନ ଦେଇଥିଲେ । ଏହା ପରେ ଯୋଗାଣ ବିଭାଗ ଅଧିକାରୀଙ୍କ ଦ୍ୱାରା ସଟ ଅଙ୍କନ ଓ ସ୍ୱଟ ଅଙ୍କନ ସଂପୂର୍ଣ୍ଣ ହୋଇଥିଲା । ମୋଟ ୧୦ ହଜାର ୩୨୨ କ୍ୱିଣ୍ଟାଲ ଅର୍ପଣ ଚାଉଳକୁ କ୍ୱିଣ୍ଟାଲ ପିଛା ୨୭୮୦ ଟଙ୍କାରେ ନିଲାମ କରାଯାଇଛି । ମୋଟ ୨କୋଟି ୮୬ ଲକ୍ଷ ଟଙ୍କାରେ ଏହି ଚାଉଳ ନିଲାମ ହୋଇଛି । ସମସ୍ତ ଟଙ୍କାକୁ ଶ୍ରୀମନ୍ଦିର ପ୍ରଶାସନ ଖାତାରେ ଜମା କରାଇ ଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।






ନିଲାମ ଅର୍ଥରାଶି ଶ୍ରୀମନ୍ଦିର ପ୍ରଶାସନ ଆକାଉଣ୍ଟରେ ଜମା ହେବ

# ନିଯୁକ୍ତି ପାଇବେ ୧୬,୦୦୯ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ

**ଭୁବନେଶ୍ୱର, ୪।୧୦**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ବିଭିନ୍ନ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯିବ । ଶନିବାର ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ନିଯୁକ୍ତି ସମାରୋହ ଓ ନବନିଯୁକ୍ତ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ମାର୍ଗଦର୍ଶନ କରାଇବେ ।

କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ , ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଶିକ୍ଷାଦାନକୁ ଗୁଣାତ୍ମକ କରିବା ଦିଗରେ ଏହି ନିଯୁକ୍ତି ଏକ ବଡ଼ ପଦକ୍ଷେପ ହେବ । ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ପିଲାଙ୍କ ଭବିଷ୍ୟତ ଗଢିବା ଦିଗରେ ଏହା ସହାୟକ ହେବ । ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ରଖିଥିବା ବେଳେ ଏହି ପଦକ୍ଷେପ ଲକ୍ଷ୍ୟ ପୂରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଚୟନ ହୋଇଥିବା ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଅନୁଗୋଳ ଜିଲ୍ଲାରେ ୪୨୪ ଜଣ, ବାଲେଶ୍ୱର ଜିଲ୍ଲାରେ ୬୦୦ଜଣ, ବରଗଡ଼ ଜିଲ୍ଲାରେ ୪୭୯ଜଣ, ଭଦ୍ରକ ଜିଲ୍ଲାରେ ୨୬୦ଜଣ, ବଲାଙ୍ଗୀର ଜିଲ୍ଲାରେ ୧୦୮୦ଜଣ, ବୌଦ୍ଧ ଜିଲ୍ଲାରେ ୬୫ଜଣ, କଟକ ଜିଲ୍ଲାରେ ୮୯୩ଜଣ, ଦେବଗଡ଼ ଜିଲ୍ଲାରେ ୨୧ଜଣ, ଢେଙ୍କାନାଳ ଜିଲ୍ଲାରେ ୫୮୩ଜଣ, ଗଜପତି ଜିଲ୍ଲାରେ ୧୩ଜଣ, ଗଞ୍ଜାମ *(ପୃଷ୍ଠା ୭ରେ)*



ମୁଖ୍ୟମନ୍ତ୍ରୀ ଦେବେ ନିଯୁକ୍ତିପତ୍ର

## ଉତ୍ତର ପ୍ରଦେଶର ମିର୍ଜାପୁରରେ ଟ୍ରକ-ଟ୍ରାକ୍ଟର ଧକ୍କା, ୧୦ ମୃତ

**ମିର୍ଜାପୁର, ୪।୧୦**

ଉତ୍ତର ପ୍ରଦେଶର ମିର୍ଜାପୁରରେ ଭୟାବହ ସଡକ ଦୁର୍ଘଟଣା ଘଟିଛି । ଗୁରୁବାର ବିଳମ୍ବିତ ରାତିରେ ମିର୍ଜାପୁର ଜିଲ୍ଲାର ଜିଟି ରୋଡର କଟକା ଗାଁ ନିକଟରେ ଟ୍ରକ ଧକ୍କାରେ ୧୦ଜଣଙ୍କ ମୃତ୍ୟୁ ହୋଇଛି । ଏହି ଟ୍ରକ ନିକଟବର୍ତ୍ତୀ ଭଦୋହୀ ଜିଲ୍ଲାରୁ ବନାରସ ଯାଉଥିବା ଟ୍ରାକ୍ଟରକୁ ପଛପଟୁ ଧକ୍କା ଦେଇଥିଲା । ଟ୍ରାକ୍ଟରରେ ୧୩ଜଣ ଲୋକ ଥିଲେ । ଦୁର୍ଘଟଣାରେ ଟ୍ରାକ୍ଟରରେ ଥିବା ୧୦ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ସେହିପରି ୩ଜଣ ଆହତ ହୋଇଛନ୍ତି । ମିର୍ଜାପୁର ପୋଲିସ ଅଧୀକ୍ଷକ ଘଟଣା ସଂପର୍କରେ ସୂଚନା ଦେଇଛନ୍ତି । ରାତି ପ୍ରାୟ ଗୋଟାଏ ବେଳେ ମିର୍ଜାମୁରାଦ କଂଛୱା ବର୍ଡରରେ ସଡକ ଦୁର୍ଘଟଣା ସଂପର୍କରେ ସୂଚନା ମିଳିଥିଲା । ଭଦୋହୀ ଜିଲ୍ଲାରୁ ବନାରସ ଯାଉଥିବା ୧୩ଜଣ ଲୋକଙ୍କୁ ନେଇ ଆସୁଥିବା ଟ୍ରାକ୍ଟରକୁ ପଛପଟୁ ଭାରସାମ୍ୟ ହରାଇଥିବା ଟ୍ରକ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ପହଞ୍ଚି ପୋଲିସ ଟିମ୍ ରେସକ୍ୟୁ ଅପରେସନ ଆରମ୍ଭ କରିଥିଲା ।

## ଇସ୍ରାଏଲ-ଇରାନ ଯୁଦ୍ଧର ପ୍ରଭାବ ଅଶୋଧିତ ତୈଳ ଦର ବୃଦ୍ଧି

**ନୂଆଦିଲ୍ଲୀ, ୪।୧୦**

ଇସ୍ରାଏଲ-ଇରାନ ଯୁଦ୍ଧ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟାରେ ବ୍ରେଣ୍ଟ କ୍ରୁଡ ମୂଲ୍ୟ ବ୍ୟାରେଲ ପିଛା ୭୮ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲ୍ୟୁଟିଆଇ ୭୪ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ ।

ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୭.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୩.୪୪ଟଙ୍କା ଥିବା ବେଳେ ଡିଜେଲ ୮୯.୯୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୪.୯୫ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୧.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୨.୩୪ଟଙ୍କା ରହିଛି ।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ଭୁବନେଶ୍ୱର ବିମାନ ବନ୍ଦରରେ ନିର୍ମାଣ ହେବ ନୂଆ ଟର୍ମିନାଲ

**ଭୁବନେଶ୍ୱର, ୪।୧୦**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ନିର୍ମାଣ ହେବ ନୂଆ ଟର୍ମିନାଲ । ପୁରୁଣା ଟର୍ମିନାଲ ପାଖରେ ନୂଆ ଟର୍ମିନାଲ ନିର୍ମାଣ ହେବ । ଦୁଇ ବର୍ଷରେ ନିର୍ମାଣ ଯୋଜନା ସହ ଶୀଘ୍ର ହେବ ରନୱେ କ୍ୟାଟ ଟୁ ଲାଇଟ । ବର୍ତ୍ତମାନ ଭୁବନେଶ୍ୱର ବିମାନବନ୍ଦରରୁ ବାର୍ଷିକ ୪୦ରୁ ୫୦ ଲକ୍ଷ ଯାତ୍ରୀ ଯାତାୟାତ କରୁଥିବା ବେଳେ ନୂଆ ଟର୍ମିନାଲ ପରେ ଏହାକୁ ୮୦ଲକ୍ଷକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଭୁବନେଶ୍ୱର ବିମାନ ବନ୍ଦରରେ ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ । ଦେଶର ୨୦ଟି ସହର ସହ ବିଦେଶର ୪ଟି ସ୍ଥାନକୁ ଭୁବନେଶ୍ୱର ଏୟାରପୋର୍ଟ ସଂଯୋଗ କରୁଛି । ଭୁବନେଶ୍ୱରରେ ଏବେ ଯେଉଁ ଟର୍ମିନାଲ ଅଛି ସେଥିରେ ୪୦ ରୁ ୫୦ ଲକ୍ଷ କ୍ଷମତା ରହିଛି । ଆସନ୍ତା ବର୍ଷକ ମଧ୍ୟରେ *(ପୃଷ୍ଠା ୭ରେ)*




# ଦୁଇ ଦିନିଆ ପାକିସ୍ତାନ ଗସ୍ତରେ ଯିବେ ଏସ୍ ଜୟଶଙ୍କର

**ନୂଆଦିଲ୍ଲୀ, ୪।୧୦**

ଇସଲାମବାଦରେ ଆୟୋଜିତ ହେବାକୁ ଥିବା ସଙ୍ଘାଇ ସମ୍ମିଳନୀର ବାର୍ଷିକ ବୈଠକରେ ଯୋଗଦେବେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର । ଏଥିପାଇଁ ସେ ପାକିସ୍ତାନ ଯିବେ । ଇସଲାମବାଦରେ ଆୟୋଜିତ ହେବାକୁ ଥିବା ସଙ୍ଘାଇ ସମ୍ମିଳନୀର ବାର୍ଷିକ ବୈଠକରେ ଯୋଗଦେବାକୁ ସେ ପାକିସ୍ତାନ ଗସ୍ତ କରିବେ ବୋଲି ସ୍ପଷ୍ଟ ହୋଇଛି ।

ଅଗଷ୍ଟ ୩୦ରେ ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଶ୍ଚିତ କରାଯାଇଥିଲା । ସଙ୍ଘାଇ ସମ୍ମିଳନୀରେ ଯୋଗଦେବା ପାଇଁ ପାକିସ୍ତାନ ନିମନ୍ତ୍ରଣ ପଠାଇଥିବା ନେଇ କେନ୍ଦ୍ର ସରକାର ସୂଚନା ଦେଇଥିଲେ । କିନ୍ତୁ ବୈଦେଶିକ ମନ୍ତ୍ରୀଙ୍କ ଗସ୍ତ ନେଇ ସ୍ପଷ୍ଟ କରାଯାଇନଥିଲା । ସେ ଅକ୍ଟୋବର ୧୫ ଏବଂ ୧୬ରେ ଏହି ବୈଠକରେ ଯୋଗଦେବାକୁ ପାକିସ୍ତାନ ଗସ୍ତ କରିବା ନେଇ ଶୁକ୍ରବାର ସ୍ପଷ୍ଟ କରାଯାଇଛି ।

ପ୍ରତିବର୍ଷ (ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନ)ର ବୈଠକ ବସିଥାଏ । ଏହାର ସଦସ୍ୟ *(ପୃଷ୍ଠା ୭ରେ)*



# ସିପାହୀ-କନଷ୍ଟେବଲ ନିଯୁକ୍ତି ମାମଲା: ହାଇକୋର୍ଟଙ୍କ ଜବାବ ତଲବ

**କଟକ, ୪।୧୦**
**ନ୍ୟୁଜ୍ ବ୍ୟୁରୋ**

ସିପାହୀ/କନଷ୍ଟେବଲ ପଦରେ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସର୍ବାଧିକ ବୟସ ସୀମା ସଂକ୍ରାନ୍ତରେ ରହିଥିବା ସର୍ତ୍ତକୁ ଚ୍ୟାଲେଞ୍ଜ କରି ଦାୟର ମାମଲାରେ ହାଇକୋର୍ଟ ଜବାବ ତଲବ କରିଛନ୍ତି । ରାଜ୍ୟ ଗୃହ ବିଭାଗ, ପୁଲିସ ଡିଜି, ଆଇଜି, ଷ୍ଟେଟ ସିଲେକ୍ସନ ବୋର୍ଡକୁ ହାଇକୋର୍ଟ ନୋଟିସ ଜାରି କରି ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଏହି ପଦବୀ ପାଇଁ ଆବେଦନକାରୀଙ୍କ ଦରଖାସ୍ତକୁ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍‌ଲାଇନ/ଅଫଲାଇନ ବ୍ୟବସ୍ଥାରେ ଆବେଦନକାରୀ ଦରଖାସ୍ତ ଦାଖଲ କରିବେ । ଆବେଦନକାରୀଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ । କିନ୍ତୁ କୋର୍ଟଙ୍କ ବିନା ଅନୁମତିରେ ଆବେଦନକାରୀଙ୍କ ଫଳ ପ୍ରକାଶ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଚିତ୍ତରଂଜନ ଦାସ ଓ ଅନ୍ୟ ୪୮ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ନଭେମ୍ବର ୨୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି ।

ମାମଲାର ବିବରଣୀରୁ ପ୍ରକାଶ ଯେ ଓଡ଼ିଶା ପୁଲିସର ଓଏସଏପି, ଆଇଆର, ଏସଆଇଆର, ସ୍ପେଶାଲ ସିକ୍ୟୁରିଟି ବାଟାଲିଅନରେ ୧୩୬୦ଟି ସିପାହୀ/କନେଷ୍ଟବଳ ପଦ ପୂରଣ ପାଇଁ ଷ୍ଟେଟ ସିଲେକ୍ସନ ବୋର୍ଡ ପକ୍ଷରୁ ୨୦୨୪, ସେପ୍ଟେମ୍ବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୨୦୨୪, ଜାନୁଆରୀ ୧ରେ ପ୍ରାର୍ଥୀଙ୍କ ସର୍ବ ନିମ୍ନ ବୟସ ୧୮ ଓ ସର୍ବାଧିକ ୨୩ ବର୍ଷ ହୋଇଥିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା । ଅନ୍ୟପକ୍ଷରେ ଶେଷ ଥର ୨୦୧୮ରେ ଓଡ଼ିଶା ପୁଲିସରେ ସିପାହୀ/କନଷ୍ଟେବଳ ପଦ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ତେଣୁ ୬ ବର୍ଷ ସର୍ବାଧିକ ବୟସସୀମା କୋହଳ ପାଇଁ କେତେକ ଆଶାୟୀ ପ୍ରାର୍ଥୀ ଦାବି କରିଥିଲେ ।

୬ ବର୍ଷର ବ୍ୟବଧାନ ପରେ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେଉଥିବାରୁ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା କୋହଳ କରାଯିବାର ଆବଶ୍ୟକତା ରହିଛି ଦର୍ଶାଇ ହାଇକୋର୍ଟରେ ଆଶାୟୀ ପ୍ରାର୍ଥୀଙ୍କ *(ପୃଷ୍ଠା ୭ରେ)*



## ଭଦ୍ରକରୁ ଉଠିଲା ୧୬୩ ଧାରା

**ଭଦ୍ରକ, ୪।୧୦**
**ନ୍ୟୁଜ୍ ବ୍ୟୁରୋ**

ସ୍ଥିତି ସୁଧୁରିବା ପରେ ଭଦ୍ରକ ସହରରୁ ୧୬୩ ଧାରାକୁ ଉଠାଇ ଦିଆଯାଇଛି । ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଉପୁଜିଥିବା ଉତ୍ତେଜନାମୂଳକ ପରିସ୍ଥିତି ଯୋଗୁ ଭଦ୍ରକ ଓ ଧାମନଗରରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ସେପ୍ଟେମ୍ବର ୨୯ ତାରିଖରୁ ୧୬୩ ଧାରା ଲାଗୁ କରାଯାଇଥିଲା । ଜିଲ୍ଲାପ୍ରଶାସନ ପକ୍ଷରୁ ସହରରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯିବା ସହ ବିଭିନ୍ନ ସ୍ଥାନରେ ପୋଲିସ୍ ମୁତୟନ କରାଯାଇଥିଲା । ପରିସ୍ଥିତିରେ ଉନ୍ନତି ଆସିବା ପରେ ଶୁକ୍ରବାର ଜିଲ୍ଲା ପ୍ରଶାସନ ପକ୍ଷରୁ ୧୬୩ ଧାରାକୁ ଉଠାଇ ଦିଆଯାଇଥିବାର ସୂଚନା ଦିଆଯାଇଛି ।

# ପୂଜାରେ ଶୁଖିଲା ରହିବ ପାଗ !



**ଭୁବନେଶ୍ୱର, ୪।୧୦**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଦଶହରା ପାର୍ବଣକୁ ବ୍ୟାପକ ଆଡମ୍ବର ସହକାରେ ପାଳନ ପାଇଁ ସାରା ରାଜ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ତେବେ ଏଥିପାଇଁ ଯେପରି ପାଗ ଅନୁକୂଳ ରହେ ସେଥିଲାଗି ସବୁ ମହଲ ଆଶା ରଖିଛନ୍ତି । ଏଥର ଏହି ପାର୍ବଣ ସମୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିପାରେ । କାରଣ ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ ଆଗାମୀ ୭ ଦିନ ଯାଏଁ ଓଡ଼ିଶାର କୌଣସି ଜିଲ୍ଲାକୁ ବଡ଼ ବର୍ଷାର ଭୟ ନାହିଁ । ତେବେ ଆସନ୍ତା ୨ ଦିନ ଭିତରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକ ଜିଲ୍ଲାର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହେବାର ର ସମ୍ଭାବନା ରହିଛି ।

ଏହାସହ ବର୍ତ୍ତମାନ ସମୟରେ ଦିନର ତାପମାତ୍ରା ସ୍ୱାଭାବିକଠାରୁ ୨ ରୁ ୩ ଡିଗ୍ରୀ ଅଧିକ ରହୁଥିବାରୁ ଗୁଳୁଗୁଳି ଏବଂ ଗରମ ଅନୁଭୂତ ହେଉଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

# କଂଗ୍ରେସ ଯୁବକମାନଙ୍କୁ ଡ୍ରଗ୍ସର ଅନ୍ଧକାରମୟ ଦୁନିଆ ମଧ୍ୟକୁ ନେଇଯିବାକୁ ଚାହୁଁଛି

**ନୂଆଦିଲ୍ଲୀ, ୪।୧୦**

ବିପୁଳ ମାତ୍ରାରେ ଡ୍ରଗ୍ସ ଧରାପଡିବା ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି ଯେ, କଂଗ୍ରେସ ଯୁବକମାନଙ୍କୁ ଡ୍ରଗ୍ସର ଅନ୍ଧକାରମୟ ଦୁନିଆ ମଧ୍ୟକୁ ନେଇଯିବାକୁ ଚାହୁଁଛି । ଅମିତ ଶାହ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସ ରେ ଏନେଇ କରିଥିବା ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଗୋଟିଏ ପଟେ ମୋଦି ସରକାର ନିଶାମୁକ୍ତ ଭାରତ ନିମନ୍ତେ ଜିରୋ ଟଲରେନ୍ସ ନୀତି ଆପଣେଇଥିବା ବେଳେ ଅନ୍ୟପକ୍ଷରେ ଉତ୍ତର ଭାରତରୁ ଧରାପଡିଥିବା ୫,୬୦୦ କୋଟି ମୂଲ୍ୟର ଡ୍ରଗ୍ସରେ କଂଗ୍ରେସର ଜଣେ ପ୍ରମୁଖ ବ୍ୟକ୍ତିଙ୍କ ସମ୍ପୃକ୍ତି ଅତ୍ୟନ୍ତ ବିପଦପୂର୍ଣ୍ଣ ଏବଂ ଲଜ୍ଜାଜନକ ।



## ଅଣ୍ଡର ଗ୍ରାଜୁଏଟ୍ ବିଦ୍ୟାର୍ଥୀଙ୍କୁ ପରିବେଶ ଶିକ୍ଷା

ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ

ଜଳବାୟୁ ପରିବର୍ତ୍ତନ ଭଳି ଆହ୍ୱାନ ଭିତରେ ବିଦ୍ୟାର୍ଥୀମାନଙ୍କୁ ପରିବେଶ ସହିତ ଯୋଡ଼ିବା ପାଇଁ ଆଉ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଏହା ଅନ୍ତର୍ଗତ ପ୍ରତ୍ୟେକ ଅକ୍ଷର ଗ୍ରାଜୁଏଟ୍ ବିଦ୍ୟାର୍ଥୀଙ୍କୁ ପରିବେଶ ଶିକ୍ଷା ପ୍ରଦାନ କରାଯିବ । ଏଥିରେ ପରିବେଶ ଜଡ଼ିତ ଆଶଙ୍କା ପ୍ରତି ସଚେତନ କରିବା ସହିତ ପରିବେଶ ଅନୁକୂଳ ଜୀବନ ଶୈଳୀ ଆପଣାଇବା ଶିକ୍ଷା ଦିଆଯିବ । ଏହି ଶିକ୍ଷା ଲାଭ ପାଇଁ ବିଦ୍ୟାର୍ଥୀମାନଙ୍କୁ ଚାରି ଅତିରିକ୍ତ କ୍ରେଡିଟ୍ ମାର୍କ ମଧ ମିଳିବ । ଯାହା କୋର୍ସ ଶେଷ ପରେ ମାର୍କ ତାଲିକାରେ ସାମିଲ୍ ହେବ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜକୁ ପତ୍ର ଲେଖି ଅଣ୍ଡର ଗ୍ରାଜୁଏଟ୍ ସ୍ତରରେ ଅଧ୍ୟୟନ କରୁଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ପରିବେଶ ଶିକ୍ଷା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ଏଥି ସହିତ ଆୟୋଗ ଏହି ସ୍ତରରେ ଅଧ୍ୟୟନ ପାଇଁ ପ୍ରସ୍ତୁତ କରାଯାଇଥିବା ପାଠ୍ୟକ୍ରମକୁ ମଧ ଜାରି କରିଛନ୍ତି । ଏଥିରେ ଜଳବାୟୁ ପରିବର୍ତ୍ତନ, ବର୍ଜ୍ୟବସ୍ତୁ ପରିଚାଳନା, ଜୈବ ବିବିଧତା, ସଂରକ୍ଷଣ, ମାନବ ଓ ପରିବେଶ ମଧ୍ୟରେ ତାଳମେଳ ସହିତ ପରିବେଶ ସହିତ ଜଡ଼ିତ ସ୍ଥାନୀୟ ପ୍ରସଙ୍ଗ, ପ୍ରଦୂଷଣ, ଏହାର ପ୍ରତିକୂଳ ପ୍ରଭାବ, ପରିବେଶ ଜନିତ ଆଇନ୍ ଭଳି ବିଷୟବସ୍ତୁ ରଖାଯାଇଛି । ଜାତୀୟ ଶିକ୍ଷା ନୀତିରେ ସମସ୍ତ ବିଦ୍ୟାର୍ଥୀଙ୍କୁ ଅନିବାର୍ଯ୍ୟ ରୂପେ ପରିବେଶ ଜଡ଼ିତ ଶିକ୍ଷା ପ୍ରଦାନର ପ୍ରୟାସ ପରେ ୟୁଜିସି ଏହି ପାଠ୍ୟକ୍ରମ ପ୍ରସ୍ତୁତ କରିଛି । ସୂଚନାଯୋଗ୍ୟ ଯେ ବିଦ୍ୟାର୍ଥୀମାନଙ୍କ ପାଇଁ ପରିବେଶ ଶିକ୍ଷା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଆରମ୍ଭ କରାଯାଇଥିଲା । ହେଲେ ବର୍ତ୍ତମାନ ମୁଖ୍ୟ ଏହା ପାଠ୍ୟକ୍ରମ ଢାଞ୍ଚାରେ ଲାଗୁ କରାଯାଇନଥିଲା । ୟୁଜିସି ଦ୍ୱାରା ବର୍ତ୍ତମାନ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବା ପରେ ଏହାର ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ ମଧ ପ୍ରସ୍ତୁତ କରାଯାଉଛି । ଯାହାଫଳରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପରିବେଶ ଅଧ୍ୟୟନ ପାଇଁ ସଚେତନତା ସୃଷ୍ଟି ହେବା ସହିତ ଏହାର ସଂରକ୍ଷଣ ପାଇଁ ମଧ ବିଦ୍ୟାର୍ଥୀମାନେ ତତ୍ପର ହେବେ ବୋଲି ଆଶା କରାଯାଉଛି ।

## ଝରଣୀ ଛକରେ ମରଣଯନ୍ତା ପାଲଟିଛି ଶୁଖିଲାଗଛ:ପ୍ରଶାସନ ନିରବ ଦ୍ରଷ୍ଟା

କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ



ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ରାସ୍ତା କଡ଼ରେ ଥିବା ଶୁଖିଲା ଗଛ ଗୁଡ଼ିକ ବାଟୋଇଙ୍କ ଉପରେ ପଡ଼ିଯିବାରୁ ଲୋକଙ୍କ ଅକାରଣେ ଜୀବନ ଚାଲିଯାଉଛି । ଜୀବନ ଗଲାପରେ ପ୍ରଶାସନ ଚିନ୍ତାକଲେ ଲାଭ କଣ । ସୂଚନାଯୋଗ୍ୟ ଯେ ତୁରେକେଲା ବ୍ଲକ ଅଫିସ ଯିବା ଆସିବା କରିବା ପାଇଁ ହଜାର ହଜାର ଲୋକ ପ୍ରତିଦିନ ଏହି ରାସ୍ତା ଉପରେ ଯାଇଥାନ୍ତି । ପ୍ରତିଦିନ ଝରଣୀ ଓ ଏ ଭି ସ୍କୁଲକୁ ଶତାଧିକ ଛାତ୍ର ଛାତ୍ରୀ ଯିବା ଆସିବା କରୁଛନ୍ତି । ଝରଣୀ ଅଞ୍ଚଳର ଛାତ୍ରଛାତ୍ରୀମାନେ ଏହି ଗଛ ମୂଳରୁ ବସ୍ ମାଧ୍ୟମରେ କଣ୍ଟାବାଞ୍ଜି କଲେଜକୁ ଯିବା ଆସିବା କରୁଛନ୍ତି । ସାମ୍ନାରେ ଏକ ହୋଟେଲ୍ ଅଛି । ଶହ ଶହ ଲୋକ ପ୍ରତିଦିନ ଏହି ହୋଟେଲକୁ ଟିଫିନ୍ ଖାଇବା ପାଇଁ ଆସନ୍ତି । ଏହିଭଳି ବ୍ୟସ୍ତ ବହୁଳ ଛକ ରାସ୍ତାରେ ବିପଦ ସଙ୍କୁଳ ଶୁଖିଲା ଗୁହୁରିଆ ଗଛ ଦେଖି ଲୋକେ ଭୟଭୀତ ଅବସ୍ଥାରେ ଯିବାଆସିବା କରୁଛନ୍ତି । ଚାରି ମାସ ହେବ ଝରଣୀ ଗ୍ରାମର ଲୋକେ ଏହି ଗଛକୁ କାଟିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କେହି ଧ୍ୟାନ ଦେଉନାହାନ୍ତି । ତୁରନ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନ ଯୁଦ୍ଧ କାଳୀନ ଭିତ୍ତିରେ ପଦକ୍ଷେପ ନେଇ ଲୋକଙ୍କ ଜୀବନପ୍ରତି ବିପଦ ସଙ୍କୁଳ ଥିବା ଗଛଟିକୁ ଉଦ୍ଧାର କରିବାକୁ ସମଗ୍ର ଝରଣୀ ବାସୀଙ୍କ ଦାବି ହେଉଛି ।

## ଯୋଗାଣ ବିଭାଗ ପକ୍ଷରୁ ନିଲାମ ହେବ ଅର୍ପଣ ଚାଉଳ

ପୁରୀ, ନ୍ୟୁଜ୍ ବ୍ୟୁରୋ

ନିଲାମ ହେବ ମହାପ୍ରଭୁଙ୍କ ଅର୍ପଣ ଚାଉଳ । ମହାପ୍ରସାଦ ପାଇଁ ଗଚ୍ଛିତ ମହାପ୍ରଭୁଙ୍କ ଅର୍ପଣ ଚାଉଳ ନଷ୍ଟ ହୋଇଯାଉଥିବାରୁ ଶେଷରେ ଏହାକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଛନ୍ତି ଜିଲ୍ଲା ପ୍ରଶାସନ । ଏ ସଂକ୍ରାନ୍ତରେ ଯୋଗାଣ ବିଭାଗର ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ସୁଆର ମହାସୁଆର ନିଯୋଗ ସହ ଆଲୋଚନା ହୋଇଛି । ନିଲାମ ଅର୍ଥ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି । ଚାଉଳର ମାନ ସେତେଟା ଭଲ ନଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଥିଲେ, ପୂର୍ବରୁ ଗଚ୍ଛିତ ଅର୍ପଣ ଚାଉଳ ଉପରେ ରାଜ୍ୟ ସରକାରଙ୍କୁ ଦୁଇଟି ପ୍ରସ୍ତାବ ଦିଆଯାଇଥିଲା । ଯେଉଁଥିରେ ଗୋଟିଏ ପ୍ରସ୍ତାବ ଥିଲା, ଏହାକୁ ବିକ୍ରି କରି ଶ୍ରୀମନ୍ଦିର ପ୍ରଶାସନକୁ ଏହି ଅର୍ଥ ପ୍ରଦାନ କରିବା ଅବା ଅନ୍ୟଟି କୌଣସି ଅନାଥାଶ୍ରମ ଅବା ଅନାଥାଶ୍ରମକୁ ଏହି ଚାଉଳ ପ୍ରଦାନ କରିବା । ରାଜ୍ୟ ସରକାର ଏହି ଚାଉଳକୁ ବିକ୍ରି କରି ଥିବା ନିଲାମ କରିବାକୁ ଅନୁମତି ଦେଇଛନ୍ତି । ଖୁବ୍ ଶୀଘ୍ର ଯୋଗାଣ ବିଭାଗ ପକ୍ଷରୁ ନିଲାମ ପାଇଁ ବିଜ୍ଞପ୍ତି ଜାରି ହେବ । ନିଲାମରେ ଅଂଶଗ୍ରହଣ କରୁଥିବା ମିଲର୍ ତଥା ବ୍ୟକ୍ତିମାନେ ପ୍ରଥମେ ଯେଉଁ ସ୍ଥାନରେ ଚାଉଳ ଗଚ୍ଛିତ ରଖାଯାଇଛି, ସେ ସ୍ଥାନ ପରିଦର୍ଶନ କରିବେ ଓ ପରେ ସେହିଠାରେ ହିଁ ଏହାର ନିଲାମ୍ (ସ୍ପଟ୍ ଅକ୍ସନ୍) ହେବ । ଯିଏ ଅଧିକ ଟଙ୍କା ଦେବାକୁ ରାଜି ହେବେ, ତାଙ୍କୁ ଅର୍ପଣ ଚାଉଳ ଦିଆଯିବ । ଚାଉଳ ନମୁନା ଦେଖିବାକୁ ଆମେ ୧୫ ଦିନ ସମୟ ଦେବୁ । ଏହି ୧୫ ଦିନ ଭିତରେ ନିଲାମରେ ଅଂଶଗ୍ରହଣ କରୁଥିବା ମିଲର୍ ଅବା ବ୍ୟକ୍ତିମାନେ ଆସି ଚାଉଳ ଦେଖିପାରିବେ । ପରେ ଧାର୍ଯ୍ୟ ତାରିଖରେ ଏହାର ନିଲାମ ହେବ । ବର୍ତ୍ତମାନ ଚାଉଳର ମାନ ସେତେଟା ଭଲ ନାହିଁ । କିନ୍ତୁ ଏହାକୁ ଲୋକେ ଖାଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି । ସୂଚନାଯୋଗ୍ୟ, ସାରା ରାଜ୍ୟରୁ ଅର୍ପଣ ରଥ ଜରିଆରେ ସମୁଦାୟ ୧୪୦୧୭.୨୩ କ୍ୱିଣ୍ଟାଲ୍ ଅର୍ପଣ ଚାଉଳ ସଂଗ୍ରହ ହୋଇ ପୁରୀକୁ ଆସିଥିଲା । ଏଥିରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ୪୬୧୦.୪୪ କ୍ୱିଣ୍ଟାଲ୍, ଅକ୍ଷୟପାତ୍ର ଫାଉଣ୍ଡେସନରେ ୨୬୧୮.୦୭ କ୍ୱିଣ୍ଟାଲ୍ ଓ ଯୋଗାଣ ବିଭାଗର ପୁରୀ ଗୋଦାମ୍‌ରେ ୬୭୮୮.୭୨ କ୍ୱିଣ୍ଟାଲ୍ ଚାଉଳ ଗଚ୍ଛିତ ରଖାଯାଇଥିଲା । ସେହିଭଳି ୩୯୪୯ଟି ନଡ଼ିଆ ଓ ୪୨୬ ବସ୍ତା ଗୁଆ ମିଳିଥିଲା । ଶ୍ରୀଗୁଣ୍ଡିଚା ମନ୍ଦିରରେ ୧୫୦ ବସ୍ତା ଓ ଅକ୍ଷୟପାତ୍ର ଫାଉଣ୍ଡେସନରେ ୨୭୬ ବସ୍ତା ଗୁଆ ଗଚ୍ଛିତ ରଖାଯାଇଥିଲା । ଇତିମଧ୍ୟରେ କେବଳ ଶ୍ରୀଗୁଣ୍ଡିଚା ମନ୍ଦିରରେ ଥିବା ଚାଉଳରୁ ୩୮୫୬.୮୪ କ୍ୱିଣ୍ଟାଲ୍ ସୁଆର ମହାସୁଆର ନିଯୋଗଙ୍କୁ ପ୍ରଦାନ କରାଯାଇଛି ଆଉ ୭୫୩.୦୭ କ୍ୱିଣ୍ଟାଲ୍ ଚାଉଳ ଶ୍ରୀଗୁଣ୍ଡିଚା ମନ୍ଦିରରେ ଗଚ୍ଛିତ ରଖାଯାଇଥିବା ବେଳେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏଭଳି ବର୍ତ୍ତମାନ ୧୦୧୬୦.୩୯ କ୍ୱିଣ୍ଟାଲ୍ ଚାଉଳ ବଳକା ରହିଛି । ପୂର୍ବରୁ ଅର୍ପଣ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରି ବାଣ୍ଟିବାକୁ ନିଷ୍ପତ୍ତି ହୋଇଥିଲା । ସେହି ଅନୁସାରେ ମହାପ୍ରସାଦ ପ୍ରସ୍ତୁତ କରି ଗରିବଦ୍ୱାରରେ ବଣ୍ଟାଯାଉଥିଲା । କିନ୍ତୁ ସରକାର ବଦଳିବା ପରେ ମହାପ୍ରସାଦ ପ୍ରସ୍ତୁତି ଓ ବଣ୍ଟନ ବନ୍ଦ ହୋଇଯାଇଥିଲା । ଫଳରେ ଚାଉଳ ସବୁ ପଡ଼ିପଡ଼ି ନଷ୍ଟ ହୋଇଥିଲା ।



## ଗଜଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୋନପୁର ସହରର ଘୋଡ଼ାଘାଟପଡା ଠାରେ ଚଳିତ ବର୍ଷ ଅକ୍ଟୋବର ମାସ ୧୬ ତାରିଖରେ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବାପୁଜୀ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତ ବର୍ଷ ନୂତନ କମିଟି ଗଠନ କରାଯାଇଛି । ଏହି କମିଟିର ନୂତନ କର୍ମକର୍ତ୍ତା ଚୟନ ମଧ କରାଯାଇଛି । ନୂତନ ସଭାପତି ଭାବେ ସତ୍ୟଜିତ ସାହୁ, ସମ୍ପାଦକ, ତାପସ ରଞ୍ଜନ ମହାନ୍ତି, ଉପସଭାପତି-ତ୍ରିଲୋଚନ ପାଣିଗ୍ରାହୀ, କୋଷାଧକ୍ଷ-ସୁବଳ ବାରିକ, ସାଂସ୍କୃତିକ ସମ୍ପାଦକ-ତରଣୀସେନ ମେହେର ନିର୍ବାଚିତ ହୋଇଛନ୍ତି । ବିଗତ ବର୍ଷ ଭଳି ଏହି ବର୍ଷ ଖୁବ୍ ଧୁମ୍‌ଧାମ୍‌ରେ ପାଳନ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ପୂର୍ବତନ ସମ୍ପାଦକ ସୁମିତ ପୂଝାରୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଶେଷରେ ନୂତନ ସଭାପତି ସଭାକୁ ଧନ୍ୟବାଦ ଦେଇଥିଲେ । ନୂତନ ଉପଦେଷ୍ଟା କମିଟି ମଧ ଗଠନ ହୋଇଥିଲା । ହିମାଂଶୁ ଶତପଥୀ, ଜିତେନ୍ଦ୍ର ସାହୁ, ଶ୍ରୀବତ୍ସ ମଲ୍ଲିକ୍, ପ୍ରଭାତ କିଶୋର ଦାନୀ, ଯଶୋବନ୍ତ ମହଲା, ରାମକୃଷ୍ଣ ଦାଶ, ଭିକାରୀ ଗୁରୁ, ବଳରାମ ଠାକୁର ଏଥିରେ ସହଯୋଗ କରିଥିଲେ । ରାକା ପଟ୍ଟନାୟକ, ରାମ ମେହେର, ମୃଣାମୟ ସିଂ ବକ୍ସି, ସୁଧିର ପଣ୍ଡା, ରାଜା ପାଣିଗ୍ରାହୀ, ଆକାଶ ବିଦ୍ୟାଧର, ଆଶିଷ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## କୁପୋଷଣ ଦୂର ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ



ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସଭାବନା ଗୃହ ଠାରେ ଜଗତସିଂହପୁର ଜିଲ୍ଲା ସ୍ତରୀୟ ପୋଷଣ ମାସ ପାଳନ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଉପ ଜିଲ୍ଲାପାଳ ବିବୁଧ ଗଡ଼ନାୟକ ଅଧକ୍ଷତା କରି କହିଥିଲେ ଯେ, ଜିଲ୍ଲାର କୌଣସି ସ୍ଥାନରେ ଯେପରି କୌଣସି ମା' କିମ୍ବା ଶିଶୁ କୁ-ପୋଷଣର ଶିକାର ନହୁଅନ୍ତୁ ତାହା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଉତ୍ତମ ପୋଷଣ - ସୁସ୍ଥ ଜୀବନ ପ୍ରସଙ୍ଗକୁ ଭିତ୍ତି କରି ଏହି କାର୍ଯ୍ୟକ୍ରମରେ ଅନ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଲ ଅଫିସର ଜଗନ୍ନାଥ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡେପୁଟୀ ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ରାଧାକୃଷ୍ଣ କ୍ଲବ ସେକ୍ରେଟାରୀ ପୂର୍ଣ୍ଣଚନ୍ଦ୍ର ମଲ୍ଲ ଉପସ୍ଥିତ ଥିଲେ । ସମସ୍ତଙ୍କୁ ସୁଷମ ଖାଦ୍ୟ, ସ୍ୱାସ୍ଥ୍ୟ ପ୍ରଦ ଜୀବନ ଶୈଳୀ ଏବଂ ସ୍ୱଚ୍ଛ ପରିବେଶ ହିଁ କୁପୋଷଣକୁ ଦୂର କରି ଏକ ସୁସ୍ଥ ସମାଜ ଗଠନ କରିପାରିବ ବୋଲି କହିଥିଲେ । ସୂଚନା ଥାଉକି ସେପ୍ଟେମ୍ବର ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ପୋଷଣ ମାସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରକ୍ତ ହୀନତା, ଏହାର ପରୀକ୍ଷା, ଚିକିତ୍ସା ବିଷୟରେ ଆଲୋଚନା କରିବା, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଆଞ୍ଚଳିକ ତଥା ମିଲେଟ୍ ବା କ୍ଷୁଦ୍ର ଖାଦ୍ୟ ଶସ୍ୟ ସାମିଲ୍ କରିବା, ଶିଶୁର ଅଭିବୃଦ୍ଧି ନିରୀକ୍ଷଣ କରିବା ସହିତ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ୍ ହେବା ଆଦି ବିଷୟରେ ଆଲୋଚନା ହୋଇଥିଲା । ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ରୀ ଗଡନାୟକ ପାରିପାର୍ଶ୍ୱିକ ସୁରକ୍ଷା ପାଇଁ ମାଟି, ପାଣି ଓ ପରିବେଶର ଯତ୍ନ ନେବା, ଆଶା ଓ ଅଙ୍ଗନବାଡି କର୍ମୀମାନେ ନିଜର ଦାୟିତ୍ୱ ପ୍ରତି ଯଥେଷ୍ଟ ଯତ୍ନବାନ ହେବାପାଇଁ ଓ ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ସହିତ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ, ଡିପିସି ମିଶନ ଶକ୍ତି, ଜିଲ୍ଲାର ସମସ୍ତ ସିଡିପିଓ, ଅଙ୍ଗନବାଡି ସୁପର ଭାଇଜର, କର୍ମୀ, ପୋଷଣ ଜିଲ୍ଲା କୋର୍ଡିନେଟର, ବ୍ଲକ କୋର୍ଡିନେଟରଙ୍କ ସମେତ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଏହି ସାଧାରଣ ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡିପିସି ମମତା ତପସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଶାସନିକ ଅବହେଳାରୁ ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ଭତ୍ତା

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ସରକାର ବୃଦ୍ଧବୃଦ୍ଧା ମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା, ସ୍ୱାମୀ ପରିତ୍ୟକ୍ତ ମହିଳା ମାନଙ୍କ ପାଇଁ ସ୍ୱାମୀ ପରିତ୍ୟକ୍ତ ଭତ୍ତା, ବିକଳାଙ୍ଗ ମାନଙ୍କ ବିକଳାଙ୍ଗ ଭତ୍ତା ଓ ବିଧବା ମହିଳା ମାନଙ୍କ ପାଇଁ ବିଧବା ଭତ୍ତା ଭଳି ଅନେକ ଯୋଜନା କରିଛନ୍ତି । ହେଲେ ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ବହୁ ଗରିବ ଯୋଗ୍ୟ ହିତାଧିକାରୀ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଦୟନୀୟ ଜୀବନଯାପନ କରୁଥିବା ଦେଖିବାକୁ ମିଳୁଛି । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗାଁରେ । ମଗଡ଼ିଙ୍ଗିଆ ଗାଁ କପୁଗୁଡ଼ା ସାହିର ପୁରନ୍ତି ପ୍ରଧାନ ବୟସ ୪୯ । ଆଜକୁ ପ୍ରାୟ ସାତ ମାସ ତଳେ ପୁରନ୍ତି ପ୍ରଧାନଙ୍କ ସ୍ୱାମୀ ହରିଶ୍ଚନ୍ଦ୍ର ପ୍ରଧାନ ତିନୋଟି ସନ୍ତାନଙ୍କୁ ପୁରନ୍ତି ପ୍ରଧାନଙ୍କ ଦାୟିତ୍ୱରେ ଛାଡ଼ି ଆରପାରିକୁ ଚାଲିଗଲା । ସ୍ୱାମୀଙ୍କ ମୃତ୍ୟୁ ପରେ ପୁରନ୍ତି ପ୍ରଧାନଙ୍କ ପାଇଁ ସବୁ ରାସ୍ତା ବନ୍ଦ ହୋଇଗଲା । ସେ ନିଜେ କେମିତି ବଞ୍ଚିବେ ଓ ତିନି ଜଣଙ୍କୁ କେମିତି ପାଳିବେ ସେ ଚିନ୍ତାରେ ଘାଣ୍ଟି ହୋଇଗଲେଣି । ସରକାର ବିଧବା ମାନଙ୍କୁ ଭତ୍ତା ଦେଉଥିବା ଜାଣି ସାତ ମାସ ହେଲାଣି ବ୍ଲକ ଓ ଜିଲ୍ଲାପାଳ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡୁଛନ୍ତି । ହେଲେ ଆଜିଯାଏ ସେ ବିଧବା ଭତ୍ତା ଖଣ୍ଡିକ ପାଇପାରିଲେନାହିଁ । ଏପରିକି ପରିବାରର ଚାରି ସଦସ୍ୟ ଅଛନ୍ତି । ଚଳାଚଳରେ ଅସୁବିଧା ହେବାରୁ ଏବେ ସେ ଚାରି ଜଣଙ୍କ ସହିତ ବଣ୍ଡଗୁଡ଼ା ପଞ୍ଚାୟତ ଅଧିନରେ ଥିବା କପୁଗୁଡ଼ା ସାହିରେ ଥିବା ନିଜ ଘରେ ଆଶ୍ରୟ ନେଇଛନ୍ତି । ପ୍ରଶାସନ ଉକ୍ତ ମହିଳାଙ୍କୁ ଯଥାଶୀଘ୍ର ବିଧବା ଭତ୍ତା ଯୋଗେଇ ଦେବାକୁ ସାଧାରଣରେ ଦାବି ହେଉଛି । ଏ ବିଷୟରେ ପଞ୍ଚାୟତ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ପୁରନ୍ତି ପ୍ରଧାନଙ୍କୁ ବିଧବା ଭତ୍ତା ପାଇଁ ଅନ୍‌ଲାଇନ୍‌ରେ ଆବେଦନ ପତ୍ର ଦିଆହୋଇଛି । ତାଙ୍କର କାଗଜପତ୍ର ସମ୍ପୂର୍ଣ୍ଣ ହେଲେ ଭତ୍ତା ମିଳିଯିବ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି । ବର୍ତ୍ତମାନ ପ୍ରଶାସନ କେବେ ପୁରନ୍ତି ପ୍ରଧାନଙ୍କୁ ଭତ୍ତା ଯୋଗାଇ ଦେବ ଦେଖିବାକୁ ବାକିରହିଲା ।

## ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣି:୨୪୫ ମାମଲା ପଞ୍ଜିକୃତ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୪୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୨୨ ଗୋଟି ଗ୍ରହଣ କରାଯାଇଥିବା ବେଳେ ୨୩ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ରାମଗୋପାଳ ହୋତାଙ୍କୁ ଶିଶୁଙ୍କ ଶିକ୍ଷା ସହାୟତା ନିମନ୍ତେ ୬୦୦୦ ଟଙ୍କା, ଶ୍ରୀଧର ନାଏକଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ନିମନ୍ତେ ୫୦,୦୦୦ ଟଙ୍କା ଓ ନରେନ୍ଦ୍ର ମେହେରଙ୍କୁ ଅନ୍ତିମ ସଂସ୍କାର ସହାୟତା ଓ ମୃତ୍ୟୁ କାଳୀନ ସହାୟତା ନିମନ୍ତେ ୫୦୦୦ ଟଙ୍କା ଓ ୨ ଲକ୍ଷ ଟଙ୍କାର ଶ୍ରମିକ କଲ୍ୟାଣ ଆର୍ଥିକ ସହାୟତାର ଡେମୋ ଚେକ୍ ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଏଥିସହ ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ହିତାଧିକାରୀଙ୍କୁ ଜିଲ୍ଲା ଶ୍ରମ ବିଭାଗ ତରଫରୁ ୧୧ ଜଣଙ୍କୁ ଝିଅ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା, ୨ ଜଣଙ୍କୁ ମେଟରନିଟି ସହାୟତା, ୨୦ ଜଣଙ୍କୁ ଶିକ୍ଷା ନିମନ୍ତେ ସହାୟତା, ୩ ଜଣଙ୍କୁ ମୃତ୍ୟୁ କାଳୀନ ସହାୟତା ଓ ୬ ଜଣଙ୍କୁ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ ଅର୍ଥ ରାଶି ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଭାଗ ତରଫରୁ ସମୁଦାୟ ବିଭିନ୍ନ ୪୨ ଜଣଙ୍କୁ ମୋଟ୍ ଟ.୧୩ ଲକ୍ଷ ୦୪ ହଜାର ୪୦୦ ଶହ ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଞ୍ଚୟ ଖାତାକୁ ଅନ୍‌ଲାଇନ୍ ଯୋଗେ ପ୍ରଦାନ କରାଯାଇଛି । ଅତିରିକ୍ତ ବିଡିଓ ଡୁଙ୍ଗୁରିପାଲି ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧକ୍ଷା ଅହଲ୍ୟା ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୁପା ରଥ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟାଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ଆରଡବ୍ଲୁଏସଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରବୀର ସାମଲ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ତହସିଲଦାର ରାମପୁର ବିମଳ ପାତ୍ର, ଡେପୁଟି କଲେକ୍ଟର ଗ୍ରୀଭେନ୍‌ସ ଶୁଭଶ୍ରୀ ରଥ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।



## କେନ୍ଦୁଝର ଜିଲ୍ଲା ବିଜେପିର ସଦସ୍ୟତା ଅଭିଯାନ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ପ୍ରଦେଶ ଭାଜପା ସମବାୟ ପ୍ରକୋଷ୍ଠ ସହ ସଂଯୋଜକ ଇଂ ଅଜୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ସହଯୋଗରେ ସୋମବାର ଦିନ କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ କେନ୍ଦୁଝର ସମବାୟ, ପ୍ରକୋଷ୍ଠର ସଦସ୍ୟତା ଅଭିଯାନ ଉପଲକ୍ଷେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଭାଜପାର ପ୍ରଦେଶ ସ୍ତରୀୟ ନେତୃବୃନ୍ଦ ଜିଲ୍ଲା ସମବାୟ ପ୍ରକୋଷ୍ଠରେ ଉପସ୍ଥିତ ଥିବା ଭାଜପାର କାର୍ଯ୍ୟକର୍ତ୍ତା ମାନଙ୍କୁ ସମ୍ବୋଧିତ କରିଥିଲେ । ଏହି କର୍ମଶାଳାରେ ପୂର୍ବତନ ସମବାୟ ମନ୍ତ୍ରୀ ଅରବିନ୍ଦ ଢାଲି, ପ୍ରଦେଶ ମୁଖ୍ୟ ପ୍ରବକ୍ତା ସଜ୍ଜନ ଶର୍ମା, ପାଟଣା ବିଧାୟକ ଅଖିଳ ନାଏକ, ପ୍ରଦେଶ ସଂଯୋଜକ ଶ୍ରୀରଂଜନ ମଙ୍ଗରାଜ, ପ୍ରଦେଶ ସହ ସଂଯୋଜକ ରଣଜିତ ଆଚାର୍ଯ୍ୟ, ପ୍ରଦେଶ ସହ ସଂଯୋଜକ କଲ୍ୟାଣ ଚାଟାର୍ଜୀ ଓ କେନ୍ଦୁଝର ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ଉପସ୍ଥିତ ରହି ଭାଜପାର ସଦସ୍ୟତା ଅଭିଯାନକୁ ଗତିଶୀଳ କରିବା ପାଇଁ ଆହ୍ୱାନ ଦେଇଥିଲେ । କର୍ମଶାଳାରେ ପୂର୍ବତନ ସମବାୟ ମନ୍ତ୍ରୀ ଅରବିନ୍ଦ ଢାଲି କହିଥିଲେ ମୋହନ ସରକାର ସମବାୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି । କେନ୍ଦୁଝର ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଭୁପାଦ ମିଶ୍ର ଏବଂ କେନ୍ଦୁଝର ଜିଲ୍ଲା ସମବାୟ ପ୍ରକୋଷ୍ଠର ସମସ୍ତ କାର୍ଯ୍ୟକର୍ତ୍ତା ମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ଅକ୍ଟୋବର ୧୪ରୁ ଶ୍ରୀମନ୍ଦିରରେ ଶ୍ରୀଜୀୟୁଙ୍କ ରାଧାଦାମୋଦର ବେଶ

ପୁରୀ, ନ୍ୟୁଜ୍ ବ୍ୟୁରୋ

ଅକ୍ଟୋବର ୧୪ରୁ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ବାଲଧୂପ ନୀତି ସହ ମହାପ୍ରଭୁଙ୍କ ରାଧା ଦାମୋଦର (ରାଇଦାମୋଦର) ବେଶ୍ ଆରମ୍ଭ ହେବ । ପ୍ରତିବର୍ଷ ଭଳି ଚଳିତବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ମାସେ ବ୍ୟାପି ପ୍ରତିଦିନ ଶ୍ରୀବିଗ୍ରହ ରାଧାଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସ୍ଥିର ହୋଇଛି । କାର୍ତ୍ତିକ ମାସରେ ରାଇଦାମୋଦର ବ୍ରତ ବା ହବିଷ୍ୟାଳି ବ୍ରତ ପାଳନ ପାଇଁ ହଜାର ହଜାର ସଂଖ୍ୟାରେ ହବିଷ୍ୟାଳି ଶ୍ରୀକ୍ଷେତ୍ରକୁ ଆସିବେ । ଏଣୁ କାର୍ତ୍ତିକ ନୀତିକାନ୍ତି ଓ ହବିଷ୍ୟାଳିଙ୍କ ରହଣିକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବା ଲାଗି ପଦକ୍ଷେପ ନିଆଯାଉଛି । ଏ ବର୍ଷ ଅଢ଼େଇ ହଜାର ହବିଷ୍ୟାଳିଙ୍କ ରହିବା ବ୍ୟବସ୍ଥା କରାଯିବ । ଯେଉଁମାନେ ପୂର୍ବରୁ ହବିଷ୍ୟାଳି ଯୋଜନାରେ ସାମିଲ୍ ହୋଇନାହାନ୍ତି, ସେମାନଙ୍କୁ ଏଥର ଅଗ୍ରାଧିକାର ଦିଆଯିବ ବୋଲି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ହବିଷ୍ୟାଳିଙ୍କ ରହଣି ଓ କାର୍ତ୍ତିକ ବ୍ରତ ନୀତିକାନ୍ତି ଉପରେ ସୋମବାର ଜିଲ୍ଲା ପ୍ରଶାସନର ପ୍ରାକ୍ ପ୍ରସ୍ତୁତି ବୈଠକ ହୋଇଥିବାର ସୂଚନା ଦେଇ ଜିଲ୍ଲାପାଳ କହିଥିଲେ, ସଂପୃକ୍ତ ସେବାୟତ ନିଯୋଗ ଓ ଅନ୍ୟ ଅଧିକାରୀଙ୍କ ସହ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି । ଚଳିତବର୍ଷ ହବିଷ୍ୟାଳି ମା'ମାନଙ୍କ ପାଇଁ ବୃନ୍ଦାବତୀ ନିବାସ, ଅକ୍ଷୟପାତ୍ର ଫାଉଣ୍ଡେସନ୍, ବାଗେଡ଼ିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପରେ ରହିବା ବ୍ୟବସ୍ଥା କରାଯାଉଛି । ହବିଷ୍ୟାଳି ମା'ମାନଙ୍କର ନାମ ପଞ୍ଜିକରଣ, ରହଣି, ସ୍ୱାସ୍ଥ୍ୟ ଓ ପରିମଳ, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସନ୍ଧ୍ୟାରେ ଭଜନ, ପ୍ରବଚନ ଆଦିର ସୁବ୍ୟବସ୍ଥା କରାଯିବ । ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ପଞ୍ଜିକରଣ ପୋର୍ଟାଲ୍‌ରେ ହବିଷ୍ୟାଳିଙ୍କ ନାମ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବ । ପ୍ରତି ଜିଲ୍ଲାରୁ ହବିଷ୍ୟାଳିମାନେ ଏଥିରେ ନାମ ପଞ୍ଜିକରଣ କରିପାରିବେ । ଯେଉଁମାନେ ପଞ୍ଜିକରଣ କରିବେ କେବଳ ସେହିମାନଙ୍କ ପାଇଁ ହବିଷ୍ୟାଳି କେନ୍ଦ୍ରରେ ରହିବାର ବ୍ୟବସ୍ଥା କରାଯିବ । ପଞ୍ଜିକରଣ ସମୟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରମାଣପତ୍ରକୁ ଗୁରୁତ୍ୱ ଦିଆଯାଇଛି । ହବିଷ୍ୟାଳି କେନ୍ଦ୍ରରେ ସ୍ୱତନ୍ତ୍ର ଚିକିତ୍ସା ସେବା, ହବିଷ୍ୟାଳି ମାମାନଙ୍କୁ ପରିଚୟପତ୍ର ପ୍ରଦାନ, ସହାୟକ ସ୍ୱେଚ୍ଛାସେବୀ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ ବ୍ୟବସ୍ଥା, ପାନୀୟଜଳ, ବିଦ୍ୟୁତ୍ ବ୍ୟବସ୍ଥା, ମହାପ୍ରସାଦ ବ୍ୟବସ୍ଥା, ନିୟନ୍ତ୍ରଣ କକ୍ଷ ଆଦିର ସୁବିଧା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉପସ୍ଥିତ ଥିଲେ ।

## ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବି

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ



ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବାଣୀପଦା ପଞ୍ଚାୟତରେ ରିଲାଏନ୍ସ ଓ ଅନ୍ୟ କମ୍ପାନୀ ଗୁଡ଼ିକ ଗ୍ରାମ ଜଙ୍ଗଲ, ଗୋଚର ଜମି, ଖେଳପଡ଼ିଆ ମଶାଣି ଜମିକୁ ଅକ୍ତିୟାର କରିନେଇଥିବା ଅଭିଯୋଗ କରି ଏହି ଜବରଦଖଲକୁ ଉଚ୍ଛେଦ କରି ଗ୍ରାମବାସୀଙ୍କ ମୌଳିକ ଅଧିକାରକୁ ଫେରାଇ ଦେବାପାଇଁ ବାଣୀପଦା ଗ୍ରାମବାସୀ ମାନେ କଟକ ସାଂସଦଙ୍କ ନିକଟରେ ଦାବି କରିଛନ୍ତି । ବାଣୀପଦା ପଞ୍ଚାୟତ ସୁରକ୍ଷା କମିଟିର ଆହ୍ୱାନରେ ବାଣୀପଦାରେ ଆୟୋଜିତ ଏକ ସାଧାରଣ ସଭାରେ ସାଂସଦ ଭର୍ତ୍ତୃହରି ମହତାବ ଯୋଗଦେଇ ଗ୍ରାମବାସୀଙ୍କ ତରଫରୁ ଏ ସମ୍ପର୍କିତ ଦାବିପତ୍ର ଗ୍ରହଣ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଏହି ଗ୍ରାମରେ ୮୦ ପ୍ରତିଶତ ଲୋକ ଚାଷ କାର୍ଯ୍ୟ ଓ ଗୋପାଳନ ଉପରେ ନିର୍ଭରଶୀଳ । ଏଥିପାଇଁ ଗ୍ରାମପାର୍ଶ୍ୱରେ ଥିବା ଗୋଚର, ମଶାଣି, ଖେଳ ପଡ଼ିଆ, ଗ୍ରାମ ଜଙ୍ଗଲ, ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳ ପାଇଁ ଥିବା ଆବାଦଯୋଗ୍ୟ ଅନାବାଦି ଓ ବସ୍ତିଯୋଗ୍ୟ ଅନାବାଦି ଜମିକୁ ଇଡ଼କୋ ନିଜ ଅକ୍ତିୟାରକୁ ନେଇ ବିଭିନ୍ନ କମ୍ପାନୀକୁ ପ୍ରଦାନ କରି ଦେଇଛନ୍ତି । ଏପରିକି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ଦୀର୍ଘ ଦିନ ଧରି ବସବାସ କରୁଥିବା ସାହିକୁ ଯିବା ଆସିବା ପାଇଁ ରାସ୍ତାକୁ ମଧ ଦଖଲ କରି ନିଆଯାଇଛି । ଫଳରେ ଗ୍ରାମବାସୀମାନେ ନାନା ଅସୁବିଧାର ସମ୍ମୁଖୀନ ହେବା ସହିତ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧକୁ ଠେଲି ହୋଇଯାଉଥିବା ଉପସ୍ଥିତ ଜନତା ଅଭିଯୋଗ କରିଥିଲେ । ସାଂସଦ ଶ୍ରୀ ମହତାବ ଅଭିଯୋଗପତ୍ର ଗ୍ରହଣ କରି ଲୋକମାନଙ୍କ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହିତ ଗ୍ରାମବାସୀଙ୍କ ମୌଳିକ ସୁବିଧାର ସୁରକ୍ଷା ପାଇଁ ପ୍ରଶାସନିକ ସ୍ତରରେ ଉପଯୁକ୍ତ ପଦକ୍ଷେପ ନେବାପାଇଁ ସଭାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ମାନଙ୍କୁ ପ୍ରସ୍ତାବ ଦେଇଥିଲେ । ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଏଡ଼ିଏମ୍ ଉମାକାନ୍ତ ରାଜ, ଇଡ଼କୋ ଅଧିକାରୀ ପରିକ୍ଷିତ ମହାଳିକ, ସୁସ୍ନାତା ମହାନ୍ତି, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଆଇଆଇସି ବିଶ୍ୱରଞ୍ଜନ ସାହୁ, ଗ୍ରାମ ସୁରକ୍ଷା କମିଟି ସଭାପତି ଜୟନ୍ତ କୁମାର ସ୍ୱାଇଁ, ସମ୍ପାଦକ ପ୍ରଦୀପ ସ୍ୱାଇଁ, ଭାଜପା ମଣ୍ଡଳ ସମ୍ପାଦକ ବିଜୟ ବଳଙ୍କ ସମେତ ଗ୍ରାମର ବହୁସଂଖ୍ୟକ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶରତ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଡ଼କ ସୁରକ୍ଷା ନାଁରେ ୟୁପି ଗ୍ୟାଙ୍ଗର ଆତଙ୍କରାଜ୍

କଟକ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସୀମାନ୍ତବର୍ତ୍ତୀ ଜିଲ୍ଲା ଓ ଖଣି ଅଞ୍ଚଳରେ ଉତ୍ତରପ୍ରଦେଶ ଗାଜିଆବାଦ୍‌ର ଏକ ଠକ ଗ୍ୟାଙ୍ଗ୍ ଆତଙ୍କ ସୃଷ୍ଟି କରିଛନ୍ତି । ଏହି ଗ୍ୟାଙ୍ଗ୍ ରାଜପଥରେ ଯାଉଥିବା ଭାରୀଯାନକୁ ଅଟକାଇ ସେମାନଙ୍କୁ ସଡ଼କ ସୁରକ୍ଷା କର୍ମଚାରୀ ପରିଚୟ ଦେଇ ଟଙ୍କା ଆଦାୟ କରୁଛନ୍ତି । ଏଭଳି ସମ୍ବେଦନଶୀଳ ଘଟଣା ପରିବହନ କମିଶନରଙ୍କ ଦୃଷ୍ଟିକୁ ଆସିବା ପରେ ସମସ୍ତ ଆର୍‌ଟିଓଙ୍କୁ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଠକ ଗ୍ୟାଙ୍ଗ ମୁଖ୍ୟତଃ ଟ୍ରକ୍ ଓ ବସ୍‌କୁ ଟାର୍ଗେଟ୍ କରୁଛନ୍ତି । ୨୦୧୨-୧୩ରେ କଟକ-ଅନୁଗୁଳ ରାଜପଥରେ ଯାଉଥିବା ଭାରିଯାନକୁ ଅଟକାଇ ରେଡିୟମ୍, ଫାଷ୍ଟଏଡ୍ ବକ୍ସ, କୁପନ୍ ଇତ୍ୟାଦି ଦେଉଥିଲେ । ଏହି ବାବଦରେ ୧୦୦ରୁ ୩୦୦ ଟଙ୍କା ଆଦାୟ କରୁଥିଲେ । ଏଥିରେ ସେମାନେ ସ୍ଥାନୀୟ ପୋଲିସକୁ ବ୍ୟବହାର କରୁଥିଲେ । ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହିବାରୁ ଗାଡ଼ି ଚାଳକମାନେ ବିଶ୍ୱାସ କରି ଟଙ୍କା ଦେଉଥିଲେ କିନ୍ତୁ ଏହା ରାଜ୍ୟ ବାହାରର ଠକ ଗ୍ୟାଙ୍ଗ୍ ବୋଲି ଜଣାପଡ଼ିବା ପରେ ସେମାନେ ଫେରାର୍ ହୋଇଯାଇଥିଲେ । ସମାନ ଧରଣର ଘଟଣା ଏବେ ସୁନ୍ଦରଗଡ଼ ଜିଲ୍ଲା ଭସ୍ମା ଥାନା ଅଞ୍ଚଳରେ ଘଟିଛି । ସେହି ଅଞ୍ଚଳରେ ୫ରୁ ୬ ଜଣ ଠକ ନିଜକୁ ସଡ଼କ ସୁରକ୍ଷାର କର୍ମଚାରୀ ପରିଚୟ ଦେଇ ଭାରୀଯାନ ଗାଡ଼ି ଚାଳକଙ୍କୁ ରାସ୍ତାରେ ଅଟକାଇ ରେଡିୟମ୍, ଫାଷ୍ଟଏଡ୍ ବକ୍ସ ଗାଡ଼ିକୁ ଦେଉଥିଲେ । ରେଡିୟମ୍ ଓ ଫାଷ୍ଟଏଡ୍ ଦେଲେ ୩୦୦ ଟଙ୍କା ଓ କେବଳ ରେଡିୟମ୍ ଦେଲେ ୨୦୦ ଟଙ୍କା ନେଉଥିଲେ । ଏଭଳି ଘଟଣା ଜଣାପଡ଼ିବା ପରେ ପରିବହନ ବିଭାଗ କମିଶନର ଅମିତାଭ ଠାକୁର ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି । ଯୁଗ୍ମ ପରିବହନ କମିଶନର (ସଡ଼କ ସୁରକ୍ଷା) ପ୍ରଦୀପ କୁମାର ମହାନ୍ତିଙ୍କ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ଯେ ରାସ୍ତାରେ ଗାଡ଼ି ଚାଳକଙ୍କୁ ଅଟକାଇ ଏଭଳି ଟଙ୍କା ଆଦାୟ କରିବା ସଂପୂର୍ଣ୍ଣ ବେଆଇନ୍ ଅଟେ । ଏଭଳି କାର୍ଯ୍ୟ ପାଇଁ କାହାରିକୁ କୌଣସି ଅନୁମତି ଦିଆଯାଇନାହିଁ । ତେଣୁ ଗାଡ଼ିଚାଳକ କିମ୍ବା ଗାଡ଼ିମାଲିକ ଏଭଳି ବ୍ୟକ୍ତିଙ୍କୁ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ଅର୍ଥ ଦିଅନ୍ତୁ ନାହିଁ ଏଭଳି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ସୁନ୍ଦରଗଡ଼ ଆର୍‌ଟିଓଙ୍କୁ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି । ସୁନ୍ଦରଗଡ଼ ସମେତ ରାଜ୍ୟର କୌଣସି ବି ସ୍ଥାନରେ ଏଭଳି ଘଟଣା ନଜରକୁ ଆସିଲେ ତୁରନ୍ତ ରୋକିବା ଦିଗରେ ପଦକ୍ଷେପ ନେବାକୁ ସମସ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ପରିବହନ କମିଶନର ଶ୍ରୀ ଠାକୁର କହିଛନ୍ତି ଯେ, କିଛି ବ୍ୟକ୍ତି ପରିବହନ ସେବା ବିଶେଷକରି ସଡ଼କ ସୁରକ୍ଷା ନାଁରେ ଠକୁଛନ୍ତି । ଏହାକୁ ରୋକିବାକୁ ଆଇନ୍ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଉଛି । ଜନସାଧାରଣ ମଧ ତୁରନ୍ତ ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ ଶ୍ରୀ ଠାକୁର ଅନୁରୋଧ କରିଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଅକ୍ଟୋବର ୨୦୨୪ ଶନିବାର





# ବାଲେଶ୍ୱର ଦୁର୍ଗାପୂଜାରେ ଆଇନ୍ ଶୃଙ୍ଖଳା ଓ ଟ୍ରାଫିକ୍ ପରିଚାଳନାକୁ ସୁବ୍ୟବସ୍ଥିତ କରାଯିବ

**ବାଲେଶ୍ୱର, ନ୍ୟୁଜ୍**

ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଓ ପୌରପାଳିକା ଅଧ୍ୟକ୍ଷ ସବିତା ସାହୁ ଯୋଗଦେଇଥିଲେ । ଏଥିସହିତ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଉପଜିଲ୍ଲାପାଳ ପ୍ରଥମେଶ



ଅରବିନ୍ଦ ରାଜେଶିର୍ଜେଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ, ବିଭାଗୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଡିଏସ୍‌ପି ସିଟି ଶୁଭାଂଶୁ ଶେଖର ନାୟକ ସଭା ପରିଚାଳନା କରିବା ସହିତ ବିଭିନ୍ନ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । ଦୁର୍ଗାପୂଜା ଲାଗି ବାଲେଶ୍ୱର ସହରରେ ପ୍ରାୟ ୯୫ଟି ମେଢ ନିର୍ମିତ ହେବାକୁ ଥିବାବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଭସାଣି ଯାତ୍ରା ନିଜ ନିଜର କ୍ରମାଙ୍କ ଅନୁଯାୟୀ ଅନୁମୋଦିତ ସମୟ ମଧ୍ୟରେ ଶୋଭାଯାତ୍ରା ସାରି ମୂର୍ତ୍ତି ବିସର୍ଜନ କରିଥିବା ପାଇଁ ଧାର୍ଯ୍ୟ କରାଯାଇଛି । ସେହିପରି ବଡି ଖେଳରେ ଯେପରି ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତ୍ରଶସ୍ତ୍ର ବ୍ୟବହାର ନହୁଏ ସେଥିପାଇଁ କମିଟିଗୁଡ଼ିକ ଯତ୍ନବାନ ହେବା ସହ ପୋଲିସ ତନଖି କରିବାକୁ ମତପ୍ରକାଶ ପାଇଥିଲା । ଏହି ସମୟ ମଧ୍ୟରେ ଆଇନ୍ ଶୃଙ୍ଖଳା ଏବଂ ଟ୍ରାଫିକ୍ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି । ଭସାଣୀ ଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ଏବଂ ଡି.ଜେ ମ୍ୟୁଜିକ ସିଷ୍ଟମ୍ ଓ ଲେଜର ଲାଇଟ୍ ଉପରେ କଟକଣା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ପୂଜା କମିଟିମାନଙ୍କୁ ସମସ୍ତ ପ୍ରକାର ଅନୁମତି ପତ୍ର ଏବଂ ଆପତ୍ତି ବିହୀନ ପ୍ରମାଣପତ୍ର ଯୋଗାଇ ଦିଆଯିବ । ଆଖଡା ଖେଳ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଶେଷ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରାସ୍ତାଘାଟ ମରାମତି, ମାଦକ ଦ୍ରବ୍ୟ ନିଷେଧ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସମ୍ପର୍କରେ ଏହି ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ବିଶେଷ କରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବୈଠକରେ ମତାମତ ପ୍ରକାଶ ପାଇଥିବା ବେଳେ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶବ୍ଦ ତୀବ୍ରତା ୬୫ ଡେସିବେଲ୍ ମଧ୍ୟରେ ସୀମିତ ରହିବ ଏବଂ ଏହାର ଉଲ୍ଲଂଘନ ହେଲେ ଆଇନ୍ ଅନୁଯାୟୀ ପଦକ୍ଷେପ ନିଆଯିବ । ଶୂନ୍ୟଶବ୍ଦ ଅଞ୍ଚଳରେ ଶୋଭାଯାତ୍ରା ଗଲାବେଳେ କୌଣସି ଶବ୍ଦ ଯେପରି ନହୁଏ ତାହା ପୂଜା କମିଟି ମାନେ ନିଶ୍ଚିତ କରିବେ । ମେଢ଼ ଗୁଡ଼ିକରେ ସି.ସି.ଟି.ଭି ଲଗାଇବା ପାଇଁ ପୂଜା କମିଟି ସଦସ୍ୟମାନଙ୍କୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।

## ପର୍ଯ୍ୟଟନ ସଚିବଙ୍କ ବୌଦ୍ଧ କୀର୍ତ୍ତିରାଜି ପରିଦର୍ଶନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ତଥା ଆୟୁକ୍ତ ବଳବନ୍ତ ସିଂ, ନିର୍ଦ୍ଦେଶକ ସମର୍ଥବର୍ମା, ଯୁଗ୍ମସଚିବ ସରୋଜ ସ୍ୱାଇଁ, ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡି, ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀ ଦ୍ୱିବିଜଦ ଗଡ଼ନାୟକ, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଧର୍ମଶାଳା ତହସିଲଦାର ଶୁଭଜିତ ମହାନ୍ତି ପ୍ରମୁଖ ଧର୍ମଶାଳା ବ୍ଲକର ଲାଙ୍ଗୁଡ଼ି ଓ ଦେଉଳିପାହାଡ଼ ପରିଦର୍ଶନ କରିଥିଲେ। ସେଠାରେ ଥିବା ବୌଦ୍ଧ କୀର୍ତ୍ତିରାଜି ଓ ପାନ୍ଥଶାଳା, ପ୍ରାକୃତିକ ପରିବେଶ ଦେଖିଥିଲେ। ଯାଜପୁରର ଅନ୍ୟତମ ବୌଦ୍ଧପୀଠ ରତ୍ନଗିରି, ଉଦୟଗିରି ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ଅଭାବ ଅଭିଯୋଗ ଶୁଣିଥିଲେ। ବରୀ ଓ ବଡଚଣା ବ୍ଲକ୍‌ର ବିଡ଼ିଓ ଓ ତହସିଲଦାର ଉପସ୍ଥିତଥିଲେ।



## ଭଦ୍ରକରେ ନୂତନ ଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଭଦ୍ରକ ଜିଲ୍ଲାରେ ନୂତନ ଏସ୍‌ପି ଭାବେ ସନ୍ଦୀପ ସମ୍ପଦ ମଡକର ଦାୟିତ୍ୱ ଗ୍ରହଣ କରିଛନ୍ତି । ସନ୍ଦୀପ ପୂର୍ବରୁ ଢେଙ୍କାନାଳ ଜିଲ୍ଲା ଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ । ଗୁରୁବାର ଦିନ ସନ୍ଦୀପ ଜିଲ୍ଲାର ବିଦାୟୀ ଏସ୍‌ପି ବରୁଣ ଗୁଣ୍ଟପାଲିଙ୍କ ଠାରୁ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦାୟୀ ଏସ୍‌ପି ଶ୍ରୀ ଗୁଣ୍ଟପାଲି ମୟୂରଭଞ୍ଜ ଜିଲ୍ଲା ଏସ୍‌ପି ଭାବେ ବଦଳୀ ହୋଇଛନ୍ତି ।

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ଥାନା ଅନ୍ତର୍ଗତ ପଧାନୀ ପଞ୍ଚାୟତ କୁଟୁରିଆ ରାଜସ୍ୱ ଗ୍ରାମର ଦଶନ୍ଧିକୂଳ ଗ୍ରାମର ବିଷ୍ଣୁ ପୁହାଣଙ୍କ ଝିଅ ଶୁଭଲକ୍ଷ୍ମୀ ପୁହାଣ (୧୯) ଗୁରୁବାର ବେକରେ ରସି ଦେଇ ଆତ୍ମହତ୍ୟା କରିଛି। ଖବରପାଇ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହିତ ଥାନାରେ ଏକ ଅପମୃତ୍ୟୁ ମାମଲା ୨୭/୨୪ରେ ରୁଜୁ କରିଛି। ତେବେ ଶୁଭଲକ୍ଷ୍ମୀ ଯାଜପୁର ଜିଲ୍ଲା ଏସ୍‌ଜି କଲେଜରେ ପାଠ ପଢୁଥିଲେ। ଗୁରୁବାର କଲେଜ୍‌ରୁ ଘରକୁ ଫେରିବା ପରେ ଘରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ପ୍ରେମ ଜନିତ କାରଣରୁ ସେ ଏପରି କରିଥିବା ପୋଲିସ କହିଛି। ତେବେ ମୃତ ଶୁଭଲକ୍ଷ୍ମୀ ନିକଟରୁ ତାଙ୍କର ହାତ ଲେଖା ଚିଠି ପରିବାର ଲୋକ ଜବତ କରିଛନ୍ତି । ପ୍ରକାଶଥାଉକି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ଦତପୁର ଗ୍ରାମର ଜୈନିକ ଯୁବକ ଶୁଭଲକ୍ଷ୍ମୀକୁ ଭଲପାଉଥିବା ବେଳେ ତାଙ୍କୁ ଏବେ ବ୍ଲାକ୍‌ମେଲ୍ କରୁଥିଲା । ଅତି ଅସହ୍ୟ ହେବାରୁ ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଛି । ତେବେ ହାତ ଲେଖା ଚିଠି ପୋଲିସର ହସ୍ତଗତ ହେବାପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ସମୟସୀମା ମଧ୍ୟରେ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ପୀଠରେ ହେବ ପଞ୍ଚକ ଓ ବଡ଼ଓଷା ପର୍ବ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଶ୍ରୀ ଶ୍ରୀ ଧବଳେଶ୍ୱର ଦେବ ବିଜେ ମଞ୍ଚେଶ୍ୱରଙ୍କ ପବିତ୍ର ପଞ୍ଚକ ଓ ବଡ଼ଓଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବାବା ଧବଳେଶ୍ୱରଙ୍କ ପୀଠ ପ୍ରାଙ୍ଗଣରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦାତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାସ ୧୨.୧୧.୨୦୨୪ ତାରିଖ ଠାରୁ ଆରମ୍ଭ ହୋଇ ୧୫.୧୧.୨୦୨୪ ତାରିଖ ପର୍ଯ୍ୟନ୍ତ ପଞ୍ଚକ ଓ ବଡ଼ଓଷା ଯାତ୍ରା ପାଳନ କରାଯିବ । ପ୍ରଥମ ପଞ୍ଚକ ଦିନ ବାବା ଧବଳେଶ୍ୱର ମହାପ୍ରଭୁ ଚନ୍ଦ୍ରଚୂଡ଼ ବେଶ, ଦ୍ୱିତୀୟ ଦିବସରେ ବଡ଼ସିଂହାର ବେଶ, ତୃତୀୟ ଦିବସ ଦିନ ହରିହର ବେଶ



ଏବଂ ଚତୁର୍ଥ ଦିବସ ଦିନ ଯୋଗୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ୧୩.୧୧.୨୦୨୪ ତାରିଖ ମନ୍ଦିରରେ ବଡ଼ଓଷା ଏବଂ ୧୪.୧୧.୨୦୨୪ ତାରିଖ ଦିନ ଗ୍ରାମାଞ୍ଚଳରେ ବଡ଼ଓଷା ପାଳନ କରାଯିବ । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଭାଉସାହେବ ଶିନ୍ଦେ ବିଶେଷ କରି ପ୍ରତ୍ୟହ ମହାପ୍ରଭୁଙ୍କ ନୀତିକ୍ରାନ୍ତି କିପରି ଭଲଭାବରେ କରାଯିବ, ସ୍ୱାସ୍ଥ୍ୟ ଏବଂ ପରିମଳ, ସଫେଇ, ପଲିଥିନ୍ ବ୍ୟବହାର ନିଷେଧ, ରାସ୍ତା ଘାଟ, ବୋଟ୍ ଚଳାଚଳ, ଆଲୋକୀକରଣ, ପାନୀୟଜଳ, ପରିବହନ, ସୂଚନା କେନ୍ଦ୍ର ଓ ସୂଚନା ପ୍ରସାରଣ, ନେଟ୍‌ୱାର୍କର ସୁବିଧା, ଗମନାଗମନ ଆଦି ଉପରେ ସବିଶେଷ ଆଲୋଚନା କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଉପଖଣ୍ଡ ପୋଲିସ ଅଧିକାରୀ ଚୌଦ୍ୱାର ଉମାକାନ୍ତ ନାୟକ, ଗୁରୁଡ଼ିଝାଟିଆ ଥାନା ଅଧିକାରୀ ପି. କେ ମହାନ୍ତି, ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତି ଉପସ୍ଥିତ ଥିବାବେଳେ ତହସିଲଦାର ଆଠଗଡ ସଭା ପରିଚାଳନା କରିଥିଲେ ଏବଂ ପରିଶେଷରେ ପୂଜକ ସମାଜ ସମ୍ପାଦକ ନରେନ୍ଦ୍ର ପତି ଧନ୍ୟବାଦ ଦେଇଥିଲେ ।

## ସଫେଇ କାର୍ଯ୍ୟକୁ ନେଇ ଉତ୍ତେଜନା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୧ନଂ ଜୋନ୍ ରାଇଛନ୍ଦା ପଞ୍ଚାୟତ ବାରକଣା ହାଟପଡିଆରେ ବିଜେପି ବିଧାୟକ ପ୍ରାର୍ଥୀ ସ୍ମୃତିରେଖା ପହିଙ୍କ ଗୋଷ୍ଠୀ ପକ୍ଷରୁ ବୁଧବାର ଦିନ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ସ୍ଥାନୀୟ ବିଧାୟକ ହିମାଂଶୁ ସାହୁଙ୍କ ଗୋଷ୍ଠୀ ପକ୍ଷରୁ ବିରୋଧ ହେବାରୁ ସେଠାରେ ପୋଲିସ ଉପସ୍ଥିତରେ ତିମୁଳକାଣ୍ଡ ହୋଇଯାଇଛି । ସ୍ୱଚ୍ଛ ଭାରତ ଅଭିଯାନରେ ସ୍ଥାନୀୟ ଯୁବକ ଓ ମହିଳାମାନେ ମନ୍ଦିର ସମ୍ମୁଖରେ ସଫେଇ କରୁଥିଲେ। ଏହାକୁ ବିଧାୟକଙ୍କ ଗୋଷ୍ଠୀ ପ୍ରବଳ ବିରୋଧ କରିବାରୁ ଗଣ୍ଡଗୋଳ ତୀବ୍ର ହୋଇଥିଲା। ଉଭୟ ପକ୍ଷରୁ ଅଭିଯୋଗ ପରେ ତଦନ୍ତ ହେଉଥିବା ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଥାନ୍ତି।

# ଜିଲ୍ଲା ଭିତ୍ତିକ ସରକାରୀ ନିଯୁକ୍ତି ଦାବିରେ ଗୁଣପୁର ସମ୍ପୂର୍ଣ୍ଣ ବନ୍ଦ

**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**

ସକାଳ ଠାରୁ ବନ୍ଦ ଡାକରାରେ ଗୁଣପୁର ସହର ଜନ ଜୀବନ ଅସ୍ତବ୍ୟସ୍ତ ହେବାର ଦେଖିବାକୁ ମିଳିଥିଲା । ସରକାରୀ ଓ ବେସରକାରୀ ସ୍କୁଲ୍ ଓ କଲେଜ୍ ମଧ୍ୟ ବନ୍ଦ ହୋଇଥିବାର ଦେଖିବାକୁ ମିଳିଥିଲା । ଜିଲ୍ଲା ଭିତ୍ତିକ ନିଯୁକ୍ତି ଦାବିକୁ ନେଇ ଅନୁସୂଚିତ ଜାତି ଜନଜାତିର ମିଳିତ ମଞ୍ଚ ୧୨ ଘଣ୍ଟିଆ ବନ୍ଦ ଡାକରା ଯୋଗୁ ଗୁଣପୁର ସହରର ବ୍ୟାଙ୍କ, ସରକାରୀ ଅଫିସ ସବୁ ସ୍ଥାନରେ ବନ୍ଦ ହୋଇ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା । ହୋଟେଲ, ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ମଞ୍ଚର ଦାବି ହେଲା ଆମ ଅଞ୍ଚଳରେ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କର ଜୀବନ ଜୀବିକା ବିପନ୍ନ ହୋଇପଡୁଥିବା ଯୋଗୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ପଡୁଛି । ଏମିତିକି ମୃତ୍ୟୁମୁଖରେ ପଡୁଛନ୍ତି । ଶିକ୍ଷିତ ବେକାର ସଂଖ୍ୟା ଅତ୍ୟଧିକ ମାତ୍ରାରେ ବଢୁଛି । ତେଣୁ ସରକାର ଏହି ଜିଲ୍ଲା ଭିତ୍ତିକ ନିଯୁକ୍ତି ଦାବିକୁ ଗୁରତର ସହ ନେଇ ହସ୍ତକ୍ଷେପ କରିବାକୁ ସଂଘ ପକ୍ଷରୁ ଦାବି କରି ଦୃଷ୍ଟି ଆକର୍ଷଣ କରିଛନ୍ତି ।





## ବୌଦ୍ଧରେ ନୂତନ ଏସ୍‌ପିଙ୍କ ଯୋଗଦାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟ ଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦାୟୀ ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ । ରାଜ୍ୟ ପୋଲିସ ମୁଖ୍ୟାଳୟ ଠାରେ କାର୍ଯ୍ୟରତ ଥିବା ଶ୍ରୀ ନାଗରାଜ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ଭାବେ ଯୋଗଦେବା ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ଥାନାର ଅଧିକାରୀ ମାନେ ତାଙ୍କୁ ସ୍ୱାଗତ କରିଥିଲେ । ସୂଚନାଯୋଗ୍ୟ ଯେ ବିଦାୟୀ ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦଙ୍କ ବାଲେଶ୍ୱରକୁ ବଦଳି ହୋଇଛି ।



## ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ୍:୫ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣି ପୋଲିସ ତାଳପଡା ଗ୍ରାମ ନିକଟରୁ ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ ମୁଣ୍ଡରେ ଗଞ୍ଜେଇ ବସ୍ତା ବୋହି ଚାଲାଣ କରୁଥିବା ଖବରପାଇ ବାଉଁଶୁଣି ପୋଲିସ ତାଳପଡା ଗ୍ରାମ ନିକଟରେ ଚଢଉ କରିଥିଲା । ଗଞ୍ଜେଇ ସହ ଗଜରାଜପୁର ଗ୍ରାମର ହିତେଶ ଜାନି ଓ ଯୁଗଳ ଖାଣ୍ଡ, ବହିରା ଗ୍ରାମର ପଦ୍ମଦେଶୀ ରଣା ଓ ବାସୁଦେବ ରଣା ଓ ଟାଙ୍ଗଯାନ ଗ୍ରାମର ହିମାଂଶୁ ଶେଖର ଭୋଇଙ୍କୁ ଗିରଫ କରାଯାଇ ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ଓଜନ କରାଯିବାରୁ ସମସ୍ତ ଗଞ୍ଜେଇ ୧ କ୍ୱିଣ୍ଟାଲ ହୋଇଥିଲା । ଏ ସମ୍ପର୍କରେ ବାଉଁଶୁଣି ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି ।

# ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଜିନ୍ଦଲ୍ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା, ଜିନ୍ଦଲ ଫାଉଣ୍ଡେସନ୍ ଦ୍ୱାରା ଏକ ସପ୍ତାହ ବ୍ୟାପି ସ୍ୱଚ୍ଛତା କାର୍ଯ୍ୟକ୍ରମ ବଡ଼ବିଲ୍ ପେଲେଟ୍ ପ୍ଲାଣ୍ଟ, ଟେନସା ଏବଂ କାସିଆ ଆଇରନ୍ ମାଇନ୍ସ ଅଞ୍ଚଳରେ ପାଳିତ ହୋଇଯାଇଛି । ଉକ୍ତ ଅଞ୍ଚଳରେ ଅବସ୍ଥିତ ଗ୍ରାମ ଗୁଡିକର ଶତାଧିକ ମହିଳା, ପୁରୁଷ ଓ ଯୁବକ ଯୁବତୀ ମାନଙ୍କ ମିଳିତ ଉଦ୍ୟମରେ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ଗ୍ରାମ ଗୁଡ଼ିକର ମୁଖ୍ୟ ରାସ୍ତା, ବିଦ୍ୟାଳୟ, ମନ୍ଦିର ଆଦି ସ୍ଥାନ ମାନଙ୍କରେ ସଫେଇ କାର୍ଯ୍ୟ କରାଯାଇ, 'ସ୍ୱଚ୍ଛତା ହିଁ ସେବା' ମହତ ବାର୍ତ୍ତାକୁ ଗ୍ରାମବାସୀ ମାନଙ୍କ ପାଖରେ ପହଞ୍ଚାଯାଇଥିଲା । ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀଙ୍କ ଜନ୍ମ ତିଥିରେ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ୍ ବିଲେଇପଦା ଛକରେ




ବିଶାଳ ସ୍ୱଚ୍ଛତା ଅଭିଯାନର ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି ଯୋଗଦେଇଥିବା ବେଳେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ର ପ୍ରଗତି ଯୁବକ ସଂଘ ବିଲେଇପଦାର ସମସ୍ତ ସଦସ୍ୟ, ଏସ୍‌ବିଏଲ୍ ମେମ୍ବର, ଅଂଶେଇକଳା ପଞ୍ଚାୟତ ଓ କଣ୍ଡରା ପଞ୍ଚାୟତର ସମାଜସେବୀ ଉପସ୍ଥିତ ରହିଥିଲେ । ସେହିପରି କ୍ରମେ ବିଲେଇପଦା ମାର୍କେଟ୍ ଅଞ୍ଚଳ ସଫେଇ କାର୍ଯ୍ୟ କରାଯାଇଥିଲା । ଜିନ୍ଦଲ ଫାଉଣ୍ଡେସନ୍‌ର ଡେପୁଟି ମ୍ୟାନେଜରଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଏସ୍‌ଆର୍ ସଦସ୍ୟ, ମାନବ ସମ୍ବଳ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାଶିଆ ଆଇରନ୍ ଏବଂ ଟେଲେମାଇନ୍ସ ଖଣି ପକ୍ଷରୁ ମଧ୍ୟ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## କୋଟଗଡ଼ରେ ବ୍ୟାପିଲା ଝାଡ଼ାବାନ୍ତି:୩ ଦିନରେ ୫ ଜଣଙ୍କ ମୃତ୍ୟୁ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାର କୋଟଗଡ଼ରେ ବ୍ୟାପିଛି ଝାଡ଼ାବାନ୍ତି । ଦୂଷିତ ପାଣି ବ୍ୟବହାର ଯୋଗୁଁ ଝାଡ଼ାବାନ୍ତି ବ୍ୟାପି ଥିବା ଜଣାପଡିଛି । ତିନି ଦିନରେ ଏଠାରେ ୫ ଜଣଙ୍କ ମୃତ୍ୟୁ ପରେ ସେହି ଗାଁରେ ପହଞ୍ଚିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ରୋଗୀଙ୍କୁ ଭେଟିବା ସହ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି । ପାହାଡ଼ ଝରଣା ଡେଇଁ ଦୁର୍ଗମ ରାସ୍ତାରେ ବାଇକରେ ଯାଇ ସେ ଏହି ଗାଁରେ ପହଞ୍ଚି ଥିଲେ ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅଧ୍ୟକ୍ଷ ପ୍ରଫେସର୍ ରିଟ୍ ରଞ୍ଜନ ସାହୁଙ୍କ ଦିଗ୍‌ଦର୍ଶନରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । +୩ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା କନ୍ୟା ବେହେରା ଓ +୨ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ପ୍ରଭାସିନୀ ଜେନାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟ ପରିସର ଠାରୁ ଗୋପଛକ ପର୍ଯ୍ୟନ୍ତ ସ୍ୱଚ୍ଛତା ସ୍ଲୋଗାନ୍ ଦେଇ ଏକ ରାଲି କରିଥିଲେ । ଚାରିଦିନ ଧରି ଚାଲିଥିବା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଗତ ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟ ନିକଟସ୍ଥ ଅମରେଶ୍ୱର ମନ୍ଦିର, ରାମ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର ପରିସରକୁ ସଫେଇ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼ ମଧୁରୀ ଚରଣ ନାୟକ, ପ୍ରଶାସନିକ ଅଧିକାରୀ ଜ୍ୟୋତିର୍ମୟୀ ପତିଙ୍କ ସମେତ ଅନେକ ଅଧ୍ୟାପକ, ଅଧ୍ୟାପିକା ଓ ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।


## ଆଜିର ଭଲମନ୍ଦ





ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com


ଉଦୟକାଳୀନ ଗ୍ରହଚକ୍ର





**ମେଷ:** ସୁଖକର ଘଟଣା ଘଟିପାରେ । କର୍ମକ୍ଷେତ୍ରରେ ସଫଳତା ମିଳିବ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ଅନ୍ୟମାନଙ୍କ ରହିବାର ସୂଚନା । ଗୃହେ ଶାନ୍ତି ଲାଭ ହେବ । ବନ୍ଧୁ ଦର୍ଶନ ସହିତ ସହଯୋଗ ପ୍ରାପ୍ତ ହେବ ।



**ବୃଷ:** ଶତ୍ରୁମାନଙ୍କ ଠାରୁ ପରାସ୍ତ ହେବେ । ମାନସିକ ଶାନ୍ତି ପ୍ରାପ୍ତ ହେବ । ସୁସମ୍ବାଦ ପାଇବେ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟସ୍ତତା ମଧ୍ୟରେ ଦିନଟି କଟିବ । ଠକାମିର ଶିକାର ହୋଇପାରନ୍ତି । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ । ସମ୍ମାନ ଧାରଣ ହେବ । କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ । ପାରିବାରିକ କଳହ ଜାତ ହେବ । ନିଜର ସାଧନା ବଳରେ ସିଦ୍ଧି ଲାଭ କରିବେ ।


**କର୍କଟ:** କାର୍ଯ୍ୟକ୍ଷେତ୍ରରେ ବିଜୟ ପାଇଁ ବିରକ୍ତି ପ୍ରକାଶ ପାଇବ । ଅସହଯୋଗ ବୃଦ୍ଧି ହେବ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁବାନ୍ଧବ ବା କୁଟୁମ୍ବ କଳହ ସୃଷ୍ଟି ହେବ । ଅଶାନ୍ତିର ସୂତ୍ରପାତ ଘଟିବ । ମନ ଅସ୍ଥିର ରହିବ ।



**ସିଂହ:** ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଦେବ ଦର୍ଶନର ସୁଯୋଗ ରହିଛି । ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଅତି ଉତ୍ତମ । ଦୂରଯାତ୍ରାରୁ କର୍ମପ୍ରାପ୍ତି । ବନ୍ଧୁ ବା ସହକର୍ମୀଙ୍କ ସହଯୋଗ ଲାଭ କରିବେ ।



**କନ୍ୟା:** କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମନରେ ଅଶାନ୍ତି ଲାଗି ରହିବ । ଆୟରେ ବାଧା ଆସିପାରେ । ନିଜର ସ୍ୱାଧୀନତା ରହିବନାହିଁ । ଗୃହେ ଶାନ୍ତି ଲାଭ ।


**ତୁଳା:** ପଦସ୍ଥ କର୍ମକର୍ତ୍ତା ବା ଗୁରୁଜନଙ୍କ ଦ୍ୱାରା ପ୍ରଶଂସାପ୍ରାପ୍ତ ହେବ । ନୂତନ କାର୍ଯ୍ୟ ପ୍ରାପ୍ତ ହେବ । ଗୃହରେ ଜଞ୍ଜାଳ ବଢ଼ିବ । ସୁଖ ସମ୍ମାନ ଲାଭ କରିବେ । ଆୟର ପରିମାଣ ପୂର୍ବପରି ରହିବାର ସୂଚନା ।


**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ଯେଉଁ କାର୍ଯ୍ୟରେ ହାତ ଦେବେ ତାହା ସଫଳ ହେବ । ବିନା ପରିଶ୍ରମରେ ଆୟ ବୃଦ୍ଧି ହେବ । ଦେହ ସୁସ୍ଥ ରହିବ । ମନରେ ଅହଂକାର ଜାତ ହେବାର ସୂଚନା ।


**ଧନୁ:** ଶୁଭ ଖବର ପ୍ରାପ୍ତ ହେବ । ଗୁରୁଜନଙ୍କ ସହଯୋଗ ପ୍ରାପ୍ତ ହେବ । ଦୂର ସ୍ଥାନକୁ ଯାତ୍ରା କରି ଆନନ୍ଦ ଲାଭ କରିବେ । ରୋଜଗାର ମଧ୍ୟମ ହେବ । ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରୁ ଆନନ୍ଦ ଅନୁଭବ କରିବେ । ଗୃହେ ଆନନ୍ଦ ।


**ମକର:** କର୍ମକ୍ଷେତ୍ରରେ ସଫଳତା ମିଳିବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ବିବାଦୀୟ କ୍ଷେତ୍ରରେ ବିଜୟ ଲାଭ କରିବେ । ସୁଖ ଓ ସମ୍ମାନ ଲାଭ କରିବେ । ପାରିବାରିକ ଶାନ୍ତି ବଜାୟ ରହିବ । ଦେହ ଭଲ ରହିବ ।


**କୁମ୍ଭ:** ପ୍ରତ୍ୟେକ କାର୍ଯ୍ୟ ଆପଣଙ୍କର ସଫଳ ହେବ । ଅଧିକ କ୍ଷମତା ହାତକୁ ଆସିବ । ଆଜି ଆପଣଙ୍କର ବିଜୟ ଯୋଗ ରହିଛି । ମନରେ ଭକ୍ତିଭାବ ଜାତ ହେବ । ରୋଜଗାର ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବ ।


**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଭଲ ରହିବ । ମନରେ ଅଶାନ୍ତି ଜାତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରୁ ସହଯୋଗ ପ୍ରାପ୍ତ ହେବ । କର୍ମକ୍ଷେତ୍ରରେ ଅବନତି ଯୋଗ । ମହିଳାମାନେ ସୁଖୀ ହେବେ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ୪୭ଶ ଅଙ୍କ
ତା୫।୧୦।୨୦୨୪, ଆଶ୍ୱିନ ଦି୨୦, ଶନିବାର
ସୂର୍ଯ୍ୟୋଦୟ- ଘ୫।୩୮।୩୧ ଚନ୍ଦ୍ରୋଦୟ- ପ୍ରାଗ୍ ୭।୩୦।୧୩
ଦ୍ୱିତୀୟା ଅହୋରାତ୍ର । ସ୍ୱାତୀ ନକ୍ଷତ୍ର- ରାତ୍ର ୧୧।୩୩ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର- ଅହୋରାତ୍ର । ଚନ୍ଦ୍ରଶୁଦ୍ଧି- ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଘାତ ଚନ୍ଦ୍ର- ନାସ୍ତି । ଶ୍ରାଦ୍ଧନିର୍ଣ୍ଣୟ- ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ନିଷିଦ୍ଧ ଖାଦ୍ୟ- ପୋଟଳ ଖାଇବା ମନା । ଆଜିର ଶୁଭବେଳା- ପ୍ରାଗ୍ ୭।୧୬ ଗତେ ଘ ୮।୪୮ ମଧ୍ୟେ ଦିଘ ୧୧।୫୮ ଗତେ ଘ ୧।୦୩ ମଧ୍ୟେ । ପର୍ବୋତ୍ସବ - ବିଶ୍ୱ ଶିକ୍ଷକ ଦିବସ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ୪୭ଶ ଅଙ୍କ
ତା୬।୧୦।୨୦୨୪, ଆଶ୍ୱିନ ଦି୨୧, ରବିବାର
ସୂର୍ଯ୍ୟୋଦୟ- ଘ୫।୩୮।୪୬ ଚନ୍ଦ୍ରୋଦୟ- ଦିଘ ୮।୨୫।୧୩
ତୃତୀୟା ମଳ- ପ୍ରାଗ୍ ୭।୫୦ ପର୍ଯ୍ୟନ୍ତ । ବିଶାଖା ନକ୍ଷତ୍ର- ରାତ୍ର ୧୨।୧୧ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର- ସଂଘ ୫।୩୩ ପର୍ଯ୍ୟନ୍ତ । ଚନ୍ଦ୍ରଶୁଦ୍ଧି- ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ସଂଘ ୫।୩୩ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ଘାତ ଚନ୍ଦ୍ର - ନାସ୍ତି । ଶ୍ରାଦ୍ଧନିର୍ଣ୍ଣୟ- ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ନିଷିଦ୍ଧ ଖାଦ୍ୟ- ପୋଟଳ ପ୍ରାଗ୍ ୭।୫୦ ପରେ ମୂଳା ଖାଇବା ମନା । ଆଜିର ଶୁଭବେଳା- ପ୍ରାଗ୍ ୬।୨୯ ଗତେ ଘ ୮।୫୦ ମଧ୍ୟେ ଦିଘ ୧୦।୦୩ ଗତେ ଘ ୩।୦୬ ମଧ୍ୟେ ।

ପ୍ରସଙ୍ଗକ୍ରମେ
30 YEARS
ସମ୍ବାଦ କଳିକା


# ପିଆଜ ଦର ନିୟନ୍ତ୍ରଣ ପାଇଁ ଅଣ୍ଟା ଭିଡିଲେ ସରକାର

ଦେଶରେ ପିଆଜ ଦର ନିୟନ୍ତ୍ରିତ ରଖିବା ପାଇଁ ଘରୋଇ ବଜାରରେ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି। ତାହା ଏପର୍ଯ୍ୟନ୍ତ କାୟମ ଥିବା ଖାଉଟି ବ୍ୟାପାର ସଚିବ ରୋହିତ କୁମାର ସିଂହ କହିଛନ୍ତି। ପିଆଜ ରପ୍ତାନୀ କଟକଣା ହଟିବା ଖବରରେ ଦେଶରେ ପିଆଜ ଦର ଅଚାନକ ବଢ଼ି ଯାଇଛି। ଲାସଲଗାଓଁ ପାଇକାରୀ ବଜାରରେ ଫେବୃଆରୀ ୧୯ ତାରିଖ ଦିନ ପିଆଜ କ୍ୱିଣ୍ଟାଲ ପିଛା ଦରରେ ୪୦.୬୨ ପ୍ରତିଶତ ବୃଦ୍ଧି ହୋଇ ୧,୮୦୦ଟଙ୍କା ସ୍ତରକୁ ପହଞ୍ଚିଥିଲା। ତେବେ ସରକାରୀ କଟକଣା ବଳବତ୍ତର ଥିବା ଜଣାପଡିବା ପରେ ପିଆଜ ଦର ପୁଣି ନିୟନ୍ତ୍ରଣକୁ ଆସିଯାଇଛି।

ଉପଭୋକ୍ତା ମନ୍ତ୍ରାଳୟ ୱେବସାଇଟ୍ ଅନୁସାରେ ଫେବୃଆରୀ ୧୯ ତାରିଖ ଦିନ ଖୁଚୁରା ବଜାରରେ ପିଆଜର ହାରାହାରି ଦର କେଜି ପିଛା ୩୨ଟଙ୍କା ୨୬ ପଇସା ଥିବା ବେଳେ ୨୦ ତାରିଖ ଦିନ ୩୨ଟଙ୍କା ୪୩ ପଇସା ଦରରେ କାରବାର ହୋଇଛି। ତେବେ ଛତିଶଗଡ଼ରେ ପୂର୍ବ ତୁଳନାରେ କିଛିଦିନ ପିଆଜ କେଜି ପିଛା ଦରରେ ୧୧.୪୬ ପ୍ରତିଶତ ମହଙ୍ଗା ହୋଇଥିଲା। ଏହା ଛଡା ଗତ ଦୁଇ ଦିନରେ ଗୋଆ, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ତେଲେଙ୍ଗାନା, ନାଗାଲ୍ୟାଣ୍ଡ, ମିଜୋରାମ ଓ ୟୁପିରେ ଖୁଚୁରା ପିଆଜ ଦରରେ ସାମାନ୍ୟ ବୃଦ୍ଧି ହୋଇଥିଲେ ବି ବାକି ରାଜ୍ୟମାନଙ୍କରେ ପିଆଜ ଦର ସ୍ୱାଭାବିକ ରହିଛି।

ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ ଦେଶରେ ସାଧାରଣ ନିର୍ବାଚନ ପୂର୍ବରୁ ପିଆଜ ରପ୍ତାନୀ କଟକଣା ହଟିବାର ସମ୍ଭାବନା ନାହିଁ। କାରଣ ରବି ଋତୁରେ ମହାରାଷ୍ଟ୍ରରେ କମ୍ ଜମିରେ ପିଆଜ ଚାଷ ହୋଇଥିବାରୁ ଉତ୍ପାଦନ ହ୍ରାସ ହେବାର ଆଶଙ୍କା କରାଯାଉଛି। ରବି ଋତୁରେ ମୋଟ ପିଆଜ ଉତ୍ପାଦନ ୨.୨୭ କୋଟି ଟନ ହେବାର ଅନୁମାନ କରାଯାଉଛି। କୃଷିମନ୍ତ୍ରାଳୟଙ୍କ ଅଧିକାରୀମାନେ ଆଗାମୀ ଦିନରେ ମୁଖ୍ୟ ଉତ୍ପାଦନକାରୀ ରାଜ୍ୟ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଗୁଜରାଟରେ ରବି ପିଆଜ କଭରେଜର ଆକଳନ କରିବେ। ତେବେ ଅନ୍ତର-ମନ୍ତ୍ରୀ ସମୂହଙ୍କ ମଞ୍ଜୁରୀ ପରେ ମିତ୍ର ଦେଶଙ୍କୁ ସେମାନଙ୍କ ସହିତ ସମ୍ପର୍କ ଓ ଅନ୍ୟ ପରିସ୍ଥିତିକୁ ଦେଖି ପିଆଜ ରପ୍ତାନୀର ଅନୁମତି ଦିଆଯାଇଥିବା ଜଣାପଡିଛି।

ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

### ଲେଖକଙ୍କ କଲମରୁ

ବିବିଧତା ମନୁଷ୍ୟ ମନରେ ଆନନ୍ଦ ଓ ପରିପୂର୍ଣ୍ଣତା ଆଣିଦେଇଥାଏ। ତେଣୁ ବିଭିନ୍ନ ପ୍ରକାରର ସାହିତ୍ୟ ଆସ୍ୱାଦନ କରିବା ବହୁଳ ପାଠକଙ୍କ ପାଇଁ ଜୀବନରେ ପରିତୃପ୍ତି ଆଣିଦେବା ସ୍ୱାଭାବିକ। କିନ୍ତୁ ଏହି ପାଠକଙ୍କ କ୍ଷେତ୍ରରେ ଯେପରି ସହଜ ଲେଖକ ନିମିତ୍ତ ତାହା ହେଉଛି ସେହିପରି କଠିନ। ଏହି କାରଣରୁ ଅନେକ ଲେଖକ ପ୍ରାୟତଃ ସାହିତ୍ୟର କୌଣସି ଏକ ଦିଗରେ ଲେଖନୀ ଚାଳନା କରିଥାନ୍ତି। ତେଣୁ କୌଣସି ଲେଖକଙ୍କୁ କୁହାଯାଏ କେବଳ ଗାଳ୍ପିକ, କବି, ପ୍ରାବନ୍ଧିକ ଓ ଔପନ୍ୟାସିକ ଇତ୍ୟାଦି। ଏପରି କିଛି ମଧ୍ୟ ମୋ ପ୍ରାପ୍ତ ବୟସ୍କ ଲେଖକ ଜୀବନରେ ଆସିଅଛି। ମୋର ପ୍ରଥମେ ପ୍ରକାଶିତ ଆଲେଖ୍ୟଗୁଡ଼ିକ ଥିଲା ମୋ ରଚିତ ପ୍ରବନ୍ଧମାନଙ୍କୁ ନେଇ, ଯାହାକି କ୍ରମଶଃ ସଂଯୁକ୍ତ ହୋଇ ୬ଟି ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା। ସେଥିରେ ଥିବା ସମସ୍ତ ପ୍ରବନ୍ଧ ଗୁଡିକ ଥିଲା ଭିନ୍ନ ଭିନ୍ନ ସ୍ୱାଦର ଯଥା ସମାଲୋଚନାତ୍ମକ, ରମ୍ୟରଚନା ଜନିତ, ଅନୁଭୂତିରୁ ସୃଷ୍ଟ, ଭ୍ରମଣ କାହାଣୀଯୁକ୍ତ ଇତ୍ୟାଦି। ଏହି ଅଲେଖ୍ୟ ଗୁଡିକ ବହୁ ବର୍ଷ ବ୍ୟାପି ଦୈନିକ "ସମ୍ବାଦ କଳିକା"ରେ ମୋର ପ୍ରତି ଶନିବାରୀୟ ସ୍ତମ୍ଭରେ ପ୍ରକାଶିତ ହୋଇଆସୁଥିଲା ଓ ତାହା ମଧ୍ୟ ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଛି। ପ୍ରକାଶିତ ହେବାପରେ ସେଗୁଡ଼ିକୁ ପୁସ୍ତକ ରୂପରେ ପ୍ରକାଶିତ ହେଉଥିଲା। ସୁଧୀ ପାଠକଙ୍କ ମୂଲ୍ୟାୟନ ମୋତେ ଏକାର୍ଯ୍ୟରେ ଆଗଭର ହେବାପାଇଁ ପ୍ରେରଣା ଯୋଗାଉଥିଲା। ମୋଟ ଉପରେ ମୁଁ ଏପରି କିଛି ବର୍ଷ ଏକ ପ୍ରାବନ୍ଧିକ ଭାବରେ ସାହିତ୍ୟ ରଚନା କରି ଆସୁଥିଲି।

କିନ୍ତୁ ସେ ଗୁଡିକ ସରଳ ରେଖା ପରିତ୍ୟାଗ କରି ବକ୍ର ପଥକୁ ଗତି କଲେ ଏକ ବିଶେଷ କାରଣରୁ। ମୋର କିଛି ଜୟଦେବଙ୍କ ରଚିତ ଶୃଙ୍ଗାରପୂର୍ଣ୍ଣ "ଗୀତ ଗୋବିନ୍ଦ" ସଂସ୍କୃତ କାବ୍ୟ ଭାବରେ କିଛିଟା ଜ୍ଞାନ ଥିଲା। ହଠାତ୍ ଦିନେ ରାତ୍ରି ଅର୍ଦ୍ଧରେ ସ୍ୱପ୍ନବଶତଃ ମନେ କଲି ଯେ ଗୀତ ଗୋବିନ୍ଦ କୌଣସି ଗୀତ (ପ୍ରବନ୍ଧ)କୁ ମୁଁ ନିରଙ୍କୁଶ ଭାବେ ଓଡ଼ିଆ ପଦ୍ୟରେ ଅନୁବାଦ କରିଯାଉଛି ଓ କେହି ଏକ ଶକ୍ତି ମୋତେ କହୁଛି ଯେ "ତୁମେ ଏ କାର୍ଯ୍ୟ କରିପାରିବ ଇତ୍ୟାଦି। ଏହା ମୋ ମନର ଭ୍ରମ ହୋଇପାରେ। କିନ୍ତୁ ହଠାତ୍ ନିଦ୍ରାଭଙ୍ଗ ହେଲା ଓ ମନରେ ସେ ଭିନ୍ନଧର୍ମୀ କାର୍ଯ୍ୟ କରିବାର ଉତ୍ସାହ ମଧ୍ୟ ବଳବତୀ ହେଲା। ସଂସ୍କୃତ ପୁସ୍ତକଟିକୁ ରାତି ୨ଟାରେ ଖୋଲି ଓଡ଼ିଆରେ ଲେଖି ଚାଲିଲି ଓ ଗୀତ ଗୋବିନ୍ଦର ଶେଷ ଗୀତଟିର ପଦ୍ୟାକାରରେ ଓଡିଆରେ ଅନୁସୃଜନ (ଅନୁସୃଷ୍ଟି) ସକାଳ ୭ଟାରେ ଶେଷ କଲି। ୨-୩ ଦିନ ମାର୍ଜିତ କରି କିଛି ଓଡ଼ିଶୀ କଣ୍ଠ ସଂଗୀତର ପ୍ରଧାନ ଗୁରୁଙ୍କୁ ଦେଖାଇଲି ଓ ସେମାନଙ୍କ ପ୍ରୋତ୍ସାହନ ପାଇ ମୋ ସ୍ତମ୍ଭରେ ପ୍ରକାଶ କଲି। ବହୁତ ଦୂରଭାଷ ଆସିଲା ଯାହାସବୁ ପ୍ରେରଣାଦାୟକ ଥିଲା। ଏହିପରି ସମସ୍ତ ପୁସ୍ତକର ଅନୁସୃଷ୍ଟି ୨ୟ ବର୍ଷରେ ଶେଷ ହେଲା। ଏହା ପ୍ରକାଶିତ ହୋଇ ସାରିଛି। ଏହାର କେତୋଟି ଗୀତ ସି.ଡି ରୂପରେ ପ୍ରକାଶିତ ହୋଇ ୟୁ.ଟ୍ୟୁ.ବ୍ ଆଦିରେ ଉପଲବ୍ଧ। ଅନେକ ଓଡ଼ିଶୀ ନୃତ୍ୟ ଗୁରୁ କେତୋଟି ଗୀତକୁ ନେଇ ଓଡ଼ିଶୀ ନୃତ୍ୟ ରଚନା ଓ ପ୍ରଦର୍ଶନ କରୁଛନ୍ତି। ଏହି ଗୀତ ଗୋବିନ୍ଦ କାବ୍ୟର କ୍ରମାଗତ ପ୍ରକାଶନ ତଥା ଶେଷ ହେବା ସମୟରେ ଅନେକ ପାଠକ ବନ୍ଧୁ (ବିଶେଷତଃ **'ସମ୍ବାଦ କଳିକା'**ର ସଂପାଦକ ଶ୍ରୀ ଜୟାଶିଷ ରାୟ) ଏହି ପୁରାତନ ରୀତିରେ ଗୀତିକାବ୍ୟ ଲେଖିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ। ସେ ସମୟରେ ମୁଁ ଆଉ ଏକ ଇତିହାସ ଓ କଳ୍ପନା ମିଶ୍ରିତ ପୁରାତନ ଶୈଳୀର ଗୀତିକାବ୍ୟ ଲେଖିବାପାଇଁ ଗଭୀର ଅଧ୍ୟୟନ କରୁଥିଲି। ଏ ଆଧାରରେ ମୁଁ ଲେଖି ଚାଲିଲି ଯବଦେଶ (ଜାଭା)ରେ ଅଷ୍ଟମ ଓ ନବମ ଶତାବ୍ଦୀ (୭୫୦ରୁ ୮୫୦ ମସିହା)ରେ କଳିଙ୍ଗ ମୂଳର ଶୈଳେନ୍ଦ୍ର ରାଜବଂଶର ରାଜତ୍ୱକୁ କେନ୍ଦ୍ର କରି "କାବ୍ୟ କଲ୍ଲୋଳିନୀ"। ଏହା ମୋ ସ୍ତମ୍ଭରେ ପ୍ରକାଶ ପାଇଥିଲା ୭୨ଟି ଭାଗରେ। ୨ବର୍ଷରୁ ଅଧିକ ସମୟ ଅବଧିରେ। ଦିନେ ହଠାତ୍ କାହିଁକି ମନକୁ ଆସିଲା ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥଙ୍କ ରୀତି ଯୁଗୀୟ କାବ୍ୟ ସଦୃଶ ଏକ ଏକ ଅକ୍ଷରକୁ ଏକ ଏକ ଗୀତର ପଦ ବା ତା'ର ସମସ୍ତ ଅଂଶର ପ୍ରଥମ ଅକ୍ଷର ରଖି କବିତା ଲେଖିବି। ପରିଶ୍ରମ କରି ଗୀତ-୩୩ଟି "ଚ" ଅକ୍ଷରରେ ଲେଖିଲି। ତା'ର ବିଷୟବସ୍ତୁ ଥିଲା ଯବଦେଶ ରାଜକୁମାରୀ କଲ୍ଲୋଳିନୀ କଳିଙ୍ଗର ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟରେ ପଠନ କରୁଥିବା ସମୟରେ ପ୍ରେମାଶକ୍ତ ହୋଇ ନିଜ ସହପାଠୀ ପ୍ରେମିକକୁ ଲେଖିଥିବା ପ୍ରେମ ପତ୍ର। ଏହି ଗୀତ ପଢି ଜୟାଶିଷ ବାବୁଙ୍କ ସମେତ ଅନେକ ପାଠକ ବନ୍ଧୁ ମୋତେ ଏପରି କବିତା ଲେଖିବା ପାଇଁ ପରାମର୍ଶ ଦେଲେ। କିନ୍ତୁ ସେପରି ନିୟମିତ ଭାବେ ଲେଖି ନ ପାରି କିଛି କିଛି ଗୀତ ଅନ୍ତରରେ ପ, ନ, କ, ଶ/ସକୁ ପ୍ରତିପଦର ପ୍ରଥମ ଅକ୍ଷରରେ ପୁଣି ଚାରୋଟି ଗୀତ ପ୍ରକାଶ କଲି। ଏହାର ପଠନରେ ପୁନଃ ଅନେକ ପରାମର୍ଶ ଆସିଲା ଯେ ସେହି ରୀତିରେ ବାକି ସମସ୍ତ ଗୀତ ଲେଖିବାକୁ। ତେଣୁ କଷ୍ଟସାଧ୍ୟ ହେଲେ ମଧ୍ୟ ଶେଷ ୧୭ଟି ଗୀତ ସେହି ରୀତିରେ ଅଳ୍ପ କିଛିଟା ପରିବର୍ତ୍ତନ ପୂର୍ବକ (ଭିନ୍ନଭିନ୍ନ ଅକ୍ଷର)ରେ ରଚନା କରି କାବ୍ୟଟିର ପରିସମାପ୍ତି କଲି। ଏହି ରୀତିରେ ଲେଖାଥିବା କବିତା ପଠନରେ ଆନନ୍ଦ ପ୍ରକାଶ କରି ଅନେକ ପାଠକ ବନ୍ଧୁ "କାବ୍ୟ କଲ୍ଲୋଳିନୀ" ପରେ ଆଉ ଏକ କାବ୍ୟ ସେହିପରି ଲେଖିବାକୁ ପ୍ରୋତ୍ସାହିତ କଲେ। ବିଶେଷତଃ "ସମ୍ବାଦ କଳିକା"ର ସଂପାଦକ ଶ୍ରୀଯୁକ୍ତ ଜୟାଶିଷ ରାୟ ଦୂରଭାଷ ଯୋଗେ ଓ ହଠାତ୍ କେଉଁଠାରେ ସାକ୍ଷାତରେ ତଦନୁରୂପେ ପୁରାତନ ଶୈଳୀର ଆଉ ଏକ ଲେଖିବା ପାଇଁ ବହୁବାର କହିଥିଲେ, ଯାହା କି ମୋର ପୁରାତନ ଶୈଳୀର ଗୀତିକାବ୍ୟ ଧାରାକୁ ପୁନଃ ସରଳ ରେଖାରେ ନେଇ ଯିବାକୁ ପ୍ରେରିତ କରିଥିଲା। ତାହା ହିଁ ହେଲା। ଏକ ବହୁ ଓଡ଼ିଆଙ୍କ ପାଇଁ ଅଜ୍ଞାତ ଐତିହାସିକ ବିଶେଷ ଘଟଣା ଉପରେ ମୁଁ ସେତେବେଳକୁ ଗଭୀର ଅଧ୍ୟୟନ କରୁଥିଲି। ତାହା ଥିଲା ଖ୍ରୀଷ୍ଟପର ପ୍ରଥମ ଶତାବ୍ଦୀରେ ଜଣେ କଳିଙ୍ଗ ବ୍ରାହ୍ମଣ ବୀର କିପରି କମ୍ବୁଜ ଦେଶ (ଆଜିର କମ୍ବୋଡିଆ)ରେ ରାଜତ୍ୱ କରିବାରେ ସକ୍ଷମ ହୋଇଥିଲେ ଓ ତାଙ୍କ ନାମରେ ଏହି ରାଜବଂଶ କମ୍ବୁଜକୁ ପ୍ରାୟ ୫୦୦ବର୍ଷ ଶାସନ କରିଥିଲା। ସେ ବୀର ହେଉଛନ୍ତି ଗଂଜାମ ଅଂଚଳର କୌଣ୍ଡିନ୍ୟ ଓ ତାଙ୍କ ରାଜବଂଶର ନାମ ଥିଲା କୌଣ୍ଡିନ୍ୟ ରାଜବଂଶ। କୌଣ୍ଡନ୍ୟଙ୍କ ରୋମାଞ୍ଚକର ଭାବେ ଏକ ଜଳଦସ୍ୟୁ ଦଳର ମୁଖ୍ୟାକୁ ପରାଜିତ କରିବା, ସେ ଦସ୍ୟୁ ମୁଖ୍ୟା ନେଆଙ୍ଗ ନିକ୍ (ପରେ "ସୋମା" ନାମେ ନାମିତ) କୌଣ୍ଡିନ୍ୟଙ୍କୁ ବରଣ କରିବା, ଉଭୟଙ୍କ ବିବାହ ସଂପାଦନ ଏବଂ ଅସଂଗଠିତ ଅଞ୍ଚଳକୁ ସଂଗଠିତ କରି କମ୍ବୁଜ ରାଜ୍ୟ ସ୍ଥାପନ ଆଦି ଐତିହାସିକ କଥାବସ୍ତୁ ସହ ଅନେକ ସରସ ରୁଚିକର କଳ୍ପନା ପ୍ରସୂତ କଥାଂଶକୁ ସଂଯୋଗ କରି ଗୀତିକାବ୍ୟଟି ରଚନା କରାଯାଇଛି। ଏ ଗୀତିକାବ୍ୟଟି "କାବ୍ୟ କୌଣ୍ଡିନ୍ୟ" ନାମରେ ଅନେକ ଭାଗରେ **"ସମ୍ବାଦ କଳିକା"**ରେ ପ୍ରକାଶ ଲାଭ କରିଅଛି। ଏହି କାବ୍ୟଟି ସଂପୂର୍ଣ୍ଣ ପୂର୍ବୋକ୍ତ ପୁରାତନ ରୀତିରେ ଲିଖିତ ହୋଇଅଛି। ବିଶେଷତ୍ୱ ଏହି ଯେ ପ୍ରତ୍ୟେକ ଗୀତର ପଦଗୁଡିକ ଏକ ନିର୍ଦ୍ଦିଷ୍ଟ ଅକ୍ଷରରୁ ଆରମ୍ଭ ହୋଇଅଛି। ଏପରିକି ପୁରାତନ ରଚନାରେ 'ଇ' ଅକ୍ଷରରୁ 'ଔ' ପର୍ଯ୍ୟନ୍ତ ସ୍ୱରବର୍ଣ୍ଣରେ ବୋଧ ହୁଏ ନଥିବା ବେଳେ, ଏ କଷ୍ଟକର ରଚନାକୁ ମୁଁ ବିଭିନ୍ନ ଗୀତରେ ସ୍ଥାନିତ କରିଛି। ପୁନଶ୍ଚଃ ଏ କାବ୍ୟରେ ପ୍ରାୟ ସମସ୍ତ ଉପଯୋଗୀ ବ୍ୟଂଜନ ବର୍ଣ୍ଣକୁ ପ୍ରତି ପଦର ପ୍ରଥମ ଅକ୍ଷର କରି ଅନେକ ଗୀତ ରହିଅଛି।

ଏହି ଦୁଇ ଗୀତିକାବ୍ୟ ଯଥା- 'କାବ୍ୟ କଲ୍ଲୋଳିନୀ' ଓ 'କାବ୍ୟ କୌଣ୍ଡିନ୍ୟ' ଅନତିଦୂରରେ ପୁସ୍ତକ ରୂପ ଲାଭ କରିବେ। ଏ ସବୁ ରଚନା ଚାଲିଥିବା ବେଳେ ଅନେକ ପାଠକ ବନ୍ଧୁ ପୁନଃ ଏକ ଗୀତିକାବ୍ୟ ପୂର୍ବ ରୀତିରେ ରଚନା କରିବାପାଇଁ ପ୍ରୋତ୍ସାହିତ କରୁଥିଲେ। ତେଣୁ ସେ ବିଷୟରେ ମୁଁ ପ୍ରସ୍ତୁତ ହେଉଥିଲି। କିନ୍ତୁ କେତେକ ଅନିବାର୍ଯ୍ୟ କାରଣରୁ ତାହା ସମାପ୍ତ ହୋଇପାରିଲା ନାହିଁ। ତେଣୁ ଖେଦ ପ୍ରକାଶ କରୁଛି ଯେ, ଆଉ କିଛି ବିଳମ୍ବରେ ସେ କାର୍ଯ୍ୟ ଆରମ୍ଭ କରିବି।

ଉପରୋକ୍ତ ପରାମର୍ଶ ସହ ଆଉ କେତେକ ପାଠକ ବନ୍ଧୁ ପୂର୍ବୋକ୍ତ ଦୁଇ ଗୀତି କାବ୍ୟକୁ ଗଦ୍ୟ ରୂପ ଦେବା ପାଇଁ ମଧ୍ୟ କହି ଅଛନ୍ତି। ଏହାର କାରଣ ହେଲା ପୁରାତନ ଶୈଳୀର କଠିନ ଗୀତିକାବ୍ୟ ପଠନ ପାଇଁ ସହଜ ନ ଥିଲା ବେଳେ ଅନେକ କଥାଂଶକୁ ସ୍ଥାନିତ କରିବାରେ କଷ୍ଟକର ହୋଇଥାଏ। କିନ୍ତୁ ଗଦ୍ୟାକାରରେ ତା'ର ପରିପ୍ରକାଶ ହେଲେ ତାହା ଅନେକାଂଶରେ ନୂତନ କଳେବର ପ୍ରାପ୍ତି ହୋଇ ଏକ ଭିନ୍ନ ସ୍ୱାଦ ପ୍ରଦାନ କରିଥାଏ। ପୁନଶ୍ଚ ଗଦ୍ୟ ସାହିତ୍ୟକୁ ଅନ୍ୟ ଭାଷାରେ ଅନୁବାଦ କରିବା କିମ୍ବା ଓଡ଼ିଆ ବା ଅନ୍ୟ ଭାଷାରେ ତାକୁ ଟିଭି. ଧାରାବାହିକ, ନାଟକ, ଚଳଚିତ୍ର ଆଦିରେ ରୂପାନ୍ତରିତ କରିବା ସହଜ ସାଧ୍ୟ ହୋଇଥାଏ। ତେଣୁ ଏପରି କଥାବସ୍ତୁ ଓଡ଼ିଆରେ ସୀମିତ ନ ରହି ଅନେକ ଭିନ୍ନ ଭାଷାଭାଷୀ ଅଂଚଳରେ ପ୍ରଚାର ପ୍ରସାର ଲାଭ କରିବା ସହଜ ସାଧ୍ୟ ହୋଇ ପାରିଥାଏ।

ଏଣୁ ବର୍ତ୍ତମାନ ସରଳ ଗତିରୁ କିଛି ଦିନ ପାଇଁ ନିବୃତ୍ତ ହୋଇ ଏ ଗଦ୍ୟ ଉପନ୍ୟାସ ପଥର ପଥିକ ଭାବେ ନିଜକୁ ନିୟୋଜିତ କରୁଛି, "କାବ୍ୟ କଲ୍ଲୋଳିନୀ" ଆଧାରରେ ଏହି ଉପନ୍ୟାସ "ବଧୂ ବିଦେଶିନୀ"ର ଲିଖନ ଆରମ୍ଭ କରି। ଅତଃ ମୋ ରଚିତ ଗୀତିକାବ୍ୟ " କାବ୍ୟ କଲ୍ଲୋଳିନୀ"ର ଆଧାରରେ ଚଳିତ ଗଦ୍ୟ ଭିତ୍ତିକ ଉପନ୍ୟାସ ବା କାବ୍ୟଟି ଲିଖନ କାର୍ଯ୍ୟ ଆରମ୍ଭ କରୁଛି। ଏ ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛି ଯବରାଜ୍ୟର ଶୈଳେନ୍ଦ୍ର ରାଜ ବଂଶର ଶେଷ ରାଜା ବାଳପୁତ୍ର ଦେବଙ୍କ ସାନଭାଇଙ୍କ କାଳ୍ପନିକ କନ୍ୟା। ଏ କାବ୍ୟର ପ୍ରାୟ ସମସ୍ତ କଥାବସ୍ତୁ ମୁଖ୍ୟନାୟିକାର ମୁଖନିସୃତ ଅଟେ ଯାହା ମଧ୍ୟ ଆଂଶିକ ଇତିହାସ ଭିତ୍ତିକ ତଥା କବିଙ୍କ କଳ୍ପନା ଉଦ୍ଭବ ଅଟେ। ଶୈଳେନ୍ଦ୍ର ରାଜବଂଶ, ତା' ପ୍ରଥମ ରାଜା ଭାନୁ, ଶେଷ ଦୁଇ ରାଜା ସମରତୁଂଗ ଓ ବାଳପୁତ୍ର ଦେବ, ସମରତୁଂଗଙ୍କ କନ୍ୟା ପ୍ରମୋଦବର୍ଦ୍ଧିନୀ ଓ ତାଙ୍କ ପତି ସଂଜୟବଂଶ ରାଜା ରାକଇ ପକତନ ଐତିହାସିକ ଚରିତ୍ର ହୋଇଥିଲା ବେଳେ ଅବଶିଷ୍ଟ ଚରିତ୍ରମାନ କାଳ୍ପନିକ ଅଟନ୍ତି। କିନ୍ତୁ ଯବଦେଶ ଓ କଳିଂଗର ଯେଉଁ ସବୁ ସ୍ଥାନମାନଙ୍କ ଉଲ୍ଲେଖ କରାଯାଇଛି ସେ ସମସ୍ତ ସେ ସମୟର ଐତିହାସିକ ସ୍ଥାନ ଅଟେ। ସେଗୁଡିକ ହେଲା ସୁମାତ୍ରା, ତରୁମ୍ନଗର, ଶୁଣ୍ଡ ରାଜ୍ୟ, ଗାଲୁହ, କଳିଂଗା ରାଜ୍ୟ (ଯବଦେଶର), ସଂଜୟ ରାଜବଂଶର ରାଜ୍ୟ, ବୋରୋବୁଦୁର ବୌଦ୍ଧ ମନ୍ଦିର, ପ୍ରଂବନନ୍ ହିନ୍ଦୁ ମନ୍ଦିର, ସରଯୁ ନଦୀ, କଳିଙ୍ଗ ସାଗର କଳିଂଗା ବିଶ୍ୱବିଦ୍ୟାଳୟ, ବିଭିନ୍ନ ଶିଳାଲେଖ, ବିଭିନ୍ନ ପୁସ୍ତକାବଳୀ, ଶୁଣ୍ଡ ଭାଷା, ଇତ୍ୟାଦି। ଯବଦେଶର ସ୍ଥାନ ବିଶେଷ ବ୍ୟତୀତ ଆମ କଳିଂଗ ରାଜ୍ୟର ଯେଉଁ ଐତିହାସିକ ସ୍ଥାନ ଆଦି ବିଷୟକ କଥାମାନ ଲେଖାଯାଇଅଛି, ସେଗୁଡିକ ହେଲା ଚେଳିତାଲୋ ବନ୍ଦର, କଳିଂଗ ସାଗର (ବଂଗୋପସାଗର), ପାଲୁର ବନ୍ଦର, ଇକତ ବସ୍ତ୍ର, ଚିଲିକା, ଖୋର୍ଦ୍ଧାଗଡ, ବରୁଣେଇ, ଏକାମ୍ରକ୍ଷେତ୍ର, ଖଣ୍ଡଗିରି, ଉଦୟଗିରି, ଧଉଳିଗିରି, କଟକନଗର, ମହାନଦୀ, ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟସ୍ଥ (ଚଣ୍ଡିଖୋଲ ନିକଟବର୍ତ୍ତୀ) ଲଳିତଗିରି, ରତ୍ନଗିରି, ଉଦୟଗିରି, ଓ ଲାଙ୍ଗୁଡି ଏବଂ ଧୂମାତ ଶାସନ। ମୋଟ ଉପରେ କହିଲେ ନବମ ଶତାବ୍ଦୀରେ ପରିଦୃଶ୍ୟମାନ ଏହି ସବୁ ସ୍ଥାନାଦିକୁ ନେଇ ସେ ସମୟ ପ୍ରଚ୍ଛଦ ପଟରେ ସଂପୂର୍ଣ୍ଣ ଉପନ୍ୟାସଟି ଲେଖିବାର ପ୍ରୟାସ କରାଯାଇଛି। ଉପନ୍ୟାସଟି ପାଠକଲେ ଏ ସମସ୍ତ ବୋଧଗମ୍ୟ ହୋଇପାରିବ ଓ ତେଣୁ ସେ ବିଷୟରେ ଆଉ ଅଧିକ ଆଲୋକପାତ ଏଥିରେ କରୁ ନାହିଁ।

ପୁନଶ୍ଚ ଏହା ସୂଚାଇ ଦେଉଛି ଯେ ରାଜକୁମାରୀ କଲ୍ଲୋଳିନୀ, ନିଜ ସହପାଠିନୀ ସୁହାସିନୀ ଯବଦେଶରୁ ଆସି କଳିଂଗର ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଛି ଓ ନିଜର ଏକ ସହପାଠୀ ସହିତ ପ୍ରେମ କରି ବହୁ ବାଧାବିଘ୍ନ ମଧ୍ୟରେ ଗତି କରି ତାକୁ ବିବାହ କରିଛି। ତା' ସହ ସଖୀ ସୁହାସିନୀ ମଧ୍ୟ ଜାତିଭେଦ ଅତିକ୍ରମ କରି ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ସହ ପ୍ରଣୟ ସୂତ୍ରରେ ବାନ୍ଧି ହୋଇଅଛି। ଫଳତଃ ଦୁଇ ବିଦେଶିନୀ ଯବ କୁମାରୀ କଳିଂଗ ବଧୂ ହୋଇ ଥିବାରୁ ଉପନ୍ୟାସଟିର ନାମ 'ବଧୂ ବିଦେଶିନୀ' ରଖାଯାଇଛି।

ଆଶାକରେ, ଏ ପୁରାତନଧର୍ମୀ ଉପନ୍ୟାସଟି ସୁଧୀ ପାଠକଙ୍କ ଶ୍ରଦ୍ଧାଭାଜନ ହୋଇପାରିବ। ପଠନ କଲା ସମୟରେ ନିଜ ନିଜର ମତାମତ ଜ୍ଞାତ କରାଇଲେ ଆନଂଦ ଅନୁଭବ କରିବି ଓ ତାହା ମୋତେ ଉପନ୍ୟାସର ମାନ ବଢାଇବାରେ ଅଶେଷ ସାହାଯ୍ୟ କରିବ।



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

# ସର୍ବ କନିଷ୍ଠ ଶହୀଦ ବାଜି ରାଉତ

ଶତ ସହସ୍ର ସ୍ୱାଧୀନତା ସଂଗ୍ରାମୀଙ୍କ ଲହୁ , ଲୁହ ଓ ସତ୍ୟାଗ୍ରହର ପ୍ରତିଦାନରେ ଆମେ ସ୍ୱାଧୀନତା ପାଇଛେ । ସେମାନଙ୍କ ମଧ୍ୟରୁ ସର୍ବ କନିଷ୍ଠ ସହିଦ ବାଜି ରାଉତଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ଅତି ସାହସର ସହ କଟିଥିଲା । ମାତ୍ର ବାର ବର୍ଷ ବୟସରେ ସେ ଦେଶପ୍ରେମର ଯେଉଁ ପରାକାଷ୍ଠା ଦେଖାଇଥିଲେ ସେଥିପାଇଁ ସେ ଯୁଗଯୁଗକୁ ଅମର ହୋଇ ରହିଛନ୍ତି । ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ୧୯୨୬ମସିହା ଅକ୍ଟୋବର ମାସ ୫ ତାରିଖରେ ତାଙ୍କର ଜନ୍ମ । ଏକ ଖଣ୍ଡାୟତ ପରିବାରର ହରି ରାଉତ ଓ ରାଣୀ ଦେବୀଙ୍କର ସେ ଥିଲେ ପଞ୍ଚମ ସନ୍ତାନ । ବାଜି ଶିଶୁ ଥିବା ସମୟରେ ତାଙ୍କର ପିତୃ ବିୟୋଗ ଘଟିଥିଲା । ପାଠ ପଢିବା ପାଇଁ ବାଜିଙ୍କର ପ୍ରବଳ ଆଗ୍ରହ ଥିଲେ ମଧ୍ୟ ଅଭାବ, ଅନଟନ ତାଙ୍କୁ ଅନ୍ଧକାର ମଧ୍ୟକୁ ଠେଲି ଦେବାକୁ ସର୍ବଦା ତତ୍ପର ଥିଲା । ପେଟକୁ ମୁଠାଏ ଦାନା ଓ ଦେହକୁ ଖଣ୍ଡିଏ କନା ପାଇଁ ସେ ପରିବାରର କୌଳିକ ବୃତ୍ତି ପରିବର୍ତ୍ତେ ବ୍ରାହ୍ମଣୀ ନଦୀରେ ନୌକା ବାହିବା ଓ ମାଛ ଧରିବା କାର୍ଯ୍ୟକୁ ଆଦରି ନେଇଥିଲେ ।

ସେତେବେଳେ ଢେଙ୍କାନାଳରେ ଗଡଜାତ ଶାସନ ବ୍ୟବସ୍ଥା ଥାଏ । ବ୍ରିଟିଶ୍ ଶାସକଙ୍କ ସହାୟତାରେ ଗଡଜାତର ଶାସକ ରାଜା ଶାସନ କରୁଥିଲେ । ଉଭୟ ଇଂରେଜ ସରକାର ଓ ଗଡଜାତ ରାଜାଙ୍କର ଅଖଣ୍ଡ, ନିର୍ମମ, ନିଷ୍ଠୁର, ଅତ୍ୟାଚାରୀ ଶାସନରେ ପ୍ରଜାମାନେ ଅତିଷ୍ଠ ହୋଇ ଉଠିଥିଲେ । ରାଜାଙ୍କ ଇଛା, ମର୍ଜି ଅନୁସାରେ ମାଜିଷ୍ଟ୍ରେଟ୍, ପୋଲିସ୍, ହାକିମ ଓ ରାଜ କର୍ମଚାରୀ ପରିଚାଳିତ ହେଉଥିଲେ । ଗଡଜାତର ରଜାମାନଙ୍କର ସ୍ୱାର୍ଥ, ସୁଖ, ସୁବିଧାକୁ ଦୃଷ୍ଟି ଦେଉନଥିଲେ । ବରଂ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ପ୍ରଜାଙ୍କୁ ଅତ୍ୟଧିକ କର, ସେସ୍ ସାଙ୍ଗକୁ ଭେଟି, ବେଠି, ମାଗଣ, ରସଦ ପ୍ରଭୃତି ଦେଇ ପ୍ରଜାମାନେ ନିଃସ୍ୱ ହୋଇଯାଉଥିଲେ । ଯେତେବେଳେ ପ୍ରଜାମାନେ ବିଦ୍ରୋହ କରିଥାନ୍ତି ସେତେବେଳେ ଏହି ବିଦ୍ରୋହକୁ ଇଂରେଜ ସରକାର ସହଯୋଗରେ ରାଜା ଭଣ୍ଡୁର କରିଦେଉଥାନ୍ତି । ଶାସକଙ୍କର ଏତାଦୃଶ ଅତ୍ୟାଚାରକୁ ବିରୋଧ କରିବାପାଇଁ କିଛି ପ୍ରଜା ଅଣ୍ଟା ଭିଡିଲେ । ବିଭିନ୍ନ ଅଞ୍ଚଳରେ ପ୍ରଜାମଣ୍ଡଳ ଗଠନ କରାଗଲା । ପ୍ରଜାମଣ୍ଡଳ ଗଠନର ଅଳ୍ପଦିନ ପରେ ଢେଙ୍କାନାଳର ଜନସାଧାରଣଙ୍କ ମଧ୍ୟରେ ଜାଗରଣ ଦେଖାଦେଲା । ଇଂରେଜ ସରକାର ଓ ଗଡଜାତ ଶାସକଙ୍କ ବିରୋଧରେ ଲଢିବାପାଇଁ ପ୍ରତ୍ୟେକ ଗ୍ରାମର ଲୋକମାନେ ପ୍ରଜାମଣ୍ଡଳର ସଭ୍ୟ ହେଲେ । ସେତେବେଳେ ଢେଙ୍କାନାଳ ଗଡ ପ୍ରଜାମଣ୍ଡଳର ସଭାପତି ଥାଆନ୍ତି ମହେଶ୍ୱର ସୁବାହୁ ସିଂହ । ତାଙ୍କ ନେତୃତ୍ୱରେ ଭୁବନ, ମଢି, ପରଜଙ୍ଗ, ହିନ୍ଦୋଳ ଅଞ୍ଚଳରେ ପ୍ରଜାମଣ୍ଡଳ ବେଶ୍ କିଛି କାର୍ଯ୍ୟ କରୁଥିଲା ।



ଭୁବନ ସେତେବେଳେ ସାତ ହଜାର ଲୋକଙ୍କ ବସତିର ଏକ ବଡ ଗାଁ । ଏଠାକାର ଲୋକେ ଭାରି ସାହସୀ ଓ ଲଢୁଆ । ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟପୀଠ ଭାବେ ଭୁବନର ସୁଖ୍ୟାତି ଥିଲା । ପ୍ରତ୍ୟେକ ଦିନ ସଂନ୍ଧ୍ୟାରେ ଭୁବନର ବଡହାଟ ଠାରେ ପ୍ରଜାମଣ୍ଡଳର ସଭା ବସେ । ଭୁବନ ଅଞ୍ଚଳରେ ବେଣୁଧର ପରିଡା, ମହନ୍ତ ପ୍ରଧାନ, ନଟ ସାହୁ, ରଘୁ ନାୟକ, ହୁରୁଷି ପ୍ରଧାନ, ଗୁରି ନାୟକ ପ୍ରମୁଖ କର୍ମୀମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥାନ୍ତି । ୧୯୩୮ ମସିହା ଅକ୍ଟୋବର ମାସ ୧୦ ତାରିଖ ଦିନ ସାରା ଝିପି ଝିପି ବର୍ଷା । ହାଇଦ୍ରାବାଦି ଓ ପଞ୍ଜାବୀ ଫୌଜ ସହ ଦେଶୀୟ ଫୌଜଙ୍କୁ ନେଇ ଗଠିତ ଗୋରାବାହିନୀ ଗୋଡିଡିହି, ଡୁମୁସିଂହା, ପରଜଙ୍ଗ, କନ୍ଦରସିଂହାରେ ନାରକୀୟ ସଂହାର ଲୀଳା ଶେଷ କରି ବ୍ରାହ୍ମଣୀ ନଦୀର ଚଷାପଡା ଘାଟରୁ ଡଙ୍ଗାରେ ଆସି ଭୁବନର ପଶ୍ଚିମ ପାର୍ଶ୍ୱ ସୁଲେଇପାଳ ତୋଟାରେ ଡଙ୍ଗା ରଖି ସଂନ୍ଧ୍ୟାରେ ଭୁବନ ଗ୍ରାମରେ ପ୍ରବେଶ କଲେ । ୮ ଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ବେଆଇନ୍ ଗିରଫଦାରି କରି ଭୁବନ ଥାନାକୁ ଆଣିଲେ । ଏ ଖବର ଭୁବନ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପିଗଲା । କର୍ମୀମାନେ ଥାନା ଘେରାଉ କଲେ । ଗିରଫ ପ୍ରଜାମଣ୍ଡଳର କର୍ମୀମାନଙ୍କୁ ଛାଡି ଦେବାପାଇଁ ହୋ ହାଲା କଲେ । ଥାନା ଉପରକୁ ଟେକା ପଥର ଫିଙ୍ଗିଲେ । ସୃଷ୍ଟି ହେଲା ପୋଲିସ୍ର ନାରକୀୟ କାଣ୍ଡ । ପୋଲିସ୍ ଗୁଳିରେ ସହିଦ୍ ହେଲେ ଗୁରି ନାୟକ । ଗୁରୁତର ଆହତ ହେଲେ ରଘୁ ନାୟକ। ଅନେକ କର୍ମୀ ଖଣ୍ଡିଆ ଖାବରା ହେଲେ। ପାହାନ୍ତା ପ୍ରହର ବେଳକୁ ଫୌଜମାନେ ଢେଙ୍କାନାଳ ଗଡକୁ ଚାଲିଯିବାକୁ ବସିଥିଲେ । ସେମାନଙ୍କ ଠାରୁ ଅସ୍ତ୍ର ଶସ୍ତ୍ର ଛଡାଇ ପ୍ରତିଶୋଧ ନେବା ପାଇଁ ପ୍ରଜାମଣ୍ଡଳ କର୍ମୀମାନେ ଗୋଡାଇଲେ । ଫୌଜମାନେ ନୀଳକଣ୍ଠପୁର ବ୍ରାହ୍ମଣୀ ଘାଟରେ ପହଞ୍ଚି ଡଙ୍ଗାରେ ଆରପାରିକୁ ଯିବାକୁ ବସିଥିଲେ । ସେମାନଙ୍କୁ ଶହ ଶହ ସଂଖ୍ୟାରେ ଲୋକ ଭୁବନ ଗ୍ରାମରୁ ଗୋଡାଇଥାନ୍ତି । ଜୀବନ ସେମାନଙ୍କର ବିପନ୍ନ । ସେତେବେଳେ ଘାଟରେ ଦୁଇଟି ଡଙ୍ଗା ଥିଲା । ଗୋଟିଏ ରାଜ କର୍ମଚାରୀମାନେ ନଦୀ ପାର ହେବାପାଇଁ ଓ ଅନ୍ୟଟି ସାଧାରଣ ଲୋକଙ୍କ ପାଇଁ । ପୂର୍ବରୁ ଫୌଜମାନେ ନୀଳକଣ୍ଠପୁର ଘାଟକୁ ଆସୁଥିବାର ଖବର ପାଇଁ କର୍ମୀମାନେ ରାଜାଙ୍କ ଡଙ୍ଗାକୁ ନଦୀରେ ବୁଡାଇ ଦେଇଥିଲେ । ଅନେକ କର୍ମୀ ସାଧାରଣ ଲୋକଙ୍କ ଡଙ୍ଗାକୁ ଜଗି ରହିଥିଲେ । ଫୌଜମାନେ ଘାଟରେ ପହଞ୍ଚି ନଦୀ ପାର କରିଦେବାପାଇଁ କର୍କଶ ସ୍ୱରରେ କହିଲେ । ମାତ୍ର କର୍ମୀମାନଙ୍କ ଗ୍ରହଣରେ ଥିବା ବାର ବର୍ଷର ବାଳକ ବାଜିରାଉତ ଫୌଜଙ୍କ ନାଲି ଆଖି ଓ ଧମକକୁ ଭୟ ନକରି ଜବାବ ଦେଲେ "ପ୍ରଜାମଣ୍ଡଳର ହୁକୁମ ନାହିଁ, ମୁଁ ନଦୀ ପାର କରିପାରିବି ନାହିଁ" ଛୋଟ ପିଲାଟିର କଣ୍ଠରୁ ପ୍ରଜାମଣ୍ଡଳର ନାଁ ଶୁଣି ଫୌଜମାନେ ରାଗ ଜରଜର ହୋଇ ଡଙ୍ଗା ଉପରକୁ କୁଦି ପଡିଲେ । ବାଜିରାଉତଙ୍କ ହାତରୁ ଡଙ୍ଗା କାତକୁ ଛଡାଇ ନେଇ ତାଙ୍କୁ ନଦୀ କୂଳକୁ ଠେଲିଦେଲେ । ଫୌଜମାନେ ଡଙ୍ଗା ବାହି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ଡଙ୍ଗା ଦଉଡିକୁ କର୍ମୀମାନେ ଭିଡି ଧରିଲେ । ଜୀବନ ବଞ୍ଚାଇବାପାଇଁ ନଦୀ ପାର ହୋଇ ନିଜିଗଡକୁ ପଳାଇ ଯିବାକୁ ଉଦ୍ୟମ କରୁଥିବା ଫୌଜମାନେ କର୍ମୀଙ୍କ ଉପରକୁ ଗୁଳି ବର୍ଷଣ କଲେ । ଏଥିରେ ଟିକି ବାଳକ ବାଜିରାଉତଙ୍କ ସମେତ ହୁରୁଷି ପ୍ରଧାନ, ନଟ ମଳିକ, ଫଗୁ, ଲକ୍ଷ୍ମଣ ମଳିକ ପ୍ରମୁଖ ଚାରି ଜଣ ମୃତ୍ୟୁବରଣ କଲେ । ଧର୍ମପଦ ଓ ଅଭିମନ୍ୟୁଙ୍କ ପରି ବାଜିରାଉତ କିଶୋର ବୟସରେ ଦେଶ ପାଇଁ ପ୍ରାଣ ବଳି ଦେଇ ଯୁଗ ଯୁଗକୁ ଅମର ହୋଇ ରହିଛନ୍ତି ।

ପ୍ରକାଶ ମହାପାତ୍ର
ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ
ମୋ: ୯୯୩୭୯୭୦୩୪୫

# ବରିଷ୍ଠ ନାଗରିକଙ୍କ ପାଇଁ ଆଇନଗତ ବ୍ୟବସ୍ଥା

ବୟସ ବୃଦ୍ଧି ସହ ମଣିଷର ଶରୀରର ଓ ମନର ଅବସ୍ଥାରେ କ୍ରମଶଃ ଦୁର୍ବଳତା ଆସିଥାଏ । ବୟସ୍କମାନଙ୍କ ପ୍ରତି ଅବହେଳା ଓ ନିର୍ଯାତନାକୁ ନେଇ ୨୦୦୭ ମସିହାରେ ବିଧିବଦ୍ଧ ଭାବେ ଆଇନ ପ୍ରଣୟନ କରାଯାଇଛି । ଯେଉଁଥିରେ ସରକାର ଓ ପରିବାର ଉଭୟଙ୍କର ଦାୟିତ୍ୱ ନେଇ ସୂଚାଇ ଦିଆଯାଇଛି । ଅନେକ ବୟସ୍କ ନାଗରିକ ସେମାନଙ୍କ ଆଇନଗତ ଅଧିକାର ସଂପର୍କରେ ମଧ୍ୟ ଅଜ୍ଞ ।

ଭାରତୀୟ ସମ୍ବିଧାନରେ ନାଗରିକଙ୍କ ସୁରକ୍ଷା ଓ ଅଧିକାର ସଂପର୍କରେ ପ୍ରଦତ୍ତ ଆଇନଗତ ବ୍ୟବସ୍ଥାନୁଯାୟୀ ବରିଷ୍ଠ ନାଗରିକଙ୍କର ମଧ୍ୟ ସମାନ ଆଇନଗତ ବ୍ୟବସ୍ଥା ରହିଛି । ସମ୍ବିଧାନର ଚତୁର୍ଥ ପରିଚ୍ଛେଦରେ (Directive Principles of State Policy)ରେ ଆର୍ଟିକିଲ୍ ୪୧ରେ ରାଜ୍ୟକୁ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ବ୍ୟବସ୍ଥା ଥିବାବେଳେ ଆର୍ଟିକିଲ୍ ୪୬ରେ ଦୁର୍ବଳ ଶ୍ରେଣୀଙ୍କ ଅର୍ଥନୈତିକ ଅଧିକାରର ସୁରକ୍ଷା ପାଇଁ ବ୍ୟବସ୍ଥା ରହିଛି । 'ପର୍ସନାଲ୍ ଲ', 'କୋଡ୍ ଅଫ୍ କ୍ରିମିନାଲ୍ ପ୍ରସିଡିଓର' ଏବଂ 'ମେଣ୍ଟନାନ୍ସ ଅଫ୍ ଏଣ୍ଡ୍ ୱେଲ୍‌ଫେୟାର ଅଫ୍ ପାରେଣ୍ଟସ ଏଣ୍ଡ୍ ସିନିଅର୍ ସିଟିଜେନ୍‌ସ ଆକ୍ଟ- ୨୦୦୭'ରେ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ଭରଣପୋଷଣ ବ୍ୟବସ୍ଥା ନେଇ ଆଇନଗତ ବ୍ୟବସ୍ଥା ପ୍ରଣୟନ କରାଯାଇଛି । ପର୍ସନାଲ୍ ଲ' ଅନୁଯାୟୀ ହିନ୍ଦୁ ଆଡପ୍‌ସନ ଏଣ୍ଡ୍ ମେଣ୍ଟନାନ୍ସ ଆକ୍ଟ (ହିନ୍ଦୁ ପୋଷ୍ୟ ଓ ଭରଣପୋଷଣ ଆଇନ), ୧୯୫୬ ଅନୁଯାୟୀ ଅଭିଭାବକମାନେ ସେମାନଙ୍କ ପୁତ୍ର /କନ୍ୟାଙ୍କଠାରୁ ଭରଣପୋଷଣ ପାଇଁ ସହାୟତା ପାଇବାକୁ ଆଇନଗତ ଭାବେ ହକଦାର ଅଟନ୍ତି । ଯଦି ବୟସ୍କ ଅଭିଭାବକମାନେ ଉପାର୍ଜନକ୍ଷମ ହେବାକୁ ସକ୍ଷମ ନଥିବେ, ଏହି ଆଇନ ଦ୍ୱାରା ଉଭୟ ନିଜ ଜନ୍ମିତ କିମ୍ବା ପୋଷ୍ୟ ସନ୍ତାନଙ୍କଠାରୁ ଅଭିଭାବକମାନେ ସହାୟତା ପାଇପାରିବେ । ସେହିପରି ମୁସଲିମ୍ ପର୍ସନାଲ୍ ଲ'ରେ ମଧ୍ୟ ପୁତ୍ର / କନ୍ୟାଙ୍କଠାରୁ ଭରଣ ପୋଷଣ ପାଇବାର ଆଇନଗତ ଅଧିକାର ମଧ୍ୟ ଅଭିଭାବକଙ୍କର ରହିଛି । କୋଡ୍ ଅଫ୍ କ୍ରିମିନାଲ୍ ପ୍ରୋସିଡିଓରର ସେକ୍ସନ ୧୨୫ରେ ମଧ୍ୟ ଏଥିନେଇ ବ୍ୟବସ୍ଥା ରହିଛି । ମେଣ୍ଟନାନ୍ସ ଏଣ୍ଡ ୱେଲ୍‌ଫେୟାର ଅଫ୍ ପ୍ୟାରେଣ୍ଟସ୍ ଏଣ୍ଡ୍ ସିନିଅର ସିଟିଜେନ୍‌ସ ଆକ୍ଟ- ୨୦୦୭ ଅନୁଯାୟୀ ୬୦ ବର୍ଷ ବୟସରୁ ଅଧିକ (ବରିଷ୍ଠ ନାଗରିକଙ୍କ) ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଆଇନ ପ୍ରଣୟନ କରାଯାଇଛି । ଏପରିକି ଜିଲ୍ଲାସ୍ତରରେ ଜରାନିବାସ ପ୍ରତିଷ୍ଠା ପାଇଁ ମଧ୍ୟ ରାଜ୍ୟସରକାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ନିଃସନ୍ତାନ ବରିଷ୍ଠ ନାଗରିକ ତା'ର ସମ୍ପତ୍ତି ଅଧିକାର ପ୍ରଦାନ କରିଥିବା ବ୍ୟକ୍ତିଠାରୁ ମଧ୍ୟ ଭରଣପୋଷଣ ଦାବି କରିପାରିବ । ରାଜ୍ୟ ସରକାରଙ୍କୁ ଭରଣପୋଷଣ ପାଇଁ ଶୁଣାଣି ନିମନ୍ତେ ଟ୍ରିବ୍ୟୁନାଲ୍ ଗଠନ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି । ମାସିକ ସର୍ବାଧିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଭରଣପୋଷଣ ଦେୟ ପ୍ରଦାନର ନିୟମ ଥିବାବେଳେ ଏହା ଉଲ୍ଲଂଘନ କଲେ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି ।

ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଙ୍କମାନେ ଜମା ଅର୍ଥରେ ସାଧାରଣ ସୁଧଠାରୁ ଅଧିକ ସୁଧ ପ୍ରଦାନର ବ୍ୟବସ୍ଥା ରହିଛି । ସେହିପରି ଆୟକର ଆଇନରେ ମଧ୍ୟ ବିଶେଷ ସୁବଧା ପ୍ରଦାନ କରାଯାଇଛି । ରେଳଯାତ୍ରାରେ ମଧ୍ୟ ବରିଷ୍ଠ ନାଗରିକଙ୍କ ପାଇଁ ରେଳବାଇ ବିଭାଗ ରିହାତି ବ୍ୟବସ୍ଥା ରଖିଛନ୍ତି । ଏହାଛଡ଼ା ବିମାନଯାତ୍ରାରେ ମଧ୍ୟ ରିହାତି ବ୍ୟବସ୍ଥା ରହିଛି । ପ୍ରତ୍ୟେକ ଥାନାରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ହେଲପ୍ ଡେସ୍କ ରଖାଯିବା ସହ ଅଭିଯୋଗ ପାଇଁ '୧୦୯୦' ଟୋଲ୍ ଫ୍ରି ନମ୍ବରର ବ୍ୟବସ୍ଥା ମଧ୍ୟ କରାଯାଇଛି ।

କେନ୍ଦ୍ର ସରକାର ବୟସ୍କମାନଙ୍କ ପାଇଁ ଭତ୍ତା (Pension) ବ୍ୟବସ୍ଥା ରଖିଥିବା ବେଳେ ଏଥିପାଇଁ ଯେକୌଣସି ଅଭିଯୋଗ ଜଣାଇବାକୁ http://pensionersportal. gov.in ଆଇଡିରେ ପୋର୍ଟାଲ୍ ରହିଛି ।

ବୟସ୍କମାନଙ୍କ ସୁରକ୍ଷା ଓ ଯତ୍ନ ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ଆଇନ ଅପେକ୍ଷା ପ୍ରତ୍ୟେକଙ୍କ ମାନସିକତାରେ ବୟସ୍କମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ରହିଲେ ଏକ ସୁସ୍ଥ, ସୁଖୀ ପରିବାର ଓ ସମାଜ ପ୍ରତିଷ୍ଠା ହୋଇପାରିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଶବ୍ଦଲୋକ

*ଶରତ ଦାଶ*



ସବୁ ସରିଗଲା ପରେ
ଆଉ ଅବା ଥାଏ କେଉଁ ଦୁଃଖ
ଜୀବନର ପଥଶେଷେ
କୋଳାହଳଶୂନ୍ୟ ଶବ୍ଦଲୋକ
ଆକାଶରୁ ବର୍ଷେ ଯେବେ
ଆଲୋକର ଶୁଭ୍ର ଅନ୍ଧକାର
ଜୀବନର ଉପତ୍ୟକା
ଝଲମଲ କରେ ଚମତ୍କାର
ଦୁଃଖର କଳା ବାଦଲ
ଭାସେ ଯେବେ ସୁନୀଳ ଆକାଶେ

ଆଲୋକ କରି ହରଣ
ଅନ୍ଧକାର ଖିଲିଖିଲି ହସେ
ଜଗତ ହୋଇଲେ ମିଥ୍ୟା
ସତ୍ୟ କିବା ମାୟାର ବନ୍ଧନ
ନିଃଶ୍ୱାସର ବିଶ୍ୱାସରେ
ବନ୍ଧା କିବା ନିରୀହ ଜୀବନ
ଈଶ୍ୱର ତ ଅଦ୍ୱିତୀୟ
ନିରାକାର ଶୂନ୍ୟ ନିରଞ୍ଜନ
ମୋହଗ୍ରସ୍ତ ଜୀବନର
ଶେଷରାସ୍ତା ସତେ କି ମରଣ

ଅଜର ଅମର ଆତ୍ମା
କାହିଁ ଥାଏ ଆସେ କେଉଁଠାରୁ
କିପରି ନିଏ ସେ ଜନ୍ମ
ବାରମ୍ବାର ଫେରେ ଆସି ଘରୁ
ମନର ଭ୍ରମ କି ଏହି
ଚରାଚର ମହାକାଶ ବିଶ୍ୱ
ଈଶ୍ୱରଙ୍କ ଠାରେ ତେବେ
କାହିଁ ଏତେ ତୀବ୍ର ଅବିଶ୍ୱାସ
ବିଶାଳ ସୃଷ୍ଟିର ଯିଏ
ମୂଳାଧାର ପରମ କାରଣ
ତାଙ୍କୁ ଅସ୍ୱୀକାର କରି
କେଉଁ ଲାଭ ଲଭିବ କେ ଜନ
ପ୍ରେମମୟ ପରମାତ୍ମା
ପ୍ରୀତି ତାଙ୍କ ଅସୀମ ଅନନ୍ତ
ସ୍ଥାବର ଜଙ୍ଗମ ସର୍ବ
ତାଙ୍କ ପ୍ରେମ କାରଣେ ସମ୍ଭୂତ
କେବେ ସେ ଅଦ୍ୱୈତ ପୁଣି
କେବେ ଦ୍ୱୈତ ଅବା ଦ୍ୱୈତାଦ୍ୱୈତ
କେବେ ଅଣାକାର କେବେ
ସ୍ୱରୁପରେ ହୋଇଥାନ୍ତି ଜ୍ଞାତ
ବିଶ୍ୱାସରେ ଅଧିଷ୍ଠାନ
ନିଃଶ୍ୱାସରେ ଜୀବନ ସଂଚରି
ମହାଶୂନ୍ୟେ ବିରାଜିତ
ସର୍ବକର୍ତ୍ତା ସର୍ବଦ୍ରଷ୍ଟା ହରି ।

*ଭୁବନେଶ୍ୱର*

## ଶୁଭ୍ରମୟୀ ଆଗୋ ଶରତ ପ୍ରେମିକା

*ବେଣୁଧର ସୂତାର*



ପ୍ରୀତି ମଧୁକୁଞ୍ଜ କୁସୁମ ଗୋ ତୁମେ
ପୁଷ୍ପିତ ହୋଇଛ ଏ ଧରା ଧାମେ
ଭିଜା ମାଟିର ଏ ମୋହ ମହକେ
ରୂପେ ମାୟାପୁରୀ ରଚିଛ ତୁମେ
ନୈସର୍ଗିକ ହସ ଓଢ଼ଣା ଫାଙ୍କେ
ମୃଦୁକାନ୍ତି ତୋରା ରେଶମୀତନୁରେ
ମଞ୍ଜୁଳ ଶୃଙ୍ଗାରେ ସପନ ଆଙ୍କେ

ତନୁ ତନିମାର ଚିତ୍ରପୁରୀ ମାୟା
ତୁଷାର ଧବଳା ମୃଦୁ ମଞ୍ଜୁଳା
ନହୁଲି ଅଧରେ ହସ କୁହୁକରେ
ସ୍ୱପ୍ନ ପୀୟୂଷର ବିପଣି ମାଳା
ପ୍ରୀତି ମାଧୁରୀର ଫଲ୍ଗୁ ନିର୍ଝର
ଜୋଛନା ପଖଳା ବିଭାବରୀ ରଚେ
ପ୍ରେମ ପ୍ରଣୟରେ ଋରୁ ସ୍ୱାକ୍ଷର

ରୂପସୀ ଅଳସୀ ଲାସ୍ୟ ମଦାଳସୀ
ହାସ୍ୟମୟୀ ଶରତର ପ୍ରେମିକା
ଶ୍ୱେତ ବସ୍ତ୍ରାନ୍ୱିତା ଭୂଲୋକ ମଣ୍ଡିତା
ଋତୁବର୍ଣ୍ଣା ଋତୁମତୀ ନାୟିକା
ଦିବ୍ୟରୂପା ଅୟିପ୍ରକୃତି କନ୍ୟା
ପାର୍ବଣ ଋତୁର ପାଟ ଅଗଣାରେ
ବୁହାଇ ଦେଇଛ ରୂପର ବନ୍ୟା

ଗୋଧୂଳି ସଞ୍ଜରେ ନହୁଲି କୁଞ୍ଜରେ
ଉଇଁ ଆସେ ରୁପା ପୂନେଇ ଜହ୍ନ
ମଧୁ ଚନ୍ଦ୍ରିକାର ଅମ୍ଳାନ ପ୍ରେମର
ଦିବ୍ୟ ମଧୁର ଏ ଭାବ ବନ୍ଧନ
ଶୁଭ୍ରବେଶାଗୋ ଏ ଧରିତ୍ରୀ କୋଳେ
ପ୍ରୀତି ପାରିଜାତ ପ୍ରଣୟ କୁଞ୍ଜରେ
ପ୍ରୀତି ଜ୍ୟୋସ୍ନାବୋଳେ ଅଧର ତଳେ

ଭୃଲତାରେ ତୁମ ଭଉଁରୀ ଖେଳୁଛି
କାମନାର ନୀଳ ତରଙ୍ଗ ମାଳା
ସ୍ୱପ୍ନିଳ ମାୟାର ରମ୍ୟ ନଗରୀରେ
ପଦ୍ମତୋଳା ଗାଅ ହେ ପ୍ରେମଶୀଳା
ଅଳସୀ ଆଖିରେ ମିଠା ସପନ
ଚୋରାଋହାଣିର ଚହଲା ପ୍ରେମରେ
ଚୋରାଇ ନେଉଛ ତପସ୍ୱୀ ମନ

ଆହା କି ମଧୁର ପ୍ରଣୟ କାବ୍ୟର
କାଶ ହାସ ସତେ କୁହୁକ ଛନ୍ଦା
ଭାବୁକ ଅନ୍ତରେ ତୁମେ ଭାବାନ୍ତର
କବି କାବ୍ୟମୟୀ ଅଳକାନନ୍ଦା
କୋଟି ଲାବଣ୍ୟର ଅମିୟ ଧାରା
ରୂପମୟୀ ତୁମେ ରୂପର ମାଦକେ
ହସି ହସାଉଛ ଏ ଧୂଳି ଧରା ।

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*



## ସିଂହବାହିନୀ ଦୁର୍ଗତି ନାଶିନୀ

*ଅନନ୍ତ କୁମାର ସେନାପତି*

ସିଂହବାହିନୀ ଦୁର୍ଗତିନାଶିନୀ
ଅଭୟଦାୟିନୀ ମାଆ,
ଜୀବ, ନିରିଜୀବ, କୀଟ, ତରୁଲତା
ସଭିଙ୍କୁ ହେଉଛ ସାହା
ତୁମ ଦୟା ବଳେ ପଙ୍ଗୁଲଂଘେ ଗିରି
ମୁକ କହିପାରେ କଥା,
ଯେତେ ଅପବାଦ, ଦୁଃଖ ଅବସାଦ
ଦୂରାଏ ମନର ବ୍ୟଥା
କାହାରି ମନରେ ଗର୍ବ, ଅହଂକାର
ପାରୁନାହଁ କେବେ ସହି,
କାହାକୁ ମାରୁଛ କାହାକୁ ତାରୁଛ
କିଏ ବା ପାରିବ କହି

ମୁନି, ଋଷି ପୁଣି ଜ୍ଞାନୀ ଗୁରୁଜନ
ସଦା ତୁମ ପାଦ ପୂଜି,
ଦିବ୍ୟ ଗୁଣର ଶକତି ପାଇଁ କି
ଯାଆନ୍ତି ପାଦରେ ମଜି
ତୁମେ ତ ସୃଷ୍ଟି ସରଜନା କର
ତୁମେ ତ ପାଳନକାରି,
ଅଜ୍ଞାନ ମନ କାହୁଁ ବୁଝିବ
ସବୁଠି ରହିଛ ପୁରି
ଆକାଶ, କୁସୁମ, ନଦୀ, ପରବତ
ଗାଆନ୍ତି ଯାହାର ଗୀତ,
ସେହି ପାଦରେ ମୁଁ ସମର୍ପଣ କଲି
ଯୋଡି ମୋର ଦୁଇ ହାତ ।

*ବାଣ୍ଟୁପଡା, ରେଲୱେ ସାଇଡିଙ୍ଗ ଏରିଆ, ରାଜଗାଙ୍ଗପୁର, ସୁନ୍ଦରଗଡ଼*
*ଫୋନ୍- ୭୦୦୮୩୦୪୨୨୫*



## ପାର୍ବଣରେ ପ୍ରିୟତମା ହସ ମଧୁଝରା

*ନଳିନୀ ଦାଶ*



ପାର୍ବଣ ସଞ୍ଜରେ ଜହ୍ନ ଉଇଁଗଲେ
ଲାଗେ ପ୍ରିୟତମା ହସେ
ଜୋଛନା ବୁଣିଲେ ଭାବୁଥାଏ ବସି
ହସରୁ ମୁକୁତା ଖସେ

ବାଦଲ ଫାଙ୍କରେ ଲୁଚକାଳି ଖେଳେ
ଯେବେ ଦେଇଥାଏ ଧରା
ଭାରି ମନୋହାରୀ ପ୍ରିୟତମା ମୋର
ମୁହଁ ଦିଶୁଥାଏ ତୋରା

ତାରାଗଣ ମେଳେ ଆସର ଜମେଇ
ନାଚି ଖେଳି ଗାଏ ଗୀତ

ସନ୍ଧ୍ୟା ଆକାଶକୁ ଋହିଁ ଦେଲେ ଥରେ
କିଣି ନିଏ ମୋର ଚିତ୍ତ

ଜହ୍ନ ରାଇଜର ରାଜଜେମା ସିଏ
କି ସୁନ୍ଦର ତାର ଠାଣି
ମଲ୍ଲୀ ଫୁଲିଆ ତା ହସରେ ପାରିଛି
ହୃଦୟକୁ ମୋର ଜିଣି

ଗୋଲାପି ସଞ୍ଜରେ ଗୋଲାପ ଫୁଲରେ
ସଜେଇଛି ତାର ଗଭା
ରଜନୀଗନ୍ଧାର ଗଜରା ଲମ୍ବାଇ
ଦିଶୁଅଛି କେଡ଼େ ଶୋଭା

ତାର ରାଜହଂସୀ ଋଲିରେ ଫୁଟୁଛି
ପାଦେ ପାଦେ ପଦ୍ମଫୁଲ
ସରଗପରୀ ସେ ମନ ମଧୁଛନ୍ଦା
କିଏ ହବ ତାର ତୁଲ

କାଶଫୁଲ ସାଥେ ମନ ନାଚିଯାଏ
ଦେଖି ଆନମନା ହୋଇ
ଜହ୍ନ ଉଇଁ ଗଲେ କଇଁ ନାଚୁଥାଏ
ପ୍ରିୟକୁ ତା ମନ ଦେଇ

ନୀଳନୟନାସେ ଚପଳମତିର
ଋହାଁଣି ଲାଗଇ ଚୋରା
ହରିଣୀ ଋଲିରେ ମନ କିଣିନିଏ
କଥା ତାର ମଧୁଝରା

ରୁଣ ଝୁଣ ତାର ପାଉଁଜି ଶବଦ
ମତେ ଆନମନା କରେ
କେତେ ଯେ ସପନ ଦେଖିଛି ଏମନ
ପ୍ରିୟା ପାଇଁ ମନ ଝୁରେ

ଓଢଣୀରେ ତାର ତାରାଫୁଲ ଫୁଟେ
ଶୋଭା ଦିଶେ ମଥାମଣି
ମୋ ମନ ମୁକୁର ହସେ ତାକୁ ଦେଖି
କରିବି ମୋ ବଧୂରାଣୀ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

## ପ୍ରଣୟର ଗୀତ



ସ୍ୱୟଂପ୍ରଭା ରଥ



ପ୍ରଣୟର ନଈଟିଏ ବହୁଛି,
କେତେକାଳୁ କେଜାଣି ?
ବୋଧହୁଏ ପୃଥିବୀ ଜନ୍ମର ଆଦ୍ୟ ପର୍ଯ୍ୟାୟରୁ
ସେ ନଈରେ ଅବଗାହନ କରୁଥିବା
ଦୁଇଟି ଆତ୍ମାଙ୍କୁ ମୁଁ ଭେଟିଛି ।

ଅନ୍ଧାରରେ ସିଝୁଥିଲେ
ଆନନ୍ଦର ବର୍ଷାରେ ଭିଜୁଥିଲେ
ଟିକିଏ ସ୍ୱର୍ଶ, ଟିକିଏ ସ୍ୱପ୍ନ
ଟୋପାଏ ଅମୃତ, ବାଣ୍ଟୁଥିଲେ ସେମାନେ !
କେତେଥର କେତେ ଦେହ ବସ୍ତ୍ର ପରି ପିନ୍ଧୁଥିଲେ
ଉତାରି ପୁଣି ପିନ୍ଧୁଥିବାର ମୁଁ ଦେଖିଛି ।

ନଈଟି ବହିଯାଉଥିଲା ତାଙ୍କ ଗୀତ ଗାଇ ଗାଇ
ନିରବଧି, ନିର୍ଲିପ୍ତ ଭାବରେ
କେଉଁ ଏକ ଅନ୍ତହୀନ ଯାତ୍ରାରେ
କେବେ ହଜୁଥିଲା ହିମାଳ ରାସ୍ତାରେ ତ
କେବେ ଅଗନା ଅଗନୀ ବନସ୍ତରେ !
ପୁଣି ଆଗକୁ ବଢୁଥିଲା, ଅନନ୍ତଙ୍କ ସହ ମିଶିବା ଆଶାରେ !

ଆତ୍ମା ଦ୍ୱୟ ସେ ନଈରେ ବିସ୍ତାରିତ ହେଉଥିଲେ
ଅସମ୍ଭବ ଜୀବନ ବୋଧରେ
ସଙ୍କୁଚିତ ହେଉଥିଲେ ଜୀବନର ବିସ୍ମୟତାରେ
ପୁଣି ପ୍ରଚଣ୍ଡ ବୌଧିକତାରେ ପରିବ୍ୟାପ୍ତ ହେଉଥିଲେ
ନଈତଟର କଇଁ ଫୁଲର ସୁଗନ୍ଧରେ
ବିଭୋର ହେବାର, ସେମାନେ
ମୁଁ ଦେଖିଛି !


ଦୁଃଖ, କଳହ, କ୍ଳେଶ, ପ୍ରତାରଣା
ସମୟ, ସମାଲୋଚନା
ଯୌବନ, ଜରା, କ୍ଳାନ୍ତି, ବ୍ୟାଧି ମୃତ୍ୟୁର
ପଥର ସବୁକୁ ନଈରେ ପୋତି
ପ୍ରୀତି ବନ୍ଧ ବାନ୍ଧୁଥିବାର ସେମାନେ, ମୁଁ ଦେଖିଛି

ନଈଟି ବହି ଚାଲିଥିଲା ଅନନ୍ତ କାଳରୁ
ନୀରବି ଛିନ୍ନ ଭାବରେ !
ତାଙ୍କ ଖୁସିରେ ନଈଟି ଯେବେ ପ୍ରଗଲ୍ଭା ହୁଏ
କାନେ କାନେ କୁହନ୍ତି ସେମାନେ
ନିଃଶବ୍ଦରେ ବହିଯାରେ ନଈ
ଦୁଃଖ ଆମ କଞ୍ଚା ନିଦେ ଶୁଏ !

ସେମାନେ ଭାସୁଥିଲେ ଅଦ୍ଭୁତ ଶୂନ୍ୟତାରେ
ମହା ଜାଗତିକ ନୀରବତାରେ
ନିଜ ଅସ୍ତିତ୍ୱକୁ ନଈରେ ବୁଡ଼େଇ
ଜାଗତିକ ପରିସୀମା ସବୁକୁ ପାରି ହୋଇ
ଦିଗ୍‌ବଳୟରେ ସେମାନେ ପହଞ୍ଚିବାର ମୁଁ ଦେଖିଛି ।

ସେତେବେଳେ ନିଃଶବ୍ଦରେ ସେମାନେ
ଲେଖୁଥିଲେ ପ୍ରେମର କବିତା
ତାଙ୍କ ସ୍ୱର୍ଣ୍ଣାଭ ଅକ୍ଷର ମାନଙ୍କରେ
ନଈର ବିସ୍ତୃତ ବାଲୁକା ରାଶିରେ
ସେଇଥିପାଇଁ ତ ନଈବାଲି ସୁନେଲି - ସୁନେଲି
ଅନନ୍ତ, ଅସୀମ, ଚିରନ୍ତନ, ନିତ୍ୟ
ଓଦା ଓଦା, ସୁନ୍ଦର ମଧୁର ॥

*ଫ୍ଲାଟ୍ ନଂ-୫୧୩, ୭୮ ଡ୍ରିମ୍ସ ଆପାର୍ଟମେଣ୍ଟ, ଭୁବନେଶ୍ୱର*



## ଶ୍ରୀରାଧା

*ସାରଦା ପ୍ରସାଦ ଆଋର୍ଯ୍ୟ*



ଅନେକ ଦିନ ପରେ ଦେଖିଲି ଶ୍ରୀରାଧା ଭିଜୁଥିଲା ଅବସୋସରେ
ଅନୁରାଗର ଲୁହ ଜକେଇ ଆସୁଥିଲା ଆଖି କୋଣରେ

ଆଜି ତା' ମନକୁ ପଢିଲି
ଏତେ ଭଲ ପାଇବା ଥିଲା ତା ପାଖରେ,
ମୋ ଭଲ ପାଇବା ଖୁସି ଥିଲା ଗୋଟିଏ କୋଣରେ

ଉଦାସିଆ ଆଖି କହିଲା କଥାରେ,
ପ୍ରେମର ରଙ୍ଗ ଢାଳିଦେଲା ଦେହରେ,
ତିନ୍ତି ଗଲି ସାରା ରାତି ପ୍ରେମରେ

ଅମାନିଆ ଜୁଆର ସବୁ ଉଠୁଥିଲା ଛାତିରେ
ଧୋଇଦେଲା ମନ ଅତି ଗୋପନରେ
ଖୋଲା ହୃଦୟରେ କହି ଗଲା
ଦୁନିଆ ଆଖିରେ ରହିବା ପ୍ରୀତି ପ୍ରଣୟରେ ।

*ଯୋଡ଼ା, କେନ୍ଦୁଝର*
*ମୋ- ୮୬୩୭୨୧୩୮୨୫*



## ମୂର୍ତ୍ତି

*କବିତା ମେହେର*

ସମୟର ସ୍ରୋତ,
ଆଗକୁ ବହୁଛି,
ମୁଁ କିମ୍ବା ପଛରେ ରହିବି,
ଅତୀତକୁ ଦିନେ,
ବିଦାୟ ଦେଇ ମୁଁ,
ଭବିଷ୍ୟତ ଆଡେ ବଢିବି

ସୁଖକୁ ଯଦି ମୁଁ,
ବାନ୍ଧି ପାରି ନାହିଁ,
ଦୁଃଖ କିଆଁ ସାଉଁଟିବି,
ଜୀବନର ଅନ୍ତ,
ହେବ ନିଶ୍ଚେ ଦିନେ,
ଏବେ ମୁଁ କିଇଁ ଦେଖିବି

ପଥରଟିକୁ ବି,
ମୂର୍ତ୍ତି ସାଜି ବାରେ,
ହୁଅଇ ନିଶ୍ଚିତ କଷ୍ଟ,
ମୁଁ ତ ମଣିଷଟେ,
ଟିକିଏ କଷ୍ଟରେ,
ହେବି କାଇଁ ଅସନ୍ତୁଷ୍ଟ

କାରିଗର ଯେବେ,
ସେ ଉପରବାଲା,
ଏ ମୂର୍ତ୍ତି ଭାଙ୍ଗିବ ନାହିଁ,
ହେବ ସର୍ବୋତ୍ତମ,
ଅଥବା ମନରେ,
ରହିବ ସେ ସ୍ମୃତି ହୋଇ ।

*ଗମ୍ଭାରିଗୁଡା, ସିନାପାଲି, ନୂଆପଡା*

## ପୁରସ୍କାର



**ମୂଳ ହିନ୍ଦୀ- ଆଶିଷ ସକ୍ ଲେଋ, ମଧ୍ୟପ୍ରଦେଶ**

**ଅନୁବାଦ- ପ୍ରଭାତ କୁମାର ମହାପାତ୍ର**

ନମ୍ରତା ! ଜାଣିଛ କି ନାହିଁ... ଏ ବର୍ଷ ଆମ ସଂସ୍ଥା... ଅନ୍ୟ ସଂସ୍ଥାଙ୍କ ତୁଳନାରେ ଅଧିକ ଋରା ରୋପଣ କରିଛି । ସବୁଆଡ଼େ କେବଳ ଆମ ସଂସ୍ଥାର ଚର୍ଚ୍ଚା ଓ ପ୍ରଶଂସା । ଦେଖିବ ଆସନ୍ତା ବର୍ଷ... ଶ୍ରେଷ୍ଠ ପର୍ଯ୍ୟାବରଣ ପୁରସ୍କାର ଆମ ସଂସ୍ଥାକୁ ହିଁ ମିଳିବ । ପତିଙ୍କ କଥାରେ ନମ୍ରତା ଟିକିଏ ହସି ଦେଇ କହିଲେ, ବହୁତ ବଢିଆ କଥା ! ପତି ପତ୍ନୀଙ୍କ କଥାବାର୍ତ୍ତା ସମୟରେ କେତେବେଳେ ରାମୁ ଆସି ଘର ସଫା କରିବାକୁ ପହଞ୍ଚି ଗଲାଣି ।

ନମ୍ରତା ରାମୁକୁ ପଋରିଲେ, କିରେ ରାମୁ ! ମୁଁ ତୋତେ ଗୋଟିଏ ଋରା ଲଗାଇବା ପାଇଁ କହିଥିଲି । ଲଗାଇଲୁ କି ନାହିଁ ? ରାଜୁ ହସିକରି କହିଲା- ହଁ ମା' ! ଲଗାଇଲି ।

ଆପଣ କହିଥିବା କଥାକୁ... କଣ ମୁଁ ମନା କରିବି ? ମୁଁ ଋରାଟି ଆମ ଘର ବଗିଋରେ ଲଗେଇଛି । ରାମୁ ହସି ହସି କହିଲା । ଏହା ଭିତରେ ବର୍ଷେ ବିତି ଗଲାଣି ।

ଦିନେ ରାମୁ ମିଠା ନେଇ ଆସିଥିଲା । ତାକୁ ଦେଖି ନମ୍ରତା ପଋରିଲେ, କିରେ ରାମୁ ! ଆଜି ଏହି ମିଠା କଣ ପାଇଁ ଆଣିଛୁ ? ପୁଅର ଜନ୍ମ ଦିନ ବୋଧେ ! ରାମୁ ହସି କହିଲା, ମା' ! ପୁଅର ଜନ୍ମ ଦିନ ତ ନୁହେଁ, କିନ୍ତୁ ମୋ ପୁଅ ଠାରୁ ମଧ... ସେ ଅଧିକ । ନମ୍ରତା ପଋରିଲେ, ତେବେ ସେ କିଏ ? ରାମୁ କହିଲା, ମା' ! ଆପଣ ବର୍ଷେ ପୂର୍ବରୁ ମୋତେ ଗୋଟିଏ ଋରା ଲଗାଇବା ପାଇଁ ଦେଇଥିଲେ । ସେ ଏବେ ଗୋଟିଏ ଗଛ ! ନମ୍ରତା ଆଶ୍ଚର୍ଯ୍ୟ ଚକିତ ହୋଇ କହିଲେ... କଣ ସେହି ଋରା... ହଁ... ମା' ! ସେ ଆଜି ଏକ ବର୍ଷର ହୋଇଯାଇଛି । ମୁଁ ତାକୁ ନିଜ ପୁଅ ଠାରୁ ମଧ୍ୟ ଅଧିକ ଲାଳନ ପାଳନ କରିଛି । ଗତବର୍ଷ ଠାରୁ ହିଁ ତାକୁ ମନ ଦେଇ ତାର ସମସ୍ତ ଯତ୍ନ ନେଇଛି । ଏବେ ସେ ଧିରେ ଧିରେ ବଡ ହେବାରେ ଲାଗିଲାଣି ।

ରାମୁର କଥା ଶୁଣି ନମ୍ରତାଙ୍କର ପତି ବିକାଶବାବୁ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ହଠାତ୍ ନିଜ ସଂସ୍ଥା ଦ୍ୱାରା ବର୍ଷେ ପୂର୍ବରୁ ରୋପିତ ହୋଇଥିବା ଋରା କଥା ମନେ ପକାଇଲେ । ସେ ସଙ୍ଗେ ସଙ୍ଗେ ସେହି ସ୍ଥାନକୁ ଗଲେ ଯେଉଁଠାରେ ଋରା ସବୁ ଅତି ସୁନ୍ଦର ଭାବରେ ରୋପଣ କରାଯାଇଥିଲା, କିନ୍ତୁ ସେହି ସ୍ଥାନରେ ପହଞ୍ଚି ଯାହା ଦେଖିଲେ, ତାଙ୍କ ପାଦ ତଳୁ ମାଟି ଖସିଗଲା ଭଳି ପ୍ରତୀୟମାନ ହେଲା । ସମସ୍ତ ଋରା ନଷ୍ଟ ହୋଇଯାଇଥିଲା । ସେ ସବୁ ନଷ୍ଟ ହେବାର କାରଣ ଖୋଜିବାକୁ ଯାଇଦେଖିଲେ, ଦେଖା ଶୁଣାର ଅଭାବ ତଥା ମଝିରେ ମଝିରେ ପାଣି ନ ଦେବା ହେତୁ ଋରା ଗୁଡିକ ଝାଉଁଳି ନଷ୍ଟ ହୋଇଯାଇଛି ।

ଘୋର ନୈରାଶ୍ୟ ବଦନରେ ସେ ଘରକୁ ଯେତେବେଳେ ଫେରିଲେ, ନମ୍ରତା ପତି ବିକାଶବାବୁଙ୍କୁ ପଋରିଲେ, ତୁମେ ହଠାତ୍ କାହାକୁ କିଛି ନକହି କେଉଁଆଡ଼େ ଯାଇଥିଲ ? ଆଉ ତୁମର ଏ ମୁହଁ ଏମିତି ଶୁଖି ଯାଇଛି କାହିଁକି ? ବିକାଶ ଦୁଃଖର ସହ ସବୁ କଥା ନମ୍ରତାକୁ କହିଲେ । ନମ୍ରତା ସବୁ ଶୁଣି କହିଲେ, ଲୋକେ ନିଜ ସଂସ୍ଥାର ନାମ ଦେଖେଇ ହେବା ପାଇଁ ଅନେକ ଋରା ଲଗାଇ ଥାଆନ୍ତି । ସେଗୁଡିକୁ କେବେ ଦେଖନ୍ତି ନାହିଁ କି ସେହି ଋରା ଗୁଡ଼ିକ କିଭଳି ଅବସ୍ଥାରେ ଅଛନ୍ତି ପଋରନ୍ତି ନାହିଁ । ଅନେକ ଋରା ଲଗାଇବା ଅପେକ୍ଷା ଗୋଟିଏ ଋରା ଲଗାଇ ତାର ସମ୍ପୂର୍ଣ୍ଣ ଦାୟିତ୍ୱ ରାମୁ ନେଇଛି । ସେହିଭଳି ଦାୟିତ୍ୱ ନେଲେ... ଅନେକ ଋରା ବୃକ୍ଷରେ ପରିଣତ ହୋଇପାରିବ... ଏଥିରେ ସନ୍ଦେହ ନାହିଁ ।

ନମ୍ରତା ତୁମେ ସତକଥା କହିଛ ! ବିକାଶବାବୁ ରାମୁକୁ ନିଜ ପାଖକୁ ଡାକି ତାର ପିଠି ଆଉଁଶି ଦେଇ କହିଲେ.... ସାବାସ୍ ରାମୁ ! ତୁମେ ତ ଆମର ଆଖି ଖୋଲି ଦେଲ । ଅଧିକ ଋରା ଲଗାଇବା ବାଲା ପୁରସ୍କାରର ଯୋଗ୍ୟ ହୋଇନଥାଆନ୍ତି ବରଂ ପୁରସ୍କାର ପାଇବା ଯୋଗ୍ୟ ତୁମ ଭଳି ଲୋକ ହିଁ ହୋଇପାରନ୍ତି । ରାମୁର ଅଜାଣତରେ କେତେବେଳୁ ଆନନ୍ଦାଶ୍ରୁ ବହି ଯାଇଥିଲା । ନମ୍ରତା ଓ ବିକାଶବାବୁ ଜାଣି ସାରିଥିଲେ ଯେ ରାମୁର ସେହି ଆନନ୍ଦାଶ୍ରୁ... ତାକୁ କେତେ ଶାନ୍ତି ଦେଉଥିବ !

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ମୋ- ୭୮୯୪୦୦୫୪୫୫*

## ତୁମେ କିଏ... ?

*ଭାବଗ୍ରାହୀ ମେହେର*



ତୁମେ କିଏ ?
ସମୟ ସ୍ରୋତରେ ଆସିଥିବା
ମଣିଷ ଟିଏ...
ନା, ଭଗବାନଙ୍କ ଦେଇଥିବା
ସୁନ୍ଦର ଆଶୀର୍ବାଦ ଟିଏ ?

ତୁମେ କିଏ ?
କିଛି ସମୟ ମନ ଖୁସି କରୁଥିବା
ମଣିଷ ଟିଏ...
ନା, ଜୀବନକୁ ସୁନ୍ଦର କରି ଗଢିବାରେ
ସାହାଯ୍ୟ ହେବା ମଣିଷ ଟିଏ ?

ନା, ଜୀବନରେ ଧର୍ଯ୍ୟ, ଶାନ୍ତି, କ୍ଷମା ଭଳି ସୁଗୁଣ
ଭରି ଦେବା ସ୍ଥାୟୀ ମଣିଷ ଟିଏ ?

ତୁମେ କିଏ ?
ଜୀବନର ମଞ୍ଚରେ ଆସିଥିବା ଅଳ୍ପ ଦିନର
ନାୟିକା ଟିଏ...
ନା, ସୁଖ ସମୟରେ ଆସିଥିବା ଭଗବାନଙ୍କ
ଉପହାର ଟିଏ ?

ତୁମେ କିଏ ?
କିଛି କ୍ଷଣ ପାଇଁ ହସ ଭରି ଦେଉଥିବା
ମଣିଷ ଟିଏ...
ନା, ଜୀବନର ହସ ଖୁସିର ପାହାଡ଼
ସାଜିଥିବା ମଣିଷ ଟିଏ ?

ତୁମେ କିଏ ?
ରାତ୍ରିର ଘନ ଅନ୍ଧକାରରେ ଆସିଥିବା
କେବଳ ସୁସ୍ୱପ୍ନ ଟିଏ...
ନା, ଜୀବନର ସୁସ୍ୱପ୍ନର ସମାହାର ସାଜି
ଆସିଥିବା ମଣିଷ ଟିଏ ?

ତୁମେ କିଏ ?
ବିଚଳିତ ମନକୁ ସ୍ଥିରତା ଆଣିବାରେ
ସାହାଯ୍ୟ ହେଇଥିବା ଅସ୍ଥାୟୀ ମଣିଷ ଟିଏ...

*କଁସିଲ, ବଙ୍ଗୋମୁଣ୍ଡା, ବଲାଙ୍ଗୀର ସହକାରୀ ଶିକ୍ଷକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋମନା*
*ମୋ - ୯୭୭୭୫୦୬୪୮୩*

# ଟି-୨୦ ମହିଳା ବିଶ୍ୱକପରେ ଦକ୍ଷିଣ ଆଫ୍ରିକାର ଏକତରଫା ବିଜୟ



ୟୁଏଇ

ବାଂଲାଦେଶ ପରିବର୍ତ୍ତେ ୟୁଏଇରେ ଆରମ୍ଭ ହୋଇଥିବା ଟି-୨୦ ମହିଳା ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ଏକତରଫା ବିଜୟ ହାସଲ କରିଛି। ଗ୍ରୁପ୍ ବିରେ ଥିବା ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୧୦ ୱିକେଟ ହରାଇ ଦେଇଛି। ଏଥିସହ ବିଜୟରୁ ନିଜର ବିଶ୍ୱକପ ଅଭିଯାନ ଆରମ୍ଭ କରିଛି।

ଟସ୍ ହାରି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିବା ଦକ୍ଷିଣ ଆଫ୍ରିକା ମାତ୍ର ୧୧୮ ରନରେ ୱେଷ୍ଟଇଣ୍ଡିଜକୁ ଅଟକାଇ ଦେଇଥିଲା। ଦଳ ପକ୍ଷରୁ ଏନ ମଲାବା ୨୯ ରନ ଦେଇ ୪ ୱିକେଟ ଦଖଲ କରିଥିଲେ। ଏହି ମ୍ୟାଚ୍ ବିଜୟୀ ଇନିଂସ ପାଇଁ ତାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ମିଳିଛି।

ୱେଷ୍ଟଇଣ୍ଡିଜ ପକ୍ଷରୁ ଏସ୍ ଟେଲର ଅପରାଜିତ ୪୪ ରନର ଇନିଂସ ଖେଳିଥିଲେ ହେଁ ଆଉ କେହି ତାଙ୍କ ସାଥ ଦେଇ ନଥିଲେ। ଶେଷ ପୂରା ଟିମ୍ ୬ ୱିକେଟ ହରାଇ ୧୧୮ ରନରେ ଅଟକି ଯାଇଥିଲା।

୧୧୯ ରନ ବିଜୟ ଲକ୍ଷ୍ୟକୁ ଅଧିନାୟକ ଲାଉରା ଲଭାରଡଟ୍ ଓ ଅନ୍ୟତମ ଓପନର ତାଜମିନ ବ୍ରିଟ୍ସ ବେଶ୍ ସହଜରେ ହାସଲ କରି ନେଇଥିଲା। ଲାଉରା ୫୫ ବଲରେ ୫୯ ଓ ତାଜମିନ ୫୨ ବଲରେ ୫୭ ରନର ଇନିଂସ ଖେଳି ଦଳକୁ ବିନା କୌଣସି କ୍ଷତି ଘଟାଇ ୧୩ ବଲ ପୂର୍ବରୁ ବିଜୟ ଭେଟି ଦେଇଥିଲେ। ଏହି ଯୋଡ଼ିକୁ ଭାଙ୍ଗିବା ପାଇଁ ଇଣ୍ଡିଜ ଦଳର ଅଧିନାୟକ ହେଲୀ ମାଥ୍ୟୁସ ବାରମ୍ବାର ବୋଲିଂ ଏଣ୍ଡରେ ପରିବର୍ତ୍ତନ କରିଥିଲେ ହେଁ କିଛି ବି ଲାଭ ମିଳି ନଥିଲା। ଲାଉରା ତାଙ୍କ ୫୯ ରନର ଇନିଂସରେ ୭ଟି ଓ ତାଜମିନ ୫୭ ରନର ଇନିଂସରେ ୬ଟି ଚୌକା ମାରିଛନ୍ତି।

# ପ୍ରଥମ ମ୍ୟାଚ୍‌ରେ ଝୁଣ୍ଟିଲା ଭାରତ : ୫୮ ରନରେ ହରାଇଲା ନ୍ୟୁଜିଲାଣ୍ଡ

ୟୁଏଇ

ପ୍ରଥମଥର ପାଇଁ ଟି-୨୦ ବିଶ୍ୱକପ ଜିତିବା ଲକ୍ଷ୍ୟ ନେଇ ୟୁଏଇକୁ ଯାଇଥିବା ଭାରତୀୟ ମହିଳା ଟିମ୍‌କୁ ଆରମ୍ଭରୁ ବଡ଼ ଝଟ୍‌କା ଲାଗିଛି। ଶୁକ୍ରବାର ବିଶ୍ୱକପରେ ନିଜର ପ୍ରଥମ ମ୍ୟାଚ୍ ଖେଳୁଥିବା ଭାରତୀୟ ଟିମ୍‌କୁ ବଡ଼ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଭାରତୀୟ ଟିମ୍‌କୁ ନ୍ୟୁଜିଲାଣ୍ଡ ୫୮ ରନରେ ହରାଇ ଦେଇଛି। ଏଥିସହ ବିଜୟରୁ ନ୍ୟୁଜିଲାଣ୍ଡ ତା'ର ଟି-୨୦ ବିଶ୍ୱକପ ଅଭିଯାନ ଆରମ୍ଭ କରିଛି।

ଅଧିନାୟକ ଶୋଫି ଡିଭାଇନଙ୍କ ୩୬ ବଲରେ ଅପରାଜିତ ୫୭ ରନ ବଳରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୬୦ ରନ କରିଥିଲା। ଏହାକୁ ପିଛା କରୁଥିବା ଭାରତୀୟ ଟିମ ନିୟମିତ ବ୍ୟବଧାନରେ ୱିକେଟ ହରାଇ ବହୁ କଷ୍ଟରେ ୧୦୦ ପାର କରିଥିଲା। ତେବେ ପୂରା ଟିମ୍ ୧୯ ଓଭରରେ ଅଲଆଉଟ୍ ହେବା ସହ ୧୦୨ ରନରେ ଅଟକି ଯାଇଥିଲା।



୧୬୧ ରନର ପିଛା କରୁଥିବା ଭାରତୀୟ ଟିମ୍ ଦ୍ୱିତୀୟ ଓଭରରେ ଶେଫାଳି ବର୍ମା(୨)ଙ୍କୁ ହରାଇଥିଲା। ସ୍ମୃତି ମନ୍ଧାନା ୧୨ ଓ ଅଧିନାୟକ ହରମନପ୍ରୀତ୍ କୌର ୧୫ ବେଶୀ କିଛି କରିପାରି ନଥିଲେ। ଜେମିମା ଓ ରିଚା ଘୋଷଙ୍କ ଉପରେ ଦଳ ନିର୍ଭର କରୁଥିଲେ। ଦୁହେଁ ଯଥାକ୍ରମେ ୧୩ ଓ ୧୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଗୋଟିଏ ପଟେ ରନର ଚାପ ବଢୁଥିବା ବେଳେ ଭାରତୀୟ ଟିମ୍ ନିୟମିତ ବ୍ୟବଧାନରେ ୱିକେଟ ହରାଇ ଚାଲିଥିଲା। ଅରୁନ୍ଧତି ରେଡ୍ଡୀ ୧ ରନ, ପୂଜା ବସ୍ତ୍ରକର ୮ ରନ ଓ ଦୀପ୍ତି ଶର୍ମା କେବଳ ୧୨ ରନ କରିବାକୁ ସକ୍ଷମ ହୋଇଥିଲେ। ଦଳୀୟ ସ୍କୋର ୯୦ ଥିବା ବେଳେ ପୂଜା ୮ମ ବ୍ୟାଟର ଭାବେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଶ୍ରୀୟଙ୍କା ପାଟିଲ ଓ ଆଶା ଶୋଭନା ବହୁତ ସଂଘର୍ଷ କରି ୧୯ତମ ଓଭର ପ୍ରଥମ ବଲରେ ଦଳୀୟ ସ୍କୋରକୁ ୧୦୦ରେ ପହଞ୍ଚାଇଥିଲେ। କିନ୍ତୁ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ଥିଲା। ଶେଷରେ ୧୯ତମ ଓଭର ବୋଲିଂ କରୁଥିବା ରୋଜମ୍ୟାରୀ ମୈର ଶେଷ ଦୁଇ ବଲରେ ଦୁଇଟି ୱିକେଟ ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ।

# ବାହାହେଲେ ରାଶିଦ୍ ଖାନ୍



ନୂଆଦିଲ୍ଲୀ

କ୍ରିକେଟ ଦୁନିଆର ଅନ୍ୟତମ ଷ୍ଟାର ସ୍ପିନର ରାଶିଦ ଖାନ୍ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଆଫଗାନିସ୍ତାନର ଏହି କ୍ରିକେଟରଜଣଙ୍କ ଅକ୍ଟୋବର ୩ ତାରିଖରେ ବିବାହ କରିଛନ୍ତି। ଆଫଗାନିସ୍ତାନର କାବୁଲ ଠାରେ ଥିବା ଗୋଟିଏ ହୋଟେଲରେ ତାଙ୍କ ବିବାହ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବାହାଘର ଭେନ୍ୟୁର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିଜ ସ୍ପିନ ଯାଦୁ ବଳରେ ସମସ୍ତଙ୍କୁ ଜଳକା କରୁଥିବା ରାଶିଦ ପଶତୁନ ପରମ୍ପରା ଅନୁସାରେ ବିବାହ କରିଛନ୍ତି। ତାଙ୍କ ବାହାଘରରେ ଆଫଗାନ କ୍ରିକେଟ ସହ ଜଡ଼ିତ ଅନେକ ଖେଳାଳି ଉପସ୍ଥିତ ରହିଥିଲେ। ସେମାନେ ରାଶିଦ ଖାନଙ୍କ ସହ ବିବାହ ମଣ୍ଡପରେ ଉଠାଇଥିବା ଫଟୋ ସାମ୍ନାକୁ ଆସିଛି। ଯେଉଁ ହୋଟେଲରେ ରାଶିଦଙ୍କ ବିବାହ ହେଉଥିଲା, ତାହା ବାହାରେ ସୁରକ୍ଷା ବ୍ୟବସ୍ଥାକୁ ବେଶ୍ କଡ଼ାକଡ଼ି କରାଯାଇଥିଲେ। ସମ୍ଭବତଃ ଦେଶରେ ଶାସନ କରୁଥିବା ତାଲିବାନର ସଦସ୍ୟମାନେ ବନ୍ଧୁକ ଧରି ବାହାରେ ପ୍ରହାର ଦେଉଥିଲେ। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଅନେକ ଆଫଗାନିସ୍ତାନୀ କ୍ରିକେଟର ସୋସିଆଲ ମିଡିଆରେ ରାଶିଦ ଖାନଙ୍କୁ ଜୀବନର ନୂଆ ଇନିଂସ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏମାନଙ୍କ ମଧ୍ୟରେ ସାଥୀ ଖେଳାଳି ମହମ୍ମଦ ନବି ମଧ୍ୟ ରହିଛନ୍ତି।

# ୭ ବର୍ଷ ପରେ ଫେରିଲା ହକି ଇଣ୍ଡିଆ ଲିଗ୍

## ଓଡ଼ିଶାର ରାଉରକେଲାରେ ପୁରୁଷ ଓ ଝାଡ଼ଖଣ୍ଡର ରାଞ୍ଚିରେ ଖେଳାଯିବ ମହିଳା ଲିଗ୍‌ର ସବୁ ମ୍ୟାଚ୍

ଭୁବନେଶ୍ୱର

୭ ବର୍ଷ ପରେ ଫେରିଛି ହକି ଇଣ୍ଡିଆ ଲିଗ୍। ପୁଣି ଥରେ ଆରମ୍ଭ ହେବ ହକିର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଆସନ୍ତା ଡିସେମ୍ବର ୨୮ ତାରିଖରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ ହକି ଇଣ୍ଡିଆ ଲିଗ୍‌ର ୨୦୨୪-୨୫ ସିଜନ୍। ଏଥିପାଇଁ ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ହେବ ଖେଳାଳି ନିଲାମ୍।

ଏଥର ଏଚଆଇଏଲରେ ପୁରୁଷ ବର୍ଗରେ ୮ଟି ଟିମ୍ ସାମିଲ ହୋଇଥିବା ବେଳେ ମହିଳା ବର୍ଗରେ ୬ଟି ଟିମ୍ ଖେଳିବେ। ଓଡ଼ିଶାର ରାଉରକେଲାରେ ପୁରୁଷ ଓ ଝାଡ଼ଖଣ୍ଡର ରାଞ୍ଚିରେ ଖେଳାଯିବ ମହିଳା ଲିଗର ସବୁ ମ୍ୟାଚ୍।



ପୁରୁଷ ବର୍ଗରେ ୮ଟି ଯାକ ଟିମ୍‌କୁ ବିଭିନ୍ନ ଫ୍ରାଞ୍ଚାଇଜ୍ କିଣିସାରିଛନ୍ତି। ସେହିପରି ମହିଳା ବର୍ଗରେ ୪ଟି ଟିମ୍ ଘୋଷଣା ହୋଇଛି। ଆଉ ଦୁଇଟି ଦଳ ପରେ ଘୋଷଣା କରାଯିବ। ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଟିମ୍ ରହିବେ। ଓଡ଼ିଶାର ପୁରୁଷ ଟିମ୍‌କୁ ବେଦାନ୍ତ ଲିମିଟେଡ୍ କିଣିଥିବା ବେଳେ ମହିଳା ଟିମ୍‌କୁ ନାଭୋୟାମ ସ୍ପୋର୍ଟସ କିଣିଛି।

ପୁରୁଷ ବର୍ଗରେ ଓଡ଼ିଶା ବ୍ୟତୀତ ଚେନ୍ନାଇ, ଲକ୍ଷ୍ନୌ, ପଞ୍ଜାବ, ହରିୟାଣା, ପଶ୍ଚିମ ବଙ୍ଗ, ଦିଲ୍ଲୀ, ହାଇଦ୍ରାବାଦ ଏବଂ ରାଞ୍ଚି ଦଳ ରହିଛି। ସେହିପରି ମହିଳା ବର୍ଗରେ ହରିଆଣା, ୱେଷ୍ଟ ବେଙ୍ଗଲ, ଦିଲ୍ଲୀ ଓ ଓଡ଼ିଶା ସମେତ ଆଉ ଦୁଇଟି ଦଳ ରହିବେ। ପ୍ରତି ଦଳରେ ରହିବେ ୨୪ ଜଣ ଖେଳାଳି। ସେମାନଙ୍କ ମଧ୍ୟରେ ୧୬ ଜଣ ଭାରତୀୟ ଏବଂ ୮ ଜଣ ବିଦେଶୀ ଖେଳାଳି ରହିବେ।

ଡିସେମ୍ବର ୨୮ ତାରିଖରେ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡ଼ିୟମରେ ହକି ଇଣ୍ଡିଆ ଲିଗର ଆସନ୍ତା ସଂସ୍କରଣର ଉଦ୍‌ଘାଟନୀ ସମାରୋହ ହେବ । ଆଉ ଫେବୃଆରୀ ୧ ତାରିଖରେ ଏଠାରେ ପୁରୁଷ ଟିମ୍‌ର ଫାଇନାଲ ଖେଳାଯିବ। ସେହିପରି ମହିଳା ଲିଗ୍‌ର ଫାଇନାଲ ଜାନୁଆରୀ ୨୬ ତାରିଖରେ ରାଞ୍ଚିରେ ଖେଳାଯିବ।

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବୋଲିଂରେ ଖୁସି ନାହାନ୍ତି ଭାରତର ନୂଆ ବୋଲିଂ କୋଚ୍

ନୂଆଦିଲ୍ଲୀ

ଟିମ୍ ଇଣ୍ଡିଆର ନୂଆ ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ୍ ପୂର୍ବରୁ ଭାରତୀୟ ବୋଲରଙ୍କୁ ଟ୍ରେନ୍ କରିବାରେ ଲାଗିଛନ୍ତି। ସ୍କ୍ୱାଡ୍‌ରେ ଥିବା ଭାରତୀୟ ଖେଳାଳିମାନେ ମଧ୍ୟ ନେଟ୍ସରେ ଝାଳ ବୁହାଉଛନ୍ତି। ସ୍କ୍ୱାଡ୍‌ରେ ଥିବା ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବାଂଲାଦେଶ ବିପକ୍ଷ ଟି-୨୦ରେ ବୋଲିଂ କରିବାକୁ ବେଶ୍ ପରିଶ୍ରମ କରିବାରେ ଲାଗିଛନ୍ତି। କିନ୍ତୁ କୁହାଯାଉଛି ଯେ ପାଣ୍ଡ୍ୟାଙ୍କ ବୋଲିଂ ଦେଖି ମୋର୍କେଲ ଖୁସି ନାହାନ୍ତି।

ଗ୍ୱାଲିୟରରେ ଆସନ୍ତା ୬ରେ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ। ସେହି ଗ୍ୱାଲିୟରରେ ଭାରତୀୟ ଟିମ୍ ୩ ତାରିଖରୁ ନେଟ୍ସ ଆରମ୍ଭ କରିଛି। ନେଟ୍ସ ସେସନ୍ସ ବେଳେ ମୋର୍କେଲ ବେଶ୍ ଧ୍ୟାନର ସହ ପାଣ୍ଡ୍ୟାଙ୍କ ରନ ଅପ୍‌ରେ କାମ କରିଛନ୍ତି। ପାଣ୍ଡ୍ୟା ଷ୍ଟମ୍ପର ଅତି ନିକଟରୁ ବୋଲିଂ କରୁଛନ୍ତି। ଏଥିରେ ମୋର୍କେଲ ସନ୍ତୁଷ୍ଟ ହୋଇ ନାହାନ୍ତି ଓ ତାଙ୍କ ସହ ଏ ବିଷୟରେ କଥା ହୋଇଛନ୍ତି।

ବେଶୀ କଥା କହୁ ନଥିବା ମୋର୍କେଲଙ୍କୁ ନେଟ୍ସ ବେଳେ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିଥିଲା। ପାଣ୍ଡ୍ୟା ଯେତେଥର ବୋଲିଂ ମାର୍କକୁ ଆସୁଥିଲେ ମୋର୍କେଲ ସେତେଥର ତାଙ୍କୁ ଟିପ୍ସ ଦେଉଥିଲେ। ପାଣ୍ଡ୍ୟାଙ୍କ ରିଲିଜ୍ ପଏଣ୍ଟ ଉପରେ ମଧ୍ୟ ମୋର୍କେଲ କାମ କରିଛନ୍ତି। ପାଣ୍ଡ୍ୟାଙ୍କ ସହ ବେଶ୍ କିଛି ସମୟ ଟ୍ରେନିଂ କରିବା ପରେ ମୋର୍କେଲ ତୁରନ୍ତ ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ଯୁବ ତାରକା ମୟଙ୍କ ଯାଦବଙ୍କ ଉପରେ ଫୋକସ୍ କରିଥିଲେ। ସେମାନଙ୍କୁ ବୋଲିଂର କିଛି ସ୍ୱତନ୍ତ୍ର ଟିପ୍ସ ଦେଇଥିଲେ।

# ବିଶ୍ୱ ଚ୍ୟାଲେଞ୍ଜ୍ କପ୍‌ରେ ଭାଗନେବେ ରାକେଶ

ଭୁବନେଶ୍ୱର

ହଙ୍ଗେରୀର ସୋମ୍ବାଥେରେ ଅକ୍ଟୋବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଅଂଶଗ୍ରହଣ କରିବେ ଓଡ଼ିଆ ପୁଅ ରାକେଶ କୁମାର ପାତ୍ର। ଏଥିପାଇଁ ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ସଫଳତା କାମନା କରାଯାଇଛି। ରାକେଶ ହେଉଛନ୍ତି ଓଡ଼ିଶାର ଜଣେ ପ୍ରଖ୍ୟାତ ଜିମ୍ନାଷ୍ଟ, ଯିଏକି କ୍ରମାଗତ ଭାବରେ ପ୍ରାୟ ଦୁଇ ଦଶନ୍ଧି ଧରି ଅନ୍ତର୍ଜାତୀୟସ୍ତରରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ନିଯୁକ୍ତି କେବଳ ଜିମ୍ନାଷ୍ଟିକ କ୍ଷେତ୍ରରେ ତାଙ୍କର ଉତ୍ସର୍ଗୀକୃତ ଏବଂ ଅବଦାନକୁ ଆଲୋକିତ କରେ ନାହିଁ ବରଂ ଓଡ଼ିଶା ପାଇଁ ଏକ ମହତ୍ୱପୂର୍ଣ୍ଣ ଘଟଣା ହୋଇପାରିଛି।

ଏହି ସମ୍ମାନଜନକ ଇଭେଣ୍ଟରେ ପୃଥିବୀର ବିଭିନ୍ନ ସ୍ଥାନରୁ ଆଥଲେଟ୍‌ମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ଏହା ଆମ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘ ସମ୍ପାଦକ ଅଶୋକ ସାହୁ କହିଛନ୍ତି। ସମ୍ପାଦକଙ୍କ ବ୍ୟତୀତ ରାଜ୍ୟ ସଂଘ ସଭାପତି ସମୀର ଦେ, ଓଡ଼ିଶା ଫୁଟ୍‌ବଲ୍ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ୍ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ରାକେଶ ବର୍ତ୍ତମାନ ଭାରତୀୟ ନୌସେନାରେ ଚିଫ୍ ପେଟି ଅଫିସର ଭାବେ କାର୍ଯ୍ୟରତ।



# ବାବରଙ୍କ ପରେ ପିସିବି କ୍ୟାପ୍ଟେନସିପ୍ ରେସ୍‌ରେ ୩ ଖେଳାଳି

ନୂଆଦିଲ୍ଲୀ

ପାକିସ୍ତାନ କ୍ରିକେଟ୍ ଟିମ୍‌ର ଅଧିନାୟକ ବାବର ଆଜାମ୍ ଓଡିଆଇ ଏବଂ ଟି-୨୦ ଟିମର ଅଧିନାୟକତ୍ୱ ପଦରୁ ଇସ୍ତଫା ଦେଇଛନ୍ତି। ଏବେ ନୂଆ ଅଧିନାୟକ ବାଛିବା ପାକିସ୍ତାନ କ୍ରିକେଟ୍ ବୋର୍ଡ ପାଇଁ ଚ୍ୟାଲେଞ୍ଜ ହୋଇଛି । ବାବରଙ୍କ ଇସ୍ତଫା ପରେ ପିସିବି ସେମାନଙ୍କ ଉପରେ ଧ୍ୟାନ ଦେଉଛି ଯେଉଁମାନଙ୍କର ଅଧିନାୟକତ୍ୱର ଅଭିଜ୍ଞତା ରହିଛି। ଲିଷ୍ଟରେ ରହିଛନ୍ତି ମହମ୍ମଦ ରିଜୱାନ୍, ଶାଦବ ଖାନ୍ ଏବଂ ଶାହିନ୍ ଶାହା ଆଫ୍ରିଦି ଅଛନ୍ତି। ମହମ୍ମଦ ରିଜୱାନଙ୍କ ପାକିସ୍ତାନ ସୁପର ଲିଗରେ ମୁଲତାନ ସୁଲତାନ ଟିମ୍‌ର ଅଧିନାୟକତ୍ୱ କରିବାର ଅଭିଜ୍ଞତା ରହିଛି। କିନ୍ତୁ ତାଙ୍କୁ ଅନ୍ତର୍ଜାତୀୟ ହ୍ୱାଇଟବଲ କ୍ରିକେଟରେ ଅଧିକ ସୁଯୋଗ ମିଳିନଥିଲା। ରିଜୱାନଙ୍କ ଦକ୍ଷତାକୁ ବିଚାର କରି ତାଙ୍କ ନାଁକୁ ନେଇ ହୋଇପାରେ ବିଚାର। ୨୨ ବର୍ଷିୟ ଶାଦବ ଖାନ କମ୍ ବୟସରେ ପାକିସ୍ତାନର ଅଧିନାୟକତ୍ୱ ପଦ ଗ୍ରହଣ କରି ଦେଶର ସର୍ବକନିଷ୍ଠ ଅଧିନାୟକ ହୋଇଥିଲେ। ସେ ପିଏସଏଲରେ ଇସଲାମାବାଦ ୟୁନାଇଟେଡ୍‌ର ଅଧିନାୟକ ଅଛନ୍ତି ଏବଂ ତାଙ୍କ ନେତୃତ୍ୱରେ ଟିମ୍ ମଧ୍ୟ ଟାଇଟଲ୍ ହାତେଇଛି । ନିକଟରେ ସେ ନିଜ ଟିମ୍‌କୁ ଘରୋଇ ଓଡିଆଇ ଟୁର୍ଣ୍ଣାମେଣ୍ଟ, ଚାମ୍ପିଅନ୍ସ ଓଡିଆଇ କପ୍‌ରେ ମଧ୍ୟ ବିଜୟୀ କରାଇଥିଲେ। ଶାହିନ୍ ଶାହା ଆଫ୍ରିଦି ୫ଟି ଟି-୨୦ ମ୍ୟାଚ୍‌ରେ ପାକିସ୍ତାନର ଅଧିନାୟକତ୍ୱ ପଦ ସମ୍ଭାଳିଛନ୍ତି । ଯେଉଁଥିରୁ ସେ ମାତ୍ର ୧ ଗୋଟିଏ ମ୍ୟାଚ୍ ଜିତିଛନ୍ତି ଏବଂ ୪ଟି ହାରିଛନ୍ତି । ଯଦିଓ ଏହି ଆକଳନ ଭଲ ନୁହେଁ, କିନ୍ତୁ ଏହା ସତ ଯେ ତାଙ୍କୁ ଅଧିନାୟକତ୍ୱ ପାଇଁ ଅଧିକ ସୁଯୋଗ ମିଳିବ। ଶାହିନ୍ ମଧ୍ୟ ପିଏସଏଲରେ ଦୁଇଟି ଟାଇଟଲ୍ ଜିତିଛନ୍ତି ଏବଂ ନିକଟରେ ତାଙ୍କୁ ହଠାତ୍ ଟି-୨୦ ଅଧିନାୟକତ୍ୱ ପଦରୁ ହଟାଇ ଦିଆଯାଇ ଥିଲା। ବାବରଙ୍କ ଇସ୍ତଫା ପରେ ଶାହିନ୍‌ଙ୍କୁ ଆଉ ଏକ ସୁଯୋଗ ଦେବାକୁ ଚିନ୍ତା କରିପାରେ।

# ଧୋନିଙ୍କ ସହ ନିଜକୁ ତୁଳନା କଲେ 'କିଙ୍ଗ୍ ଖାନ'

ଆବୁଧାବି

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ୪ ବର୍ଷ ପୂର୍ବେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। କିନ୍ତୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ)ର 'ମେରୁଦଣ୍ଡ' ଭାବେ ଏବେବି ଧୋନି ରହିଛନ୍ତି। ଆଗାମୀ ଆଇପିଏଲ ୨୦୨୫ ପୂର୍ବରୁ କ୍ରିକେଟରଙ୍କ ରିଟେନ୍‌ସନ ପାଇଁ ବିସିସିଆଇ ନୂଆ ନିୟମ ପ୍ରଣୟନ କରିଛି, ଯେଉଁଠାରେ କ୍ରିକେଟରମାନେ ୫ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନଥିଲେ, ସେମାନଙ୍କୁ ଫ୍ରାଞ୍ଚାଇଜ ଚାହିଁଲେ ଅନ୍‌କ୍ୟାପଡ୍ ଖେଳାଳି ଭାବେ ରଖିପାରିବେ। ଏହାରି ଭିତରେ ଧୋନିଙ୍କୁ ସିଏସ୍‌କେ ରିଟେନ କରିବା ନେଇ କଳ୍ପନା ଜଳ୍ପନା ମଧ୍ୟରେ 'ବଲିଉଡ୍‌ର କିଙ୍ଗ' ଭାବେ ପରିଚିତ ଶାହାରୁଖ ଖାନଙ୍କ ଧୋନିଙ୍କୁ ନେଇ ଏକ ମନ୍ତବ୍ୟ ଇଣ୍ଟରନେଟରେ ଚର୍ଚ୍ଚାର ବିଷୟ ପାଲଟିଛି।

ଆଇପିଏଲ୍ ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମାଲିକ, 'କିଙ୍ଗ୍ ଖାନ' ନିକଟରେ ଏକ ଲୋକପ୍ରିୟ ପୁରସ୍କାର ସମାରୋହ ଆଇଆଇଏଫଏ କାର୍ଯ୍ୟକ୍ରମ ସମୟରେ ମାହିଙ୍କ ବିଷୟରେ ଏଭଳି ଏକ ମନ୍ତବ୍ୟ ଦେଇଥିଲେ, ଯାହା ସାମାଜିକ ଗଣମାଧ୍ୟମରେ ଖୁବ ଚର୍ଚ୍ଚାର ବିଷୟ ପାଲଟିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଶାହାରୁଖ୍ ପ୍ରସିଦ୍ଧ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ କରଣ ଜୋହରଙ୍କ ସହ ନଜର ଆସିଛନ୍ତି । ଯେତେବେଳେ କରଣ ଶାହାରୁଖଙ୍କୁ ତାଙ୍କ ବଲିଉଡ୍‌ରୁ ଅବସର ଯୋଜନା ବିଷୟରେ ପଚାରିଥିଲେ, 'ବଲିଉଡର ବାଦ୍‌ଶାହା' ନିଜକୁ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ସହ ତୁଳନା କରିଥିଲେ।



ଶାହରୁଖ ଖାନ କହିଥିଲେ, 'ମୁଁ ଏକ ଭିନ୍ନ ପ୍ରକାରର କିମ୍ବଦନ୍ତୀ। ଧୋନି ଏବଂ ମୁଁ ବହୁତ ସମାନ । 'ନାଁ' କହିବା ପରେ ମଧ୍ୟ ଆମେ ୧୦ଟି ଆଇପିଏଲ୍ ଖେଳି ସାରିଲୁଣି।'

ବିଶ୍ୱ ବିଜେତା ଅଧିନାୟକଙ୍କ ବିଷୟରେ ଶାହାରୁଖଙ୍କ ମନ୍ତବ୍ୟ ଇଣ୍ଟରନେଟ୍‌ରେ ଖୁବ୍ ଭାଇରାଲ ହୋଇଛି । ଶାହାରୁଖଙ୍କ ମନ୍ତବ୍ୟକୁ ସମର୍ଥନ କରିଥିଲେ ଅଭିନେତା ଭିକି କୌଶଲ । ଭାଇରାଲ ଭିଡିଓରେ ଶାହାରୁଖଙ୍କ ପରେ ଭିକି କହୁଛନ୍ତି, 'କିମ୍ବଦନ୍ତୀ ଅବସର ନିଅନ୍ତି, ହେଲେ 'କିଙ୍ଗ' ସବୁଦିନ ପାଇଁ ଖେଳନ୍ତି ।' ଧୋନିଙ୍କ ବିଷୟରେ ଶାହାରୁଖଙ୍କ ମଜାଳିଆ ମନ୍ତବ୍ୟ ନେଟିଜେନ୍ସଙ୍କ ହୃଦୟକୁ ସ୍ପର୍ଶ କରିଛି। ପ୍ରତିକ୍ରିୟାରେ ସମସ୍ତେ କହୁଛନ୍ତି, 'ପ୍ରକୃତରେ ଉଭୟ କିଙ୍ଗ ଅଟନ୍ତି।' ପ୍ରକାଶ ଥାଉ, ଶାହାରୁଖ ଏହା ଏକ ନକାରାତ୍ମକ ଢଙ୍ଗରେ କହି ନାହାଁନ୍ତି, କିନ୍ତୁ ଧୋନିଙ୍କ ସହ ତାଙ୍କ ନିଜର ଥିବା ସମାନତା ବୁଝାଇବାକୁ ଯାଇ ଏପରି କହିଛନ୍ତି।

# ବରିଷ୍ଠ ନାଗରିକମାନଙ୍କୁ ଅଣଦେଖା ନେଇ ପ୍ରଶାସନ ଉପରେ ବର୍ଷିଲେ


ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଥିବା ବେଳେ ବରିଷ୍ଠ ନାଗରିକମାନଙ୍କୁ ଅପବ୍ୟବହାର ତଥା ଅଣଦେଖା ଅଭିଯୋଗ କରି ପ୍ରଶାସନ ଉପରେ ସାମ୍ବାଦିକ ସମ୍ମିଳନୀରେ ଖୁବ୍ ବର୍ଷିଛନ୍ତି। ସୁବର୍ଣ୍ଣପୁର ଏକ ଐତିହ୍ୟ, ସଂସ୍କୃତି ଉଚ୍ଚ ବ୍ୟବହାର ସମ୍ପନ୍ନ ଜିଲ୍ଲା ହୋଇଥିବା ବେଳେ ଲୋକଙ୍କ ଆଚାର ବ୍ୟବହାରରେ ଜିଲ୍ଲାକୁ ଆସୁଥିବା ଅମଲାତନ୍ତ୍ର ଓ ଦେଶ ବିଦେଶର ପର୍ଯ୍ୟଟକମାନେ ବିମୁଗ୍ଧ ହୋଇ ଯାଆନ୍ତି। କିନ୍ତୁ ସେଇ ଅମଲାତନ୍ତ୍ର ଜିଲ୍ଲା ପ୍ରଶାସନ ବରିଷ୍ଠ ନାଗରିକ ଦିବସରେ ବରିଷ୍ଠ ନାଗରିକଙ୍କୁ ଯେଉଁ ଭଳି ଭାବେ ଅଣଦେଖା କରି ଅପବାଦ ଦେଇଛି ତାହା ନିନ୍ଦନୀୟ ଓ ଲଜ୍ଜା ଜନକ ବୋଲି ଶ୍ରୀ ଗୋପାଳଜୀ ଯୋଗାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ଖୁଲାସା କରିଛି। ସମୟ ଠାରୁ ଦୁଇ ଘଣ୍ଟା ଅପେକ୍ଷା କରାଇ ଜିଲ୍ଲାପାଳ ବରିଷ୍ଠ ନାଗରିକଙ୍କ ସଭା ଆରମ୍ଭ କରିବା, ମାତ୍ର ୬ ମିନିଟରେ ସଭା ସାରିବା, ସାତ ଲାଇନ୍ ଲେଖା ସମ୍ବର୍ଦ୍ଧନା ପତ୍ରରେ ପାଞ୍ଚଟି ଭୁଲ୍ ଥିବା ଓ କୌଣସି ସମ୍ବର୍ଦ୍ଧନା ପତ୍ରରେ କାହାରି ଦସ୍ତଖତ ନ ଥିବା ଏହା ଘୋର ଅନ୍ୟାୟ ବୋଲି କହିଛି ସଙ୍ଘ। ପ୍ରତ୍ୟେକ କ୍ଷେତ୍ରରେ ସେବାରେ ଅବହେଳାର ଶିକାର ହେଉଥିବା ବରିଷ୍ଠ ନାଗରିକ ଏବଂ ଉପସ୍ଥିତ କର୍ମକର୍ତ୍ତା ଦୀର୍ଘ ଦିନରୁ ଜମି ରହିଥିବା ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯେଉଁ ପ୍ରଶାସନକୁ ବିଗତ ଦିନରେ ହକି ବିଶ୍ୱ କପ୍, ରାହାଗିରି, ଜିଲ୍ଲା ଉତ୍ସବ ପାଳନ କରିବା ବେଳେ ସମସ୍ତ ପ୍ରକାର ସହଯୋଗ ଦେଇ ଆସିଛି ଆମେ ତାଙ୍କଠୁଁ ଏଭଳି ବ୍ୟବହାର କେବେ ଆଶା କରି ନ ଥିଲୁ ବୋଲି ସଂଘ ସଭାପତି ଡ଼ଃ ଜ୍ୟୋତି ରଂଜନ ବହିଦାର ପ୍ରକାଶ କରିଛନ୍ତି ଏବଂ ଚେତାବନୀ ଦେଇଛନ୍ତି ପ୍ରଶାସନକୁ ଯେ ବରିଷ୍ଠ ନାଗରିକଙ୍କୁ ଘୃଣା କରି ପାର ପାଇବ ପ୍ରଶାସନ ହେଲେ ଦୟା କରି ନୁହେଁ। ଯେଉଁ ପ୍ରଶାସନ ବରିଷ୍ଠ ନାଗରିକ ଦିବସରେ ବରିଷ୍ଠ ନାଗରିକଙ୍କୁ ସମୟ ଟିକେ ଦେଇ ପାରେନି ସେ ଜିଲ୍ଲାର ବିକାଶ କେତେ ଆଗେଇଥିବ ତାହା ଏଥିରୁ ଜଣାପଡେ ବୋଲି ବରିଷ୍ଠ ନାଗରିକ ପ୍ରଦୀପ ପୁରୋହିତ ମତ ରଖି ବର୍ତ୍ତମାନ ଓଡ଼ିଆ ଅସ୍ମିତା ଓ ମର୍ଯ୍ୟାଦା କଥା କହୁଥିବା ମୁଖ୍ୟମନ୍ତ୍ରୀ ଏଭଳି ବୈଶାଳିକ ବିଭ୍ରାଟ କରୁଥିବା ସୁ-ଶାସନ ଦେବାରେ ଫେଲ୍ ମାରିଥିବା ଜିଲ୍ଲାପାଳଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଛନ୍ତି। ସରକାରଙ୍କ ଆହ୍ୱାନ୍ ନ ହେବା ଯାଏଁ ଆଗାମୀ ଦିନରେ ପ୍ରଶାସନର ସବୁ ସଭା ସମିତିକୁ ବୈକଟ କରିବୁ ବୋଲି ଶ୍ରୀ ପୁରୋହିତ ପ୍ରକାଶ କରିଛନ୍ତି। ଅମଲା ତନ୍ତ୍ରରେ ପରିଚାଳିତ ନ ହୋଇ ଲୋକତନ୍ତ୍ରରେ ଆଗେଇ ଆସିବାକୁ ଜିଲ୍ଲାର ବିକାଶ ପାଇଁ ପ୍ରଶାସନ ମୁକାବିଲା କରିବାକୁ ଦାବି ଜଣାଇଛନ୍ତି। ବରିଷ୍ଠ ନାଗରିକଙ୍କ ହକ ପାଇଁ, ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ବରିଷ୍ଠ ନାଗରିକ ସଂଘ ଲଢେଇ କରିବ। ଦରକାର୍ ହେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ବରିଷ୍ଠ ନାଗରିକ ତଥା ସାମ୍ବାଦିକ ଗୋରେଖ୍ ନାଥ ସାହୁ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ସଂଘର ସଂପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ବରିଷ୍ଠ ନାଗରିକ ସନ୍ତୋଷ ପାଢ଼ୀ, ମୃତ୍ୟୁଞ୍ଜୟ ଦାଶ, ଲୋକେଶ ପଧାନ ପ୍ରମୁଖ ସାମିଲ୍ ଥିଲେ।

# ଜଗନ୍ନାଥ ମନ୍ଦିରରେ ପୂଜା ପାଉଛନ୍ତି ଗାନ୍ଧିଜୀ

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ପ୍ରତି ଭାରତୀୟଙ୍କ ହୃଦୟରେ ରହିଛନ୍ତି ଜାତିର ପିତା ମହାତ୍ମା ଗାନ୍ଧୀ। ଦେଶ ସ୍ୱାଧୀନତାରେ ତାଙ୍କ ଅବଦାନ ଓ ଅହିଂସା ପରମଧର୍ମ ମନ୍ତ୍ରକୁ ଆଜି ବି ଯୁବପୀଢ଼ୀ ଅନୁସରଣ କରନ୍ତି। ତାଙ୍କୁ ପୂଜ୍ୟପୂଜା ଭାବେ ଗ୍ରହଣ କରନ୍ତି। ଏହି କ୍ରମରେ ଦେଶର ବିଭିନ୍ନ ସ୍ଥାନରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ପ୍ରତିକୃତି ଦେଖିବାକୁ ମିଳେ। ବ୍ରହ୍ମପୁର ସହରରେ ବି ବିଭିନ୍ନ ସ୍ଥାନରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାନିତ ହୋଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ୧୯୭୦ ମସିହାରୁ ଗାନ୍ଧିଜୀ ପୂଜା ପାଇ ଆସୁଛନ୍ତି ଗୋସାଇଁନୂଆଗାଁ ଉତ୍ତରେଶ୍ୱର ମନ୍ଦିର ପରିସରରେ ଥିବା ପ୍ରତିମୂର୍ତ୍ତି। ଏଠାରେ ପ୍ରତ୍ୟେକ ଦିନ ଘଣ୍ଟଘଣ୍ଟା ବାଦ୍ୟ ବାଜଣାରେ ଗାନ୍ଧିଜୀଙ୍କ ସୁମରଣା କରାଯାଉଛି। ପ୍ରତିଦିନ ଆଳତି, ସନ୍ଧ୍ୟା ଆଳତି, ଅନ୍ନଭୋଗ ଆଦି ପାର୍ଶ୍ୱ ଦେବଦେବୀଙ୍କ ଭଳି ଗାନ୍ଧୀଜୀଙ୍କ ମଧ୍ୟ କରାଯାଉଛି। ଗାନ୍ଧିଜୀଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ବାର୍ଷିକୀରେ ଏଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ଦେଶ ଓ ଜାତି ପାଇଁ ଗାନ୍ଧିଜୀଙ୍କ ଅବଦାନକୁ ସବୁବେଳେ ମନେ ପକାଇବା ପାଇଁ ଏଠାରେ ତାଙ୍କୁ ସ୍ଥାନିତ କରାଯାଉଥିବା ବେଳେ ପାର୍ଶ୍ୱଦେବତା ଭାବେ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଗୋସାଇଁନୂଆଗାଁ ଜଗନ୍ନାଥ ମନ୍ଦିରରେ ବିମଳା, ହନୁମାନ, ନବଗ୍ରହ, ପଞ୍ଚ ଦେବତା ଓ ଭାଗବତ ଗାଦି ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି । ଭାଗବତ ଗାଦିରେ ଶ୍ରୀରାମଙ୍କ ସମେତ ଗାନ୍ଧିଜୀଙ୍କୁ ନିତ୍ୟ ପୂଜାର୍ଚ୍ଚନା କରାଯାଉଛି। ବିଭିନ୍ନ ସମୟରେ ସହରର ବହୁ ଲୋକ ଏଠାକୁ ଯାଇ ପୂଜାର୍ଚ୍ଚନା ମଧ୍ୟ କରୁଥିବା ଦେଖିବାକୁ ମିଳିଛି। ଦେଶପ୍ରେମୀ ଓ ଦେଶ ମାତୃକାର ସେବା ଲାଗି ନିଜ ଜୀବନକୁ ସମର୍ପି ଦେଇଥିବା ଗାନ୍ଧିଜୀଙ୍କୁ ମନେ ପକାଇବା ଲାଗି ଏ ପ୍ରୟାସ ଦୀର୍ଘବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ସୂଚନା ମିଳିଛି।



# ବିକାଶକୁ ଉପଭୋଗ କରିବା ପାଇଁ ସଂସ୍କାର ଆବଶ୍ୟକ : ବାଣିଜ୍ୟ ମନ୍ତ୍ରୀ

# ବିକଶିତ ଭାରତ ପାଇଁ ମାନସିକତାରେ ପରିବର୍ତ୍ତନ ଲୋଡ଼ା : ନଗର ଉନ୍ନୟନ ମନ୍ତ୍ରୀ

ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ସ୍ୱଚ୍ଛ ଭାରତ ଦିବସ, ୨୦୨୪ ପାଳିତ ହୋଇଯାଇଛି। ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଆଜି ସେବା ମନୋବୃତ୍ତି ନେଇ ପ୍ରତ୍ୟେକେ ସ୍ୱଚ୍ଛତା ଅଭିଯାନରେ ସାମିଲ ହେଉଛନ୍ତି। ଏହା କେବଳ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରେରଣା ଯୋଗୁଁ ସମ୍ଭବପର ହେଉଛି। ପୌରାଣିକ ଯୁଗରୁ ପବିତ୍ରତା ଥିଲା, ଏହା ପୁରାଣରେ ବର୍ଣ୍ଣିତ ଶ୍ରୀୟା ଚଣ୍ଡାଳୁଣୀ କଥାବସ୍ତୁରୁ ଜଣାପଡ଼େ। ତେଣୁ ଆମ ପରିବେଶ ସ୍ୱଚ୍ଛତା ବଜାୟ ରହିଲେ ପବିତ୍ରତା ଆପେ ଆପେ ଦେଖାଯିବ ଏବଂ ସମାଜ ପ୍ରଗତି ଦିଗରେ କ୍ଷିପ୍ରଗତିରେ ଗତି କରିବ। ଆଜି ଯେଉଁ ଦେଶ ବିକଶିତ ରାଷ୍ଟ୍ର ରୂପେ ପରିଚିତ ଅଛି ସେହି ଦେଶରେ ସ୍ୱଚ୍ଛତା ହିଁ ଏହାର ପ୍ରକୃତ କାରଣ। ଏଣୁ ଶ୍ରେଷ୍ଠ ଭାରତ ପାଇଁ ସ୍ୱଚ୍ଛ ଭାରତ କରିବାକୁ ହେବ। ଆମେ ଆମ ମାନସିକତାର ବିକାଶ କରି ସମସ୍ତଙ୍କ ସହଯୋଗ ନେଇ ସାମିଲ ହେବା ତେବେ ଯାଇ ଦେଶ ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ଅମୃତ ଯୋଜନାରେ ବିଶୁଦ୍ଧ ପାଣି ପାଇବା ସଙ୍ଗେସଙ୍ଗେ ପରିବେଶ ଶାନ୍ତ କରିବା ପାଇଁ ପ୍ରକୃତିକୁ ସଜାଇବାର ଆବଶ୍ୟକତା ରହିଛି। ସେହି ଦିଗରେ ସମସ୍ତେ ଯତ୍ନବାନ ହେବା ଜରୁରୀ ହୋଇ ପଡିଛି। ପ୍ରଧାନମନ୍ତ୍ରୀ ୮୫ ଗୋଟି ସହରର ଅମୃତ ଯୋଜନା ସକାଶେ ୩୯୬୦ କୋଟି ବିକାଶ ପାଇଁ ଦେଇଛନ୍ତି। ପୁଷ୍କରିଣୀର ପୁନରୁଦ୍ଧାର ହେଲେ ଜଳ ସ୍ତରର ପୁନରୁଦ୍ଧାର ହେବ। ୨୦ ପ୍ରତିଶତ ବୃଷ୍ଟି ହୋଇ ବହିଯାଉଥିବା ଜଳକୁ ସଂରକ୍ଷଣ କରି ରହିବେ। ଗଞ୍ଜାମ ଜିଲ୍ଲାରେ ଛତ୍ରପୁର, ଆସ୍କା ଓ ଭଞ୍ଜନଗରକୁ ପୌର ପାଳିକା ମାନ୍ୟତା ଦିଆଯିବ। ଯଦି ତାହା ପୌରପାଳିକା ହେବାର ସମସ୍ତ ଯୋଗ୍ୟ ବିବେଚିତ ହେଲେ ବୋଲି ମନ୍ତ୍ରୀ ଉପସ୍ଥିତ ସାଂସଦ, ମନ୍ତ୍ରୀ ଏବଂ ବିଧାୟକ ମାନଙ୍କ ଅନୁରୋଧ ରକ୍ଷା କରି ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦାନ କରି ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ, ମହିଳାମାନଙ୍କ ସହଭାଗିତାରେ ସ୍ୱଚ୍ଛତାର ପରିଚାଳନା ସହିତ ସେମାନେ ସ୍ୱାବଲମ୍ବୀ ହୋଇ ପାରୁଛନ୍ତି। ଭୌତିକ ସ୍ୱଚ୍ଛତା ସହିତ ଆଜି ଆତ୍ମିକ ସ୍ୱଚ୍ଛତା ଆଣିବାର ଲକ୍ଷ୍ୟ ରଖୁଛେ। ସମାଜରେ ସ୍ୱଚ୍ଛତା ଆଣିବା ଦିଗରେ ଭୌତିକ ସ୍ୱଚ୍ଛତା ସହିତ ଆତ୍ମିକ ସ୍ୱଚ୍ଛତା ଅପରିହାର୍ଯ୍ୟ। ବିକାଶକୁ ଉପଭୋଗ କରିବା ପାଇଁ ଆମ ଭିତରେ ସଂସ୍କାରର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଜଣାଇଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଗତ ୧୦ ବର୍ଷର ସ୍ୱଚ୍ଛ ଅଭିଯାନ କାର୍ଯ୍ୟକ୍ରମରେ ଅନେକ ପରିବର୍ତ୍ତନ ଆସିଛି। ଜିଲ୍ଲାର ସଦର ମହକୁମା ଛତ୍ରପୁର, ଗଞ୍ଜାମ ଜିଲ୍ଲାର ମୁଖ୍ୟ ସଦୃଶ। ଏଣୁ ଏହାର ବିକାଶ ଆବଶ୍ୟକତା ରହିଛି। ଛତ୍ରପୁର ସମେତ ବ୍ରହ୍ମପୁରର ନାଳ ନର୍ଦ୍ଦମାର ସୁବ୍ୟବସ୍ଥା ଅପରିହାର୍ଯ୍ୟ। ଏଣୁ ଏହାର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଡ. ପାଣିଗ୍ରାହୀ ଜଣାଇଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ନିଜ ବକ୍ତବ୍ୟରେ ଛତ୍ରପୁର ବିଧାନ ସଭା ଅଞ୍ଚଳର ପାନୀୟ ଜଳ ଯୋଗାଣ ପାଇଁ ୭୦ କୋଟି ଟଙ୍କା ଅନୁଦାନ ଦେଇଥିବା ହେତୁ ପ୍ରଧାନ ମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରି ମନ୍ତ୍ରୀଙ୍କ ଠାରେ ତାଙ୍କ ଅଞ୍ଚଳର ବିକାଶ ଧାରାକୁ ବ୍ୟାପକ କରିବାକୁ ଅନୁରୋଧ କରିଥିଲେ।



## ବିଜେଡି ପକ୍ଷରୁ ନୀଳମଣି ରାଉତରାୟଙ୍କ ପୁଣ୍ୟତିଥି ପାଳିତ

# ନୀଳମଣି ରାଉତରାୟ ଥିଲେ ଜଣେ ଅଜାତଶତ୍ରୁ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟ ଥିଲେ ଓଡ଼ିଶା ରାଜନୀତିରେ ଜଣେ ଅଜାତଶତ୍ରୁ । ଅନେକ କଠିନ ଓ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଏକ ସ୍ଥିତପ୍ରଜ୍ଞ ରାଜନୀତିଜ୍ଞ ଭାବେ ସଂଗଠନକୁ ପରିଚାଳନା କରିବାର ଦକ୍ଷତା ତାଙ୍କ ପାଖରେ ଥିଲା । ତାଙ୍କ ଦକ୍ଷତାର ପରାକାଷ୍ଠା ସେ ରାଜନୈତିକ ଜୀବନରେ ଅନେକ ସ୍ଥାନରେ ପ୍ରତିପାଦିତ କରିଛନ୍ତି ବୋଲି ଶୁକ୍ରବାର ତାଙ୍କ ପବିତ୍ର ପୁଣ୍ୟ ତିଥିରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ଏ.ଜି. ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରୀ ରାଉତରାୟଙ୍କ ୨୦ତମ ତିରୋଧାନ ଦିବସ ପାଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଅଶୋକ ବଳ, ସୁବର୍ଣ୍ଣ ନାୟକ, ରାଧାକାନ୍ତ ସେଠୀ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ରବି ସାମଲ, ଶେଖର ବାରିକ, ପ୍ରଧାପକ ରଙ୍ଗାଧର ସାହୁ, ନିତ୍ୟାନନ୍ଦ ମହାନ୍ତି, ଦେବାଶିଷ ମହାପାତ୍ର, ସୁରେନ୍ଦ୍ର କୁମାର ରାଉତ, ତପନ କୁମାର ଲେଙ୍କା, ହେମନ୍ତ ମୁଦୁଲି, ଚନ୍ଦନ କୁମାର ଭୋଇ, ସତ୍ୟବ୍ରତ ଜେନା, ମନୋଜ କୁମାର ଦାସ, ଅଶ୍ୱିନୀ ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗ ଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।




## ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଅନ୍ତର୍ଗତ ସାଂସଦ କମିଟି ବୈଠକ

# ବିଭିନ୍ନ ଭିତ୍ତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ବ୍ୟାପକ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ଭୁବନେଶ୍ୱରରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରରେ ସାଂସଦମାନଙ୍କ ଏକ ବିଭାଗୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ବିଶିଷ୍ଟ ସାଂସଦମାନଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମେତ ବରିଷ୍ଠ ରେଳ ଅଧିକାରୀଙ୍କ ସହିତ ବିଭିନ୍ନ ଭିତ୍ତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

ସାଂସଦମାନେ ବରିଷ୍ଠ ସାଂସଦ ତଥା ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କୁ ବିଭାଗୀୟ କମିଟିର ସଭାପତି ଭାବରେ ମନୋନୀତ କରିଥିଲେ। ଏହି ବୈଠକରେ ଯୋଗଦାନ କରିଥିବା ସାଂସଦମାନେ ହେଲେ କେ. ରାମମୋହନ ନାଇଡୁ, ବିମାନ ଚଳାଚଳ ମନ୍ତ୍ରୀ ତଥା ସାଂସଦ ଶ୍ରୀକାକୁଲମ ବିଭୂ ପ୍ରସାଦ ତରାଇ, ସାଂସଦ ଜଗତସିଂହପୁର ଡକ୍ଟର ସମ୍ବିତ ପାତ୍ର, ସାଂସଦ ପୁରୀ ସୁଲତା ଦେଓ, ରାଜ୍ୟସଭା ସାଂସଦ ସୁଭାଷ ଖୁଣ୍ଟିଆ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଜାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ।



ସାଂସଦମାନେ ଗଠନମୂଳକ ଆଲୋଚନାରେ ଭାଗନେଇ ରେଳ ଭିତ୍ତିଭୂମି ବୃଦ୍ଧି ତଥା ଏହି ଅଞ୍ଚଳରେ ଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ପାଇଁ ସେମାନେ କୃତଜ୍ଞତା ଜଣାଇବା ସହ ଚାଲୁରହିଥିବା ପ୍ରକଳ୍ପର ଗୁରୁତ୍ୱକୁ ଦର୍ଶାଇ ଟ୍ରେନ ସେବା, ଟ୍ରେନ ରହଣି ଏବଂ ଯାତ୍ରୀ ସୁବିଧା ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ।

ବୈଠକରେ ଆଲୋଚନା ହୋଇଥିବା ପ୍ରମୁଖ ବିଷୟଗୁଡ଼ିକ ହେଲା- ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦା ମେଣ୍ଟାଇବା ପାଇଁ ଟ୍ରେନ ଚଳାଚଳ ଦିବସ ବୃଦ୍ଧି ଏବଂ ଉପାନ୍ତ ଅଞ୍ଚଳକୁ ଟ୍ରେନ ସେବା ସମ୍ପ୍ରସାରଣ କରିବା, ନୂତନ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରିବା, ରୋଡ଼ ଅଣ୍ଡର ବ୍ରିଜ୍ (ଉପମାର୍ଗ) ଏବଂ ରୋଡ ଓଭର ବ୍ରିଜ୍‌ର ବିକାଶ, ଷ୍ଟେସନ ମାନଙ୍କରେ ଯାତ୍ରୀଙ୍କ ସୁବିଧା ସୁଦୃଢ଼ କରିବା, ଟ୍ରେନ, ପ୍ଲାଟଫର୍ମ ଓ ଷ୍ଟେସନ ପରିସରରେ ସ୍ୱଚ୍ଛତା ସମ୍ବନ୍ଧରେ ବିଶେଷ ଧ୍ୟାନଦେବା, ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡ଼ିକୁ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା, ବିଭିନ୍ନ ଷ୍ଟେସନ ଠାରେ ଟ୍ରେନମାନଙ୍କର ରହଣି।

ଆଞ୍ଚଳିକ ପନ୍ୟପାରିବହନ ଚାହିଦା ପୂରଣ କରିବା ସହିତ କ୍ରମାଗତ ଭାବେ ଯାତ୍ରୀବାହୀ ଟ୍ରେନ ଚଳାଚଳ କ୍ଷେତ୍ରରେ ଉନ୍ନତି ଆଣିବା କ୍ଷେତ୍ରରେ ପୂର୍ବତଟ ରେଳପଥର ପ୍ରଚେଷ୍ଟାକୁ ସାଂସଦମାନେ ପ୍ରଶଂସା କରିଥିଲେ।

ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ତାଙ୍କ ଅଭିଭାଷଣରେ ସାଂସଦମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ମୂଲ୍ୟବାନ ମତାମତ, ଉପଦେଶ ଏବଂ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଯାତ୍ରୀ ସେବାରେ ଉନ୍ନତି ଏବଂ ଚାଲୁରହିଥିବା ଭିତ୍ତିଭୂମି ବିକାଶ ପ୍ରକଳ୍ପ ଉପରେ ଧ୍ୟାନ ଦେଇ ସେ ପୂର୍ବତଟ ରେଳପଥର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଆଲୋକପାତ କରି ଯାତ୍ରୀ ପରିସେବା କ୍ଷେତ୍ରରେ ଉନ୍ନତି ଆଣିବା ଏବଂ ବିଭିନ୍ନ ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକରେ ଅଗ୍ରଗତି ସ୍ଥିତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ।

ଏହି ବୈଠକରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ.ଏସ. ବଜାଜଙ୍କ ସମେତ ରେଳପଥ ମୁଖ୍ୟାଳୟର ପ୍ରମୁଖ ବିଭାଗୀୟ ଅଧିକାରୀ ଓ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅଧିକାରୀମାନେ ଯୋଗ ଦେଇଥିଲେ।

# ବିଭିନ୍ନ ସଂସ୍ଥା ସହିତ ଓରମାସ୍‌ର ୪ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓରମାସ୍ ଦ୍ୱାରା ଆୟୋଜିତ ଦୁଇଦିନିଆ ରପ୍ତାନୀ ଓ ଇ-କମର୍ସ କର୍ମଶାଳା ଏବଂ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ପଞ୍ଚାୟତିରାଜ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ କୃଷି ଭବନ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହନୀ, ଓରମାସ୍‌ର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ୍ ତାପସ କୁମାର, ନାବାର୍ଡର ସିଜିଏମ୍ ଓ ଡିଜି-ଇଡିଆଇଆଇଙ୍କ ଉପସ୍ଥିତିରେ ଓରମାସ୍ ପକ୍ଷରୁ ଚାରିଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଗୁଣବତ୍ତା ଏବଂ ମାନ ଆଦି ବଜାରରେ ମିଳୁଥିବା ଅନ୍ୟ ସାମଗ୍ରୀମାନଙ୍କୁଠାରୁ ଢେର ଉନ୍ନତ। ଏହାର ବିପଣନ ଦିଗରେ ଓରମାସ୍‌ର ଭୂମିକା ମଧ୍ୟ ଅତୁଳନୀୟ। ତେଣୁ ଆଗାମୀ ଦିନରେ ଏହିସବୁ ସାମଗ୍ରୀର ରପ୍ତାନୀ ଏବଂ ଅନ୍-ଲାଇନ ମାର୍କେଟିଂ ଉପରେ ଆମ୍ଭମାନଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଫଳରେ ଆମ ରାଜ୍ୟର ଗ୍ରାମୀଣ ଉତ୍ପାଦର ଜାତୀୟ ଏବଂ ଅନ୍ତର୍ଜାତୀୟ ବଜାରରେ ଚାହିଦା ବଢ଼ିବା ସହ ଗ୍ରାମୀଣ କାରିଗରମାନେ ଲାଭାନ୍ୱିତ ହୋଇପାରିବେ। ଏହା ସହ ପ୍ରତିଯୋଗିତାମୂଳକ ବଜାରରେ ଏଣିକି ଗ୍ରାମୀଣ ଉତ୍ପାଦଗୁଡ଼ିକୁ ମୁକାବିଲା କରିବାକୁ ପଡ଼ିବ। ରାଜ୍ୟ ଓ ଜାତୀୟ ବଜାର ସହ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଏହାର ଚାହିଦା ବଢ଼ାଇବା ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଜାତୀୟସ୍ତରରେ ଏହି ସାମଗ୍ରୀଗୁଡ଼ିକୁ ଅନ୍-ଲାଇନ ବଜାରରେ ଉପଲବ୍ଧ କରାଇବା ଜରୁରୀ ହୋଇପଡ଼ିଛି। ଏ ଦିଗରେ ଉତ୍ପାଦଗୁଡ଼ିକର ଗୁଣବତ୍ତା, ପ୍ୟାକେଜିଂ, ବ୍ରାଣ୍ଡିଂ ଆଦିକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ।

ଏହି ଅବସରରେ ଓରମାସ ଦ୍ୱାରା ୪ଟି ସଂସ୍ଥା ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ଗୋଷ୍ଠୀସ୍ତରୀୟ ସଂଗଠନଗୁଡ଼ିକୁ ଧୂପକାଠି ପ୍ରସ୍ତୁତି ଏବଂ ବିକ୍ରୟରେ ସହଯୋଗ ପାଇଁ ଆଇ.ଟି.ସି କମ୍ପାନି ସହିତ, କୃଷକ ଉତ୍ପାଦକ ସଂଗଠନ, ଉତ୍ପାଦକ କମ୍ପାନି ଏବଂ ଉତ୍ପାଦକ ଉଦ୍ୟୋଗ ଆଦିକୁ ଖାଦ୍ୟ ସାମଗ୍ରୀ, ଫଳ, ପରିବା, ଡାଲି ଜାତୀୟ ଶସ୍ୟ ଆଦି ବିକ୍ରୟ ପାଇଁ ଭାରତ ମସଲା କମ୍ପାନି ସହିତ, ଗୋଷ୍ଠୀସ୍ତରୀୟ ସଂଗଠନ ସଦସ୍ୟମାନଙ୍କର ଦକ୍ଷତା ବିକାଶ ଏବଂ ଆନୁଷଙ୍ଗିକ ସହାୟତା ପ୍ରଦାନ ଦିଗରେ ଅହମଦାବାଦ ସ୍ଥିତ ଇ.ଡି.ଆଇ.ଆଇ ସଂସ୍ଥା ଏବଂ କର୍ଣ୍ଣାଟକ ରାଜ୍ୟ ମହୀଶୁର ସ୍ଥିତ ସି.ଏଫ.ଟି.ଆର.ଆଇ ସଂସ୍ଥା ସହିତ ଫଳ ଅମଳର ପରବର୍ତ୍ତୀ ପ୍ରକ୍ରିୟା କାର୍ଯ୍ୟକ୍ରମ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ତାଲିମ୍ ଓ ବୈଷୟିକ ଜ୍ଞାନକୌଶଳ ଦିଗରେ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରିବା ନିମନ୍ତେ ଏହି ବୁଝମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମନ୍ତ୍ରୀ ଶ୍ରୀ ନାଏକ ଏବଂ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଲୋହାନୀଙ୍କ ଉପସ୍ଥିତିରେ ଓରମାସ ତରଫରୁ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଓରମାସ୍ ଦ୍ୱାରା ପରିଚାଳିତ କୃଷକ ଉତ୍ପାଦକ ସଂଗଠନ, ଉତ୍ପାଦକ ଗୋଷ୍ଠୀ ଓ ଉତ୍ପାଦକ ଉଦ୍ୟୋଗ ଆଦି ଦ୍ୱାରା ବିଭିନ୍ନ ଜିଲ୍ଲାରେ ପ୍ରସ୍ତୁତ ହେଉଥିବା ସାମଗ୍ରୀଗୁଡ଼ିକର ଏକ କ୍ଷୁଦ୍ର ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାର ବିଭିନ୍ନ ପର୍ଯ୍ୟାୟରେ ଗ୍ରାମୀଣ ଉତ୍ପାଦର ରପ୍ତାନୀ ଏବଂ ଇ-କମର୍ସ କାରବାକୁ ନେଇ ବୈଷୟିକ ଆଲୋଚନାଚକ୍ର ଆୟୋଜନ ହୋଇଥିଲା। ଏଥିରେ ନାବାର୍ଡ, ଓ.ଏନ.ଡି.ସି, ଜେମ୍, ସ୍ପାଇସେସ୍ ବୋର୍ଡ, ଆପେଡ଼ା, ଇ.ପି.ସି.ଏଚ୍ ଏବଂ ଏଚ.ଏଚ.ଇ.ଡବ୍ଲ୍ୟୁ.ଏ ଆଦି ଦେଶର ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାର ବିଶେଷଜ୍ଞ, ବରିଷ୍ଠ ଅଧିକାରୀ, ପ୍ରତିନିଧି ଏବଂ ରିସୋର୍ସ ପର୍ସନମାନେ ଯୋଗଦେଇ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲ। କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନିର ସଦସ୍ୟ, ବୋର୍ଡ ଅଫ୍ ଡାଇରେକଟର୍ସ, କର୍ମକର୍ତ୍ତା, ଓରମାସ୍‌ର ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଜନେସ ମ୍ୟାନେଜର ପ୍ରମୁଖ ଯୋଗଦେଇଥିଲେ।




# ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ : ଉତ୍ୟକ୍ତ ଜନତାଙ୍କ ରାସ୍ତାରୋକ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ମଣ୍ଡୁଆ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନର ଅନତି ଦୂରରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅମାନିଆ ବାଇକ୍ ଚାଳକ ଖୁବ୍ ଦ୍ରୁତ ଗତିରେ ଯାଉଥିବା ବେଳେ ଜଣେ ସ୍ଥାନୀୟ ବୃଦ୍ଧାଙ୍କୁ ପଛରୁ ଧକ୍କା ଦେଇଥିଲା। ରାସ୍ତାରେ ପଡ଼ି ବୃଦ୍ଧା ଛଟପଟ ହେଉଥିବା ବେଳେ ବାଇକ ଚାଳକ ଫେରାର ହୋଇ ଯାଇଥିଲା। ତୁରନ୍ତ ବୃଦ୍ଧାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଓ ପରେ ସେଠାରୁ ସ୍ଥାନାନ୍ତର ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ବୃଦ୍ଧାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ମାଣ୍ଡୁଆ ଗ୍ରାମର ଶତାଧିକ ମହିଳା ଓ ଗ୍ରାମବାସୀ କେନ୍ଦୁଝର-ପାଣିକୋଇଲି ମୁଖ୍ୟରାସ୍ତାରେ ଦଉଡି ଟାଣି ରାସ୍ତାରୋକ କରିଥିଲେ। ଖବର ପାଇ ତୁରନ୍ତ କେନ୍ଦୁଝର ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ବିଭସ୍ପ ପ୍ରଧାନ ଟିମ୍ ସହ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ହମ୍ପ୍‌ସ ନିର୍ମାଣ ଦାବିରେ ଗ୍ରାମବାସୀ ଅଡ଼ି ବସିଥିବା ବେଳେ ତୁରନ୍ତ ନିର୍ମାଣ ବିଭାଗ ଯନ୍ତ୍ରୀଙ୍କ ଉପସ୍ଥିତିରେ ହମ୍ପସ ନିର୍ମାଣ କରାଯିବା ପରେ ରାସ୍ତାରୋକ ଉଠିଥିଲା। କିଛି ସମୟ ପରେ ରାସ୍ତାରୋକ ହଟିଥିଲେ ମଧ ବାରମ୍ବାର ଏହି ସ୍ଥାନରେ ଅନେକ ସମୟରେ ଭୟଙ୍କର ଦୁର୍ଘଟଣା ମାନ ଘଟୁଛି। ସେଥିପାଇଁ ପୋଲିସ ବିଭାଗ ତରଫରୁ ଏହି ଦ୍ରୁତ ଗତିରେ ଯାଉଥିବା ବାଇକ ଚାଳକଙ୍କୁ ଧରିବା ସହ ଦଣ୍ଡବିଧାନର ଆବଶ୍ୟକତା ରହିଛି। ଏହି ଛକରେ ସନ୍ଧ୍ୟା ସମୟରେ ଚେକିଙ୍ଗ କରାଗଲେ ଅନେକ ବେପରୁଆ ଚାଳକ ଧରାପଡି ପାରନ୍ତେ। ସୂଚନାଯୋଗ୍ୟ ଯେ ପ୍ରତିଦିନ ଅନେକ ବେପରୁଆ ବାଇକ ଚାଳକ ଏହି ରାସ୍ତାରେ ଖୁବ୍ ଦ୍ରୁତ ଗତିରେ ଯିବା ଆସିବା କରିଥାନ୍ତି। କେନ୍ଦୁଝର ସହରର ଏହି ସ୍ଥାନରେ କୌଣସି ସିସିଟିଭି ବ୍ୟବସ୍ଥା ନ ଥିବାର ସୁଯୋଗ ନେଇ ଅନେକ ଦୁର୍ଘଟଣା ଘଟାଇବା ପରେ ଏଠାରୁ ଖସି ଯିବାରେ ସକ୍ଷମ ହେଉଛନ୍ତି। ଏ ଦିଗରେ ବିଶେଷ ଧ୍ୟାନ ଦିଆ ନଗଲେ ଆଗାମୀ ଦିନରେ ଆହୁରି ଅନେକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି।



# ସୁପ୍ରିମକୋର୍ଟ କ୍ୟାଣ୍ଟିନରେ ନିରାମିଷ ଖାଦ୍ୟକୁ ନେଇ କ୍ଷୁବ୍ଧ ହେଲେ ଓକିଲ

**ନୂଆଦିଲ୍ଲୀ**

ଗୁରୁବାରଠାରୁ ନବରାତ୍ରୀ ପର୍ବ ପାଳନ ଆରମ୍ଭ ହୋଇଛି। ନଅଦିନ ଧରି ଚାଲିବାକୁ ଥିବା ଏହି ପର୍ବ ସମୟରେ ହିନ୍ଦୁ ସଂପ୍ରଦାୟର ଲୋକେ ସାଧାରଣତଃ ନିରାମିଷ ଭୋଜନ ପସନ୍ଦ କରିଥାନ୍ତି। ତେବେ ନବରାତ୍ରୀ ଚାଲିଥିବାବେଳେ ସୁପ୍ରିମକୋର୍ଟ କ୍ୟାଣ୍ଟିନରେ ନିରାମିଷ, ଏପରିକି ବିନା ପିଆଜ ରସୁଣରେ ପ୍ରସ୍ତୁତ ଖାଦ୍ୟ ପରିବେଷଣ କରାଯିବ ବୋଲି ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହାକୁ ନେଇ ଓକିଲ ସଂଘ କ୍ଷୋଭପ୍ରକାଶ କରିଥିବା ଜଣାପଡ଼ିଛି। ଏହି ନିର୍ଦ୍ଦେଶନାମାକୁ ତୁରନ୍ତ ପରିବର୍ତ୍ତନ କରିବାକୁ କେତେକ ଓକିଲ ଇତିମଧ୍ୟରେ ସୁପ୍ରିମକୋର୍ଟ ବାର୍ ଆସୋସିଏସନକୁ ଚିଠି ଲେଖିଛନ୍ତି। ଏଭଳି ନିୟମ ଭବିଷ୍ୟତରେ ଖରାପ ପରମ୍ପରା ସୃଷ୍ଟି କରିବ ବୋଲି ସେମାନେ କହିଛନ୍ତି। ପୂର୍ବଭଳି ସୁପ୍ରିମକୋର୍ଟ କ୍ୟାଣ୍ଟିନରେ ଆମିଷ, ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯିବା ଉଚିତ। ଯେଉଁମାନେ ନବରାତ୍ରୀ ପାଳନ କରୁଛନ୍ତି, ସେମାନଙ୍କ ପାଇଁ ସ୍ୱତନ୍ତ୍ର ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଗଲେ ଉଚିତ ହେବ ବୋଲି ସେମାନେ ପ୍ରସ୍ତାବ ଦେଇଛନ୍ତି।

# ରାଜନୀତି ପାଇଁ ଯଥେଷ୍ଟ ମୈଦାନ ଅଛି, ରାଜଭବନକୁ ତା ଭିତରକୁ ଟଣା ନଯାଉ : ମନମୋହନ

**କଟକ, ନ୍ୟୁଜ୍‌ବ୍ୟୁରୋ**

ରାଜନୀତି ପାଇଁ ଯଥେଷ୍ଟ ମୈଦାନ ଅଛି। ରାଜଭବନକୁ ତା' ଭିତରକୁ ଟଣା ନଯାଉ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜଭବନରେ ଝାଡ଼ଖଣ୍ଡ ରାଜନୀତି ପାଇଁ ପ୍ରସ୍ତୁତି ଚାଲିଛି, ଏହା ବିଜେପି ଅଫିସ ପାଲଟିଯାଇଛି ବୋଲି ନିକଟରେ ଅଭିଯୋଗ କରିଥିଲା ବିଜେଡି। ତେବେ ଗୁରୁବାର କଟକ ଗସ୍ତରେ ଥିବା ବେଳେ ଏହାର ଜବାବ ରଖିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ ଆହୁରି ମଧ କହିଛନ୍ତି ଯେ, ରାଜନୀତି ପାଇଁ ଖୋଲା ହୃଦୟ ଦରକାର। ସଂକୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଯାଇ ରାଜନୀତି ହେଉ ବୋଲି ସେ କହିଛନ୍ତି ।

## ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିମନ୍ତେ ସଂସ୍କୃତି ବିଭାଗର ପରାମର୍ଶ ବୈଠକ

# ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନଶୈଳୀ ସହ ସଂଶ୍ଳିଷ୍ଟ କଲେ ବିକଶିତ ଓଡ଼ିଶା ଓ ଭାରତର ଲକ୍ଷ୍ୟ ପୂରଣ ହେବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଂଟର ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୁକ୍ରବାର 'ବିକଶିତ ଓଡ଼ିଶା-୨୦୩୬ ଓ ବିକାଶିତ ଭାରତ-୨୦୪୭ : ସଂସ୍କୃତି ଓ ଐତିହ୍ୟ'ର ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତି ନିମନ୍ତେ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ବୈଠକରେ ଅଧକ୍ଷତା କରିଥିଲେ। ବୈଠକର ପ୍ରାରମ୍ଭରେ ଶ୍ରୀ ସେଠୀ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସ୍ୱାଗତ ଜଣାଇବା ସହ ଓଡ଼ିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି ଏବଂ ଐତିହ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।

ସେ କହିଥିଲେ ଯେ, ଓଡ଼ିଶାର ଜଗନ୍ନାଥ ସଂସ୍କୃତି, କଳା ଓ ଭାସ୍କର୍ଯ୍ୟ ପାଇଁ ଆମେ ଓଡ଼ିଶାବାସୀ ଆଜି ବିଶ୍ୱଦରବାରରେ ପରିଚିତ। ଓଡ଼ିଶାର ଆଞ୍ଚଳିକ ଭାଷା, ପାରମ୍ପରିକ ଜୀବନଶୈଳୀ, ଲୋକକଳା,ସଙ୍ଗୀତ, ନୃତ୍ୟ, ନାଟକ, ଜନଜାତି ସମ୍ପ୍ରଦାୟର ସଂସ୍କୃତିକୁ ସଂରକ୍ଷଣ କରିବା ସହ ଏହାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଆମେ ପ୍ରତିଶ୍ରୁତିବଦ୍ଧ। ତେଣୁ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ର ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତି ପାଇଁ ଆମ ସଂସ୍କୃତି ଏବଂ ଐତିହ୍ୟକୁ ପ୍ରଧାନ୍ୟ ଦେବା ସହ ବିକଶିତ ଓଡ଼ିଶା ଓ ଭାରତ ନିର୍ମାଣରେ ଏହା ଯେପରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ସେଥିପାଇଁ ଆମେ ସମସ୍ତେ ନିରନ୍ତର ପ୍ରସାୟରତ ରହିବା ଆବଶ୍ୟକ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୁବନେଶ୍ୱର ବିମାନ...

ଏହାକୁ ୮୦ ଲକ୍ଷ କରାଯିବ ବୋଲି ସେ କହିଛନ୍ତି । ଭୁବନେଶ୍ୱର ବିମାନ ବନ୍ଦର ରିଭ୍ୟୁ କରିବା ପରେ ସେ କହିଛନ୍ତି- ପୁରୁଣା ଟର୍ମିନାଲ ପାଖରେ ନୂଆ ଟର୍ମିନାଲ ନିର୍ମାଣ ହେବ। ଦୁଇ ବର୍ଷ ମଧ୍ୟରେ ନୂଆ ଟର୍ମିନାଲ ନିର୍ମାଣ ହେବାକୁ ଯୋଜନା କରାଯାଇଛି । ରନୱେ କ୍ୟାଟ ଟୁ ଲାଇଟ ଏକ ମାସ ଭିତରେ ଶେଷ କରାଯିବ। ଅନ୍ୟ ଯେଉଁ ଛୋଟ ଛୋଟ କାର୍ଯ୍ୟ ଚାଲିଛି ତାହା ମଧ୍ୟ ଶେଷ ହେବ। ଆଗାମୀ ୧୦ ରୁ ୨୦ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ହେବ। ନୂଆ ଟର୍ମିନାଲ ବନାଇବା ସହ ଡୋମେଷ୍ଟିକ, ଇଣ୍ଟରନ୍ୟାସନାଲ ପାସେଞ୍ଜରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ ।

## ନିଯୁକ୍ତି ପାଇବେ...

ଜିଲ୍ଲାରେ ୧୨୬୪ଜଣ, ଜଗତସିଂହପୁର ଜିଲ୍ଲାରେ ୮୮ଜଣ, ଯାଜପୁର ଜିଲ୍ଲାରେ ୮୭୨ଜଣ, ଝାରସୁଗୁଡ଼ା ଜିଲ୍ଲାରେ ୩୮ଜଣ, କଳାହାଣ୍ଡି ଜିଲ୍ଲାରେ ୮୧୧ ଜଣ, କନ୍ଧମାଳ ଜିଲ୍ଲାରେ ୧୫୧ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରେ ୧୦୩୮ଜଣ, କେନ୍ଦୁଝର ଜିଲ୍ଲାରେ ୧୩୨୯ ଜଣ, ଖୋର୍ଦ୍ଧା ଜିଲ୍ଲାରେ ୭୫୩ ଜଣ, କୋରାପୁଟ ଜିଲ୍ଲାରେ ୯୨୨ଜଣ, ମାଲକାନଗିରି ଜିଲ୍ଲାରେ ୫୫୫ଜଣ, ମୟୂରଭଞ୍ଜ ଜିଲ୍ଲାରେ ୮୨୭ ଜଣ, ନବରଙ୍ଗପୁର ଜିଲ୍ଲାରେ ୮୬୦ ଜଣ, ନୟାଗଡ଼ ଜିଲ୍ଲାରେ ୮୩ ଜଣ, ନୂଆପଡ଼ା ଜିଲ୍ଲାରେ ୨୨୧ ଜଣ, ପୁରୀ ଜିଲ୍ଲାରେ ୭୩୩ଜଣ, ରାୟଗଡ଼ା ଜିଲ୍ଲାରେ ୫୧୧ ଜଣ, ସମ୍ବଲପୁର ଜିଲ୍ଲାରେ ୨୧୮ ଜଣ, ସୁବର୍ଣ୍ଣପୁର ଜିଲ୍ଲାରେ ୧୫୭ ଜଣ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୧୬୦ ଜଣ ନିଯୁକ୍ତି ପାଇବାକୁ ଯାଉଛନ୍ତି ।

## ସିପାହୀ-କନଷ୍ଟେବଲ...

ତରଫରୁ ଏହି ଆବେଦନ ଦାୟର ହୋଇଛି । କରୋନା ମହାମାରୀ ସ୍ଥିତି ପରେ ସରକାରୀ ଚାକିରିରେ ସର୍ବାଧିକ ବୟସ ସୀମା ସଂପର୍କିତ ୧୯୮୯ର ନିୟମରେ ସରକାର ସଂଶୋଧନ କରିଥିଲେ। ମହାମାରୀ ସଂକ୍ରମଣ ବେଳେ ପ୍ରାୟ ତିନି ବର୍ଷ ଧରି କୌଣସି ନିୟମିତ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇ ନଥିଲା। ଏହାପରେ ସର୍ବାଧିକ ବୟସସୀମା କୋହଳ ପାଇଁ ନୂଆ ନିୟମ କରାଯାଇଥିଲା କିନ୍ତୁ ସିପାହୀ/କନଷ୍ଟେବଲ ପଦ ପାଇଁ ସରକାର ବୟସ ସୀମା କୋହଳ ନ କରିବା ଦ୍ୱାରା ବହୁ ଯୋଗ୍ୟ ଓ ଆଶାୟୀ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବଞ୍ଚିତ ହେବେ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି। ନିଯୁକ୍ତି ବିଜ୍ଞପ୍ତିରେ ସଂଶୋଧନ କରି ସର୍ବାଧିକ ବୟସ ସୀମା ବୃଦ୍ଧି କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଛନ୍ତି।

## ଦୁଇ ଦିନିଆ...

ରାଷ୍ଟ୍ରମାନେ ବୈଠକର ଅଧ୍ୟକ୍ଷତା କରନ୍ତି। ଚଳିତ ବର୍ଷ ପାକିସ୍ତାନ ଅଧ୍ୟକ୍ଷତା କରୁଛି। ତେଣୁ ଅକ୍ଟୋବରରେ ଇସଲାମବାଦରେ ଏସସିଓ ପରିଷଦର ସରକାରୀ ବୈଠକ ଆୟୋଜିତ ହେବ। ଏହି ବୈଠକରେ ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅର୍ଥନୈତିକ, ସାମାଜିକ-ସାଂସ୍କୃତିକ ତଥା ମାନବିକ ସହଯୋଗ ଉପରେ ଆଲୋଚନା ହେବ। ୨୦୦୧ରେ ଋଷ, ଚୀନ୍, କିରଗିଜ ରିପବ୍ଲିକ୍, କାଜାଖସ୍ତାନ, ତାଜିକିସ୍ତାନ ଏବଂ ଉଜବେକିସ୍ତାନର ରାଷ୍ଟ୍ରପତିଙ୍କ ଦ୍ୱାରା ସାଂଘାଇରେ ଏକ ଶିଖର ସମ୍ମିଳନୀରେ ଏସ୍‌ସିଓ ପ୍ରତିଷ୍ଠା କରାଯାଇଥିଲା। ୨୦୧୭ରେ ଭାରତ ଏବଂ ପାକିସ୍ତାନ ଏହାର ସ୍ଥାୟୀ ସଦସ୍ୟ ହୋଇଥିଲେ। ଗତ ବର୍ଷ ଜୁଲାଇରେ ଇରାନ ଏହାର ସ୍ଥାୟୀ ସଦସ୍ୟ ହୋଇଛି। ଏହି ସମୟରେ ଭାରତ ଅଧକ୍ଷତା କରିଥିଲା। କିନ୍ତୁ ଏହା ଭର୍ଚ୍ୟୁଆଲ ମୋଡରେ ଆୟୋଜିତ ହୋଇଥିଲା। ଭାରତ ଆୟୋଜିତ କରିଥିବା ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭିଡିଓ କନଫରେନ୍ସିଂ ଯୋଗେ ଯୋଗଦେଇଥିଲେ।


## ପୂର୍ବତଟ ରେଳପଥ

File No.: DRM/ENGG/KUR/24-25/
E-TENDER/61, ତା.27.09.2024 ରିଖ

Tender No.: e-Tender SouthKUR-TSR-2024, ତା.19.09.2024 ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭିନ୍ନ ଭିନ୍ନ ପ୍ୟାଚଗୁଡିକରେ 55.00 କି.ମି.ର ଦୈର୍ଘ୍ୟ ନିମନ୍ତେ ଥ୍ରୁ ସ୍ଲିପର ରିନ୍ୟୁଆଲର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.1275.13 ଲକ୍ଷ

EMD : ଟ.7,87,600/-, କାର୍ଯ୍ୟ ସମାପ୍ତିର ଅବଧି : 15 (ପନ୍ଦର) ମାସ

Tender No.: e-tendernorthkur-191-2024, ତା.19.09.2024 ରିଖ

ବିବରଣୀ: ଖୋର୍ଦ୍ଧା ମଣ୍ଡଳର ADEN/JJKR ସେକସନ୍ ଅନ୍ତର୍ଗତ ଭିନ୍ନ ଭିନ୍ନ ଗାର୍ଡର ବ୍ରିଜ୍‌ଗୁଡିକରେ ବିଦ୍ୟମାନ ଏଚ୍ ବିମ୍ ସ୍ଲିପରଗୁଡିକର ଥ୍ରୁ ଫିଟିଙ୍ଗ୍‌ସ୍ ରିନ୍ୟୁଆଲ୍ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.129.37 ଲକ୍ଷ

EMD : ଟ.2,14,700/-, କାର୍ଯ୍ୟ ସମାପ୍ତିର ଅବଧି : 8 (ଆଠ) ମାସ

Tender No.: e-tendernorthkur-208-2024, ତା.23.09.2024 ରିଖ

ବିବରଣୀ: ଖୋର୍ଦ୍ଧା ମଣ୍ଡଳରେ ଉତ୍ତର ସେକସନ୍ ଅନ୍ତର୍ଗତ ୭ ଗୋଟି ବିଭିନ୍ନ ଷ୍ଟେସନ୍‌ରେ PFର ସମ୍ପ୍ରସାରଣ ଏବଂ ବିଭିନ୍ନ ଷ୍ଟେସନ୍‌ରେ ୱାଟର ବୁଥ୍ ଓ ପ୍ରିକାଷ୍ଟ RCC ବେଞ୍ଚ ଗୁଡିକର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.1592.32 ଲକ୍ଷ

EMD : ଟ.9,46,200/-, କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.14.10.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଂ),
ଖୋର୍ଦ୍ଧା ରୋଡ଼

PR-582/P/24-25



**OFFICE OF THE NOTIFIED AREA COUNCIL, BALUGAON** C-719

**E-PROCUREMENT NOTICE**

**Bid Reference No: Balugaon.01/2024-25**

**Tender Call Notice No. 1676 /Dt. 03.10.2024**

The Executive Officer on behalf of Balugaon NAC invites percentage Bid through e-procurement in double cover system according to norm of e-procurement.

1. Type of Works : Civil construction works as in the D.T.C.N
2. Total No. of works : 01 Nos.
3. Tender Amount Cost : Rs. 51,67,592.00
4. Period of Completion : 06 Months
5. Date and time of availability of Bid Documents in the Portal : From 10.00 A.M. of Dt. 07.10.2024 to 5.00 P.M. of Dt. 22.10.2024.
6. Date & Time of Opening of Tender : Dt.23.10.2024 at 11.00 A.M.

Further amendments, corrigendum or other communication regarding this letter will be available only on https://www.tendersodisha.gov.in and will not be published in print media.

Sd/- Executive Officer
Balugaon NAC

OIPR-13148/11/0003/2425



**GOVERNMENT OF ODISHA** O-324

**OFFICE OF THE SUPERINTENDING ENGINEER**

**R.W. (P.H) DIVISION, BHUBANESWAR**

**BEHIND ESPLANADE MALL PO: RASULGARH. BHUBANESWAR, 751010**

TEL-(0674)2301801, E-MAIL: EERWPHDIVN_BBSR@REDIFFMAIL.COM

**e-Procurement Notice for S/I, S/D & W/S to Building works**

**e Procurement Notice No. 10 / 2024-25**

The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in **single cover** system through e-procurement for different work as per Annexure. The bid should be submitted on-line in the website www.tenderorissa.gov.in by eligible class of contractors of Government of Odisha or of equivalent class of other State Government / Railways / CPWD / MES. The bidders should have the necessary Portal Enrolment (With his own Digital Signature certificate)

| | |
|---|---|
| Name of the work | S/I, S/D & W/S to Building Works. ( As per Annexure-1) |
| Estimated cost | From Rs 3.13 lakhs to Rs.5.58 Lakhs (approximately) |
| No. of Works | 23 Nos. (Twentythree) |
| Tender Paper Cost | Rs. 2000.00 to Rs 4000.00 (Non-refundable) |
| Class of Contractors | 'D' & C |
| Date & Time of Availability of Bid document in portal | Dt. 07.10.2024 from 11.00 A.M. |
| Date of seeking clarification | During office hours from dt. 07.10.2024 to 15.10.2024. |
| Last date & time of receipt of Bids through online | Dt. 17.10.2024 upto 05.00 P.M. |
| Opening of Bid document | Dt.18.10.2024 at 11.00 A.M. |
| Digital signature certificate | The bidder must possess a compatible digital signature certificate |

Further details can be seen in the bidding documents which is available in the e-procurement portal, subsequent corrigendum if required shall be appeared in the web site. Authority reserves the right to reject any or all tenders without assigning any reason thereof.

(Er. Biraja Prasad Pradhan)
Superintending Engineer
R.W (P.H) Division, Bhubaneswar

OIPR-25183/11/0010/2425



**GOVERNMENT OF ODISHA** A-365

**OFFICE OF SUPERINTENDING ENGINEER**

**MINOR IRRIGATION DIVISION, MALKANGIRI**

E-mail ID: - midivmalkangiri@gmail.com

**NOTICE INVITING TENDER**

E-Procurement Notice

Bid Identification No. **SEMIDMKG - 02/2024-25**

**Letter No. 1271 Dt. 30.09.2024**

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement to Check Dams & MIPs in different Blocks of Malkangiri District.
2. Total Number of work : 20 (Twenty) Nos.
3. Estimated cost : Approximately varies From Rs. 5.08 lakh to Rs. 8.47 lakh.
4. Period of completion : Varies from 02(Two) to 03(Three)Calendar Months
5. Class of Contractor : "D" &"C" Class Contractor
6. Date and time of availability of bid documents in the portal : From 10.00 A.M of 07.10.24 to 5.00 PM of 22.10.2024
7. Last date /time for receipt of bids in the portal : 5.00 pm on 22.10.2024
8. Date of opening of bid : At 11.00 am on 23.10.2024 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division,Malkangiri
11. Further details can be seen from the Government of Odisha Web-site:www.tendersorissa.gov.in

Sd/- Superintending Engineer,
M.I. Division,Malkangiri

OIPR-32364/11/0001/2425

RNI Regd. No. : 52640/94
Postal Regd. No. :
BN/60/22-24

# ହବିଷ୍ୟାଳୀ ବ୍ରତ ପାଇଁ ଅକ୍ଟୋବର ୬ରୁ ଅନ୍‌ଲାଇନ୍ ପଞ୍ଜୀକରଣ

**ପୁରୀ, ୪।୧୦:ନ୍ୟୁଜ୍‌ବ୍ୟୁରୋ**



ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ ଅନଲାଇନ ପଞ୍ଜିକରଣ। edistrict.odisha.giv.in ମାଧ୍ୟମରେ ପଞ୍ଜିକରଣ କରିହେବ। ଏହା ଅକ୍ଟୋବର ୧୧ ତାରିଖ ଅଥବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଚଳିତ ବର୍ଷର ହବିଷ୍ୟାଳୀ ବ୍ରତ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଅକ୍ଟୋବର ୧୮ରୁ ହବିଷ୍ୟାଳୀ ବ୍ରତ ଆରମ୍ଭ ହେଉଥିବାରୁ ସମସ୍ତ ପ୍ରସ୍ତୁତିକୁ ଚୂଡ଼ାନ୍ତ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ରାଜ୍ୟ ସରକାର ଚଳିତ ବର୍ଷର ହବିଷ୍ୟାଳୀ ବ୍ରତ ପାଇଁ ଅନୁମତି ଦେବା ସହ ଆନୁସଙ୍ଗିକ ଅର୍ଥ ମଧ୍ୟ ମଞ୍ଜୁର କରିଛନ୍ତି। ଚଳିତ ବର୍ଷ ବୃନ୍ଦାବତୀ ନିବାସ, ବାଗେଲା, ଅକ୍ଷୟ ପାତ୍ର ଓ ମୋଚି ସାହି କଲ୍ୟାଣ ମଣ୍ଡପରେ ହବିଷ୍ୟାଳୀ ମା'ମାନଙ୍କୁ ରଖାଯିବ। ସେମାନଙ୍କ ରହଣି ସହ ଭୋର ସମୟରୁ ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ବିଧବା ବ୍ରତ ଧାରିଣୀଙ୍କୁ ଓ ନୂତନ ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ। ଅନ୍‌ଲାଇନ୍‌ରେ ପଞ୍ଜିକରଣ କରି ହିତାଧିକାରୀ ଭାବେ ଚୟନ ହୋଇଥିବା ମା'ମାନଙ୍କୁ ସେମାନଙ୍କ ରହଣି ସ୍ଥାନ ଓ କେତେ ତାରିଖରେ ପହଞ୍ଚିବେ ସେମାନଙ୍କୁ ସୂଚନା ଦିଆଯିବ। ବିନା ପଞ୍ଜିକରଣରେ ଅପ୍ରତ୍ୟାଶିତ ଭାବେ ହବିଷ୍ୟାଳୀ ଶିବିରକୁ ଆସୁଥିବା ବ୍ୟକ୍ତିଙ୍କ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ। ଶିବିରରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅସୁସ୍ଥ ଥିଲେ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ରାକେଶ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


## ମା'ଙ୍କ ଭସାଣି ପାଇଁ ରାସ୍ତା ଯାଞ୍ଚ କଲେ ଡିସିପି

**କଟକ, ୪।୧୦:ନ୍ୟୁଜ୍‌ବ୍ୟୁରୋ**

କଟକ ଦଶହରା ଭସାଣି ନେଇ ଡିସିପି ଜଗମୋହନ ମୀନା ପୂର୍ବାଞ୍ଚଳରେ ଥିବା ମୁଖ୍ୟ ରାସ୍ତାକୁ ବୁଲି ଦେଖିଛନ୍ତି। ରାତି ପ୍ରାୟ ୧୦ଟା ବେଳେ ଡିସିପି ସମସ୍ତ ଜୋନ୍ ଏସିପି ଓ ପୂର୍ବାଞ୍ଚଳରେ ଥିବା ଥାନା ଅଧିକାରୀଙ୍କୁ ଡାକିଥିଲେ। ଏହା ପରେ ମଙ୍ଗଳାବାଗରୁ ଓଏମ୍‌ପି ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାକୁ ଦେଖିଥିଲେ। ଭସାଣ ଯାତ୍ରା ସମୟରେ ଯେପରି କୌଣସି ପ୍ରକାର ସମସ୍ୟା ଦେଖା ନଯାଏ ତାହା ସୁନିଶ୍ଚିତ କରିବାକୁ ଡିସିପି ପୁଲିସ ଅଧିକାରୀଙ୍କୁ କହିଛନ୍ତି। ଶୁକ୍ରବାର ଡିସିପି ସହର ଭିତର ରାସ୍ତା ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି।

## ଜେ.କେ. ପଣ୍ଡା ଗଜପତି ଏସ୍‌ପି ହେଲେ

**ପାରଳାଖେମୁଣ୍ଡି, ୪।୧୦:ନ୍ୟୁଜ୍‌ବ୍ୟୁରୋ**



ବରିଷ୍ଠ ପୋଲିସ ଅଫିସର ଯତୀନ ପଣ୍ଡା ଗଜପତି ଜିଲ୍ଲା ଏସ୍‌ପି ଭାବରେ ଗତ ୩ ତାରିଖ ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ ପୁରୀ ଶ୍ରୀମନ୍ଦିରର ମୁଖ୍ୟ ନିରାପତ୍ତା ଅଧିକାରୀ ଭାବରେ ଦାୟିତ୍ୱ ତୁଲାଇଥିଲେ।

ଶ୍ରୀ ପଣ୍ଡା ଜଣେ ଦକ୍ଷ ଓ ସଚ୍ଚୋଟ ପୋଲିସ ଅଫିସର ଭାବରେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଏସ୍‌ପି ସମେତ ରାଜ୍ୟର ବହୁ ଜିଲ୍ଲାରେ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ଏଥିସହିତ ଭୁବନେଶ୍ୱର ଠାରେ ସେ ଷ୍ଟେଟ୍ ଇଣ୍ଟେଲିଜେନ୍ସ ବିଭାଗରେ ସିକ୍ୟୁରିଟି ମୁଖ୍ୟ ଭାବରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀ ପଣ୍ଡା ଦାୟିତ୍ୱ ନେବା ପରେ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସହରାଞ୍ଚଳରେ ରାସ୍ତାଘାଟ ଓ ଜଳଯୋଗାଣ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

# ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୪।୧୦:ନ୍ୟୁଜ୍‌ବ୍ୟୁରୋ**



ଶୁକ୍ରବାର ଲୋକସେବା ଭବନସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ ସିଂ, ଗୃହନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ବିଭିନ୍ନ ଜିଲ୍ଲା ତଥା ବିଭାଗୀୟ ପଦାଧିକାରୀବୃନ୍ଦ ଯୋଗଦେଇଥିଲେ।

ବୈଠକରେ ବିଭିନ୍ନ ଜିଲ୍ଲା ତଥା ମ୍ୟୁନିସିପାଲିଟିରୁ ଆସିଥିବା ବ୍ୟକ୍ତିବିଶେଷ ନିଜ ନିଜ ଅଞ୍ଚଳର ସମସ୍ୟା ଯଥା- ରାସ୍ତାଘାଟ, ଜଳଯୋଗାଣ ସମସ୍ୟା ବିଷୟରେ ମନ୍ତ୍ରୀମାନଙ୍କୁ ଜଣାଇଥିଲେ। ଏହିସବୁ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ବୈଠକରେ ନିଷ୍କର୍ଷ ବାହାର କରାଯାଇଥିଲା। ସଂପୃକ୍ତ ବିଭାଗୀୟ ଅଧିକାରୀ ଏ ବାବଦରେ କାର୍ଯ୍ୟର ଅଗ୍ରଗତି ନେଇ ତଥ୍ୟ ପ୍ରଦାନ କରିଥିଲେ। ଏହି ତଥ୍ୟକୁ ଆଧାର କରି ସଂପୃକ୍ତ ବିଭାଗକୁ କାର୍ଯ୍ୟ ଶେଷ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଠିକ୍ ସମୟରେ କାର୍ଯ୍ୟ ସମାପ୍ତି ନ ଘଟିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଝାରସୁଗୁଡ଼ା ଓ ବ୍ରଜରାଜନଗର ସହରାଞ୍ଚଳର ସାମୂହିକ ବିକାଶ ସଂପର୍କରେ ଆଲୋଚନା କରାଯାଇ ଉଭୟ ସହରାଞ୍ଚଳରେ ଜିଲ୍ଲା ଖଣିଜ ପାଣ୍ଠିରୁ ଚାଲୁରହିଥିବା ପାନୀୟ ଜଳଯୋଗାଣ ପ୍ରକଳ୍ପ ବ୍ୟତୀତ ୨୪ ଘଣ୍ଟିଆ ଜଳଯୋଗାଣ ସୁନିଶ୍ଚିତ କରିବା ପାଇଁ ଡିଏମ୍‌ଏଫ୍ (ଜିଲ୍ଲା ଖଣିଜ ପାଣ୍ଠି) ବ୍ୟତୀତ ସରକାରଙ୍କଠାରୁ ଆବଶ୍ୟକ ଅର୍ଥ ମଞ୍ଜୁର କରିବା ନେଇ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟ ଆଗାମୀ ନଭେମ୍ବର ୩୦ ତାରିଖ ସୁଦ୍ଧା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଉଭୟ ସହରରେ ବସ୍ତିବାସିନ୍ଦା ମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଜାଗା ଯୋଗାଇଦେବା ପାଇଁ ରହିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ପ୍ରକଳ୍ପିତ ନୂତନ ବସ୍‌ଷ୍ଟାଣ୍ଡର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ଓବିସିସିଏଲ୍ ହାତକୁ ନେଇଥିବାବେଳେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ବସ୍ ରହଣି ସୁବ୍ୟବସ୍ଥିତ କରିବା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା। ବିଭାଗ ପକ୍ଷରୁ ଏ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବୈଠକରେ କୁହାଯାଇଛି।

### କିସ୍‌ରେ ଐତିହାସିକ ଭଲିବଲ ମହୋତ୍ସବ ଉଦ୍‌ଘାଟିତ

# ଭଲିବଲ୍‌ର ବିକାଶ ପାଇଁ କିସ୍ ଏଫ୍‌ଆଇଭିବି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର,୪।୧୦:ନ୍ୟୁଜ୍‌ବ୍ୟୁରୋ**



ସର୍ବାଧିକ ୫ହଜାର ଖେଳାଳିଙ୍କୁ ନେଇ ବିଶ୍ୱର ସର୍ବ ବୃହତ ଭଲିବଲ ପ୍ରତିଯୋଗିତା କିସ୍ ଭଲିବଲ ମହୋତ୍ସବ ଶୁକ୍ରବାର କିସରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍, କିସ୍ ଓ ଆନ୍ତର୍ଜାତିକ ଭଲିବଲ ସଂଘ ମିଳିତ ଆନୁକୂଲ୍ୟରେ ଏହି ଐତିହାସିକ ଭଲିବଲ ମହୋତ୍ସବ ଆୟୋଜନ କରାଯାଇଛି। ଆନ୍ତର୍ଜାତିକ ଭଲିବଲ ସଂଘ ଏଫ୍‌ଆଇଭିବିର ସଭାପତି ଡ. ଆରି ଗ୍ରାସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ ଜେନେରାଲ ଜେନିଫର ଲାର୍ସନ, ଏଫ୍‌ଆଇଭିବି ଜେନେରାଲ ଡାଇରେକ୍ଟର ଫାବିଓ ଆଜେଭେଡୋ, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଯୋଗଦେଇ ଏଥିରେ ଅଂଶଗ୍ରହଣ କରିଥିବା ଦେଶର ବିଭିନ୍ନ ରାଜ୍ୟର ୫ହଜାରରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଖେଳାଳିଙ୍କୁ ଉଦ୍‌ବୋଧନ ଦେଇ ଡ. ଗ୍ରାସା କହିଲେ, ଭଲିବଲ ଜରିଆରେ ଏଫ୍‌ଆଇଭିବି ସମାଜର ସେବା କରିବା ପାଇଁ ଲକ୍ଷ୍ୟ ରଖିଛି କିସ। ଭଲିବଲ ମହୋତ୍ସବ ଜରିଆରେ ଏଫ୍‌ଆଇଭିବିର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। କିସ୍ ପରିଦର୍ଶନ କରି ଏବଂ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହ କିସ୍ ଭଳି ଅନୁଷ୍ଠାନ ବିରଳ ବୋଲି ସେ କହିଥିଲେ। ଏହା ସହ ଅହିଂସା ଜରିଆରେ ଭଲିବଲ ହିଁ ବିଶ୍ୱରେ ଶାନ୍ତି ଆଣିପାରିବ ବୋଲି ଡ. ଗ୍ରାସା କହିଥିଲେ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସୂଚନା ଦେଇ କହିଥିଲେ ଏହି ମହୋତ୍ସବରେ ୫ହଜାର ଖେଳାଳି ଯୋଗ ଦେଇଥିବା ବେଳେ ୪୦ହଜାର ଦର୍ଶକ ଏହାକୁ ଉପଭୋଗ କରୁଛନ୍ତି। ଡ. ଗ୍ରାସା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ଡ. ସାମନ୍ତ ତାଙ୍କୁ ଧନ୍ୟବାଦ ଦେବା ସହ ଭାରତକୁ ପ୍ରଥମ ଥର ପାଇଁ ଆସିଛନ୍ତି। କେବଳ କିଟ୍ ଓ କିସ୍ ଭଲିବଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଗିନିଜ୍ ବୁକ୍ ଅଫ ୱାର୍ଲଡ ରେକର୍ଡସ ନିମନ୍ତେ ସର୍ବାଧିକ ଖେଳାଳିଙ୍କୁ ନେଇ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଓଡ଼ିଶା ତଥା ଭାରତରେ ଭଲିବଲ୍‌ର ବିକାଶ ପାଇଁ କିସ୍ ଏଫ୍‌ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇ ଯାଇଛି। ଏହା ଦ୍ୱାରା କିସ୍‌ରେ ଥିବା ଭଲିବଲ ଭିତ୍ତିଭୂମିକୁ ଉପଯୋଗ କରି ବହୁ ସଂଖ୍ୟକ ଭଲିବଲ ଖେଳାଳି ସୃଷ୍ଟି ହୋଇପାରିବେ। ଏହା ସହିତ ଭଲିବଲ ଖେଳାଳିଙ୍କ ପ୍ରୋତ୍ସାହନ ନିମନ୍ତେ କିଟ୍ ଓ କିସ୍ ପକ୍ଷରୁ ସାମନ୍ତ-ଗ୍ରାସା ମେଧାବୃତ୍ତି ଘୋଷଣା କରାଯାଇଥିଲା। ଏହା ଦ୍ୱାରା ଭଲ ପ୍ରଦର୍ଶନ କରୁଥିବା ବିଶ୍ୱର ୨/୩ଜଣ ଭଲିବଲ ଖେଳାଳିଙ୍କୁ କିଟ୍ ଓ କିସ୍ ପକ୍ଷରୁ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷା ପାଇଁ ପୃଷ୍ଠପୋଷକତା ଯୋଗାଇ ଦିଆଯିବ ବୋଲି ଡ. ସାମନ୍ତ ଘୋଷଣା କରିଥିଲେ।

## ନନ୍ଦନକାନନକୁ ଆସିଲେ ଦୁଇ କଲିକତି ଜିରାଫ



**ବାରଙ୍ଗ, ୪।୧୦:ନ୍ୟୁଜ୍‌ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୧୦୦ ନମ୍ବର ଖୁଆଡ଼ରେ ପର୍ଯ୍ୟଟକ ଗୁରୁବାର ୩ଟି ଜିରାଫ ଦେଖିଛନ୍ତି। ଗତ ଅଗଷ୍ଟ ମାସରେ ଅଦଳ ବଦଳ ପ୍ରକ୍ରିୟାରେ ଆଲିପୁର ଚିଡ଼ିଆଖାନାରୁ ୨ଟି ଛୁଆ ଜିରାଫ ଅଣାଯାଇଥିଲା। ଦୁହିଁଙ୍କୁ ୧୦୦ ନମ୍ବର ଖୁଆଡ଼ ପଛ କଡ଼ କ୍ୱାରେଣ୍ଟାଇନରେ ରଖାଯାଇଥିଲା। ଏହି ଖୁଆଡ଼ ସମ୍ମୁଖରେ ପୂର୍ବରୁ ଜିରାଫ 'ଖୁସି' ରହୁଥିଲା। ଏବେ ନୂଆ ଆସିଥିବା ଦୁଇ ଜିରାଫଙ୍କୁ ଖୁସି ସହ ମିଶାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପର୍ଯ୍ୟଟକ ପୂର୍ବରୁ ଗୋଟିଏ ଜିରାଫ 'ଖୁସି'କୁ ଦେଖୁଥିଲେ। ଶୁକ୍ରବାରଠୁ ଆଉ ଦୁଇ ଛୋଟ ଜିରାଫ ଦେଖି ଖୁସି ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଗଲା ସେପ୍ଟେମ୍ବର ୨ ତାରିଖରେ ଅଦଳ ବଦଳ ପ୍ରକ୍ରିୟାରେ କୋଲକାତାର ଆଲିପୁର ଚିଡ଼ିଆଖାନାରୁ ଦୁଇଟି (୧ ବର୍ଷ ୫ ମାସର ଅଣ୍ଡିରା ଓ ୧୧ ମାସର ମାଈ) ଜିରାଫ ଅଣାଯାଇଥିଲା। ଆସିବା ପରେ ସେମାନଙ୍କୁ ଜିରାଫ ଖୁଆଡ଼ ପଛ ପାର୍ଶ୍ୱରେ କ୍ୱାରେଣ୍ଟାଇନରେ ରଖାଯାଇଥିଲା।

## ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ : ୩ ଦୋକାନ ସିଲ୍

**କଟକ, ୪।୧୦:ନ୍ୟୁଜ୍‌ବ୍ୟୁରୋ**



ଭେଣ୍ଡିଂ ଦୋକାନରେ ସିଏମ୍‌ସିର ଚଢ଼ଉ। କଟକ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲ ନିକଟ ସିଏମ୍‌ସି ଭେଣ୍ଡିଂ ଦୋକାନରେ ଏହି ଚଢ଼ଉ କରାଯାଇଛି। ରାସ୍ତାକଡ଼ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତି ଅଭିଯୋଗରେ ସିଏମ୍‌ସି ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ କରିଛନ୍ତି। ରାସ୍ତା କଡ଼ରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିଲା। ସିଏମସି ଖାଦ୍ୟ ସୁରକ୍ଷା ଅଧିକାରୀ, ଫୁଡ୍ ଇନ୍ସପେକ୍ଟର ଚଢ଼ଉ କରି ୩ଟି ଦୋକାନକୁ ସିଲ୍ କରିଛନ୍ତି।

ଦୋକାନୀଙ୍କ ନିକଟରେ ଆବଶ୍ୟକୀୟ ଫୁଡ୍ ଲାଇସେନ୍ସ ନଥିବାରୁ ଜରିମାନା ମଧ୍ୟ ଆଦାୟ କରାଯାଇଛି। ସିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି, କ୍ୟାନ୍ସର ହସ୍ପିଟାଲ ମୁଖ୍ୟ ଫାଟକ ନିକଟରେ ଥିବା ସିଏମ୍‌ସିର ଭେଣ୍ଡିଙ୍ଗ ଜୋନ୍‌କୁ ଖାଇବା ବ୍ୟବସାୟୀ ସଠିକ୍ ଭାବେ ବ୍ୟବହାର କରୁନାହାଁନ୍ତି। ଏନେଇ ପୂର୍ବରୁ ମଧ୍ୟ ବ୍ୟବସାୟୀମାନଙ୍କୁ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ କୁହାଯାଇଥିଲା। ମାତ୍ର ସେମାନେ ଏହାର ପାଳନ କରି ନଥିବାରୁ ସିଏମ୍‌ସିର ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ କରିଛନ୍ତି। ଅସ୍ୱାସ୍ଥ୍ୟକର ବାତାବରଣ ମଧ୍ୟରେ ରୋଷେଇ, ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ସେହି ଖାଦ୍ୟ ବିକ୍ରି କରିବା ନିୟମ ବିରୁଦ୍ଧ। କେବଳ ପାର୍ସଲ ଖାଦ୍ୟ ହିଁ ବିକ୍ରି ହୋଇପାରିବ। ତେଣୁ ଏହି ଅଞ୍ଚଳରେ ଥିବା ସମସ୍ତ ଭେଣ୍ଡିଙ୍ଗ ଜୋନ୍‌କୁ ଯାଞ୍ଚ କରିବା ସହ ଅନେକ ବ୍ୟବସାୟୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି ଓ ଅନେକ ଦୋକାନ ମଧ୍ୟ ସିଲ୍ କରାଯାଇଛି। କିଛି ଦିନ ମଧ୍ୟରେ ଏଠାରେ ଖୋଲା ସ୍ଥାନରେ ଜରିପାଲ ଟାଣି ଅନେକ ହୋଟେଲ ବ୍ୟବସାୟୀ ବ୍ୟବସାୟ କରୁଥିଲେ।

## ରାଜଧାନୀରେ ପୋଲିସକୁ ଛୁରାମାଡ଼ : ଗଣ୍ଡଗୋଳ ବେଳେ ଛୁରୀ ଭୁସିଲା ଦୁର୍ବୃତ୍ତ

**ଭୁବନେଶ୍ୱର, ୪।୧୦:ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀରେ ପୋଲିସକୁ ଛୁରାମାଡ଼। ଭୁବନେଶ୍ୱର ମଞ୍ଚେଶ୍ୱର ଥାନାର କନେଷ୍ଟବଳ ଗୋପୀ ସବର ଛୁରାମାଡ଼ରେ ଆହତ ହୋଇଛନ୍ତି। ଗୁରୁବାର ରାତିରେ ଛୁରାମାଡ଼ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଶ୍ରୀରାମ ନଗର ଅଞ୍ଚଳରେ ପୋଲିସକୁ ଛୁରାମାଡ଼ ହୋଇଛି। ଗଣ୍ଡଗୋଳ ଖବର ପାଇ କନେଷ୍ଟବଳ ଗୋପୀ ଶବର ଘଟଣାସ୍ଥଳକୁ ଯାଇଥିଲେ। ପୋଲିସକୁ ଦେଖି ଦୁର୍ବୃତ୍ତ ଜଣକ ଛୁରୀରେ ଆକ୍ରମଣ କରିଥିଲା। ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଏହା ସହିତ ଛୁରାମାଡ଼ରେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଆହତ ହୋଇଥିବା ସୂଚନା ମିଳିଛି। ଘଟଣା ଘଟାଇଥିବା ଅଭିଯୁକ୍ତକୁ ଅଟକ ରଖି ମଞ୍ଚେଶ୍ୱର ଥାନା ପୋଲିସ ପଚରାଉଚରା କରୁଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।


## ତିରୁପତି ଲଡୁ ବିବାଦର ନୂଆ ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୪।୧୦**

ତିରୁମାଲା ଭେଙ୍କଟଶ୍ୱର ସ୍ୱାମୀ ମନ୍ଦିରରେ ଲଡୁ ବିବାଦ। ନୂଆ ଏସଆଇଟି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ। ପାଞ୍ଚ ଜଣ ସଦସ୍ୟଙ୍କୁ ନେଇ ଗଠନ ହେବ ଏସଆଇଟି। ଏଥିରେ ସିବିଆଇର ଦୁଇ ଅଫିସର, ଆନ୍ଧ୍ରପ୍ରଦେଶ ପୋଲିସର ଦୁଇ ଅଧିକାରୀ, ଏଫଏସଏସଏଆଇର ଜଣେ ବରିଷ୍ଠ ଅଧିକାରୀ ରହିବେ। ସିବିଆଇର ନିର୍ଦ୍ଦେଶକ ଏସଆଇଟି କମିଟିର ତଦାରଖ କରିବେ।

### ପ୍ରକାଶ ଅପେକ୍ଷାରେ...

### 'କଥାକଳିକା': ମହାପୂଜା ସଂଖ୍ୟା-୨୦୨୪




**ଏଥର ସଂଖ୍ୟାରେ ଆମର ଗାଳ୍ପିକ...**

**ସ୍ମରଣୀୟ କଥା :** ପ୍ରଶାନ୍ତ ନନ୍ଦ, ଭାସ୍କର ଜେନା।

**ସମକାଳର କଥା :** ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ରଂଜନ କୁମାର ଦାସ, ପୁଷ୍ପାଞ୍ଜଳି କର, ପ୍ରତାପ ବିଶ୍ୱାଳ, ବିଭାଷ କାନୁନ୍‌ଗୋ, ଗଙ୍ଗାଧର ବିଶ୍ୱାଳ, ସୋମା ଚାନ୍ଦ, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବନ୍ଦନା ପଣ୍ଡା, ସୁଜାତା ମହାପାତ୍ର, ଭାନୁମତୀ ସାହୁ, ଅଜୟ ମହାପାତ୍ର, ଅଜୟ ମହାପାତ୍ର, ଲକ୍ଷ୍ମୀ ଚାନ୍ଦ, ବିଜନବାଳା ପାଟଯୋଶୀ।

**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ।

**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଶରତ କୁମାର ନାୟକ, ସୁନାକର ସାହୁ, ପ୍ରକାଶ କୁମାର ସାହୁ, ସୁନୀତା କର, ଲଲାଟେନ୍ଦୁ ସାହୁ, ସରୋଜ କୁମାର ମହାନ୍ତି, ବିରେଶ୍ୱର ମହାନ୍ତି, ପ୍ରଫୁଲ୍ଲ ବାରିକ, ସରୋଜ କୁମାର ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ପୃଷ୍ଠା-୧୪୪ ଏ ସଂଖ୍ୟାର ମୂଲ୍ୟ ୧୨୦ ଟଙ୍କା ମାତ୍ର |
|---|---|
| ପ୍ରସାର ପରିଚାଳକ 'କଥାକଳିକା'<br>କୋଡ୍ ନଂ - (୦୬୭୪)<br>୨୫୪୧୪୪୮, ୨୫୪୫୦୪୬,<br>ଫାକ୍ସ : ୨୫୪୫୬୬୮<br>E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।<br>କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |

## ଲାଞ୍ଚ ନେଇ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ
## ୭ ହଜାର ଟଙ୍କା ଜବତ କଲା ଭିଜିଲାନ୍ସ

**ବଲାଙ୍ଗୀର, ୪।୧୦:ନ୍ୟୁଜ୍‌ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଧରାପଡ଼ିଲେ ବେଲପଡ଼ା କନିଷ୍ଠ ଯନ୍ତ୍ରୀ। ପୋଖରୀ ବିଲ୍ ପାସ୍ ପାଇଁ ମାଗିଥିଲେ ଲାଞ୍ଚ। ଟଙ୍କା ନେବା ବେଳେ ମାଡ଼ିବସିଲା ଭିଜିଲାନ୍ସ ଟିମ୍। କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁଙ୍କ ଠାରୁ ଜବତ ହେଲା ରଙ୍ଗବୋଳା ୭ ହଜାର ଟଙ୍କା। ଅଫିସ୍‌ରେ କାଗଜ ପତ୍ର ଯାଞ୍ଚ କଲା ଟିମ୍। ବଲାଙ୍ଗୀର ଜିଲ୍ଲା କନ୍ଧେନଝୁଲା ପଞ୍ଚାୟତ ସର୍ଗିମୁଣ୍ଡା ଗାଁରେ ଏଭଳି ଘଟଣା ଘଟିଛି। ସୂଚନା ମୁତାବକ, ଲାଞ୍ଚ ନେଇ ଭିଜିଲାନ୍ସ ହାବୁଡ଼ରେ ପଡ଼ିଲେ ବେଲପଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁ। କନ୍ଧେନଝୁଲା ପଞ୍ଚାୟତ ସର୍ଗିମୁଣ୍ଡା ଗାଁର ମିନିକେତନ ଚାହାରଙ୍କ ଠାରୁ ପୋଖରୀ ବିଲ୍ ପାସ୍ କରିବା ପାଇଁ ଲାଞ୍ଚ ମାଗିଥିଲେ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁ। ଏନେଇ ପ୍ରଥମେ ମିନିକେତନ ଚାହାର ୧୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଲାଞ୍ଚ ଦେଇ ଏହି ବିଷୟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୂର୍ବରୁ ଛକି ବସିଥିଲା ଭିଜିଲାନ୍ସ ଟିମ୍। ଦ୍ୱିତୀୟ ପର୍ଯ୍ୟାୟରେ ୭ ହଜାର ଟଙ୍କା ଦେବାକୁ ଯାଇଥିଲେ ମିନିକେତନ। ଏହି ସମୟରେ ହଠାତ୍ ଚଢ଼ଉ କରିଥିଲା ଭିଜିଲାନ୍ସ ଟିମ୍। ଚଢ଼ଉ କରି କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଜବତ କଲା ରଙ୍ଗବୋଳା ୭ ହଜାର ଟଙ୍କା। ପରେ ତାଙ୍କ ଅଫିସରେ ଥିବା ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲା ଭିଜିଲାନ୍ସ ଟିମ୍।

# ଚାଷୀଙ୍କୁ ଆୟ ଦେଉଛି ମିଲେଟ 'ସୁଆଁ' : ୨ ଏକରରୁ ଅମଳ ହେଉଛି ପ୍ରାୟ ୧୬ କ୍ୱିଣ୍ଟାଲ

**ଭୁବନେଶ୍ୱର, ୪।୧୦ ନ୍ୟୁଜ୍‌ବ୍ୟୁରୋ**



ଚଳିତ ବର୍ଷ କ୍ଷୁଦ୍ର ଶସ୍ୟ ମିଲେଟ ସୁଆଁ ଦେବ ଚାଷୀଙ୍କୁ ଭଲ ଆୟ। ଏଭଳି ଆଶା ବ୍ୟକ୍ତ କରିଛନ୍ତି କୋରାପୁଟ ଜିଲ୍ଲା ମୁଖ୍ୟାଳୟଠାରୁ ୫ କିଲୋମିଟର ଦୂର ମାନବର ଗାଁର ପୁରୁବ ଗୌଡ଼। ପୁରୁବ ଗତ ବର୍ଷ ନିଜର ୨ ଏକର ଜମିରେ ସୁଆଁ ଲଗାଇ ୧୪ କ୍ୱିଣ୍ଟାଲ ଅମଳ କରିଥିଲେ, ଯାହାକୁ ସେ କିଲୋପ୍ରତି ୨୫ ଟଙ୍କାରେ ବିକ୍ରି କରିଥିଲେ। ଏ ବର୍ଷ ଭଲ ଅମଳ ହୋଇଥିବାରୁ ସେ ୧୬ କ୍ୱିଣ୍ଟାଲ ଅମଳ ଆଶା ରଖିଛନ୍ତି। ପୁଣି ଏ ବର୍ଷ ବିକ୍ରି ଦର କିଲୋପ୍ରତି ୪୦ ଟଙ୍କା ଲେଖାଏଁ ଚାଲିଥିବାରୁ ଅଧିକ ଦୁଇ ପଇସା ପାଇବେ ବୋଲି ପୁରୁବ କହିଛନ୍ତି। କେବଳ ପୁରୁବ ନୁହଁନ୍ତି ମାନବର ଗାଁରେ ଚଳିତ ବର୍ଷ ପାଖାପାଖି ୭୦ ଜଣ ଚାଷୀ ସୁଆଁ ଚାଷ କରିଛନ୍ତି। ଯେଉଁଥିରେ ବଡ଼ସୁଆଁ, ଧଳା ସୁଆଁ, କଳା ସୁଆଁ, କୁସୁମ, ଗୁରୁଜି, ଚୁପା ଆଦି କିସମ ରହିଛି। ପୁରୁବ କହନ୍ତି 'କୁସୁମ' କିସମ ଭଲ ଅମଳ ଦେଉଥିବାରୁ ଓ ଏହାର ଓଜନ ଅଧିକ ରହୁଥିବାରୁ ମୁଁ ଏହାକୁ ଲଗାଇଛି। ଅମଳ ପରେ ଆମେ ସୁଆଁକୁ ଏକ ଘରୋଇ ପ୍ରକ୍ରିୟାକରଣ ୟୁନିଟ୍‌କୁ ଦେଉ। ଯେଉଁମାନେ କି ସୁଆଁକୁ ପ୍ରକ୍ରିୟାକରଣ କରି ସାରିବା ପରେ କିଲୋପ୍ରତି ୧୦୦ରୁ ୧୨୦ ଟଙ୍କାରେ ବଡ଼ ବଜାରରେ ବିକ୍ରି କରିଥାନ୍ତି। ସୁଆଁ ଦେଖିବାକୁ ଖୁବ୍ ଛୋଟ ଥିବା ବେଳେ ପୁଷ୍ଟିସାରରେ ଭରପୁର। ଭାରତର ବିଭିନ୍ନ ସ୍ଥାନରେ ସାମା ଓ କୁଟକି କିସମ ଚାଷ ହୋଇଥାଏ। ଓଡ଼ିଶାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ନୂଆପଡ଼ା, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲ୍ଲାରେ କ୍ଷୁଦ୍ରଶସ୍ୟ ମିଲେଟ ବିଶେଷ ଭାବେ ଚାଷ ହୋଇଥାଏ। ଯାହାକୁ ଲୋକେ ମାଣ୍ଡିଆ ଭାତ ଓ ମାଣ୍ଡିଆ ଜାଉ କରି ଖାଇଥାନ୍ତି। ପୂର୍ବରୁ ଓଡ଼ିଶାର ଲୋକମାନେ ସୁଆଁକୁ ଏଣେତେଣେ ନିଜର ଢଙ୍ଗରେ ଜମିରେ ଚାଷ କରୁଥିଲେ। ମାତ୍ର ୨୦୧୭ ମସିହା ପରେ ରାଜ୍ୟ ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ଅଧୀନରେ ଓଡ଼ିଶା ମିଲେଟ ମିଶନ କାର୍ଯ୍ୟ କଲା ପରେ ଏହାକୁ ସଠିକ୍ ପ୍ରଣାଳୀରେ (ଏସ୍‌ଏମ୍‌ଆଇ ପଦ୍ଧତିରେ) ଲଗାଯିବା ଆରମ୍ଭ ହେଲା। ସରକାରଙ୍କ ହସ୍ତକ୍ଷେପରୁ ଏବେ ରାଜ୍ୟର ଅଧିକାଂଶ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକର ଚାଷୀମାନେ କୋଦା ଓ କାଙ୍ଗୁ ଭଳି କ୍ଷୁଦ୍ରଶସ୍ୟ ମିଲେଟକୁ ନିଜ ଜମିରେ ଲଗାଇବାକୁ ଆଗ୍ରହ ଦେଖାଇଲେ। ଯାହାକି ଓଡ଼ିଶାର କ୍ଷୁଦ୍ରଶସ୍ୟ ଅମଳର ପରିମାଣକୁ ବୃଦ୍ଧି ଦିଗରେ ସାହାଯ୍ୟ କଲା ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ମୋହନ ମିଶ୍ର କହିଛନ୍ତି। ଏସ୍‌ଏମ୍‌ଆଇ ପଦ୍ଧତିରେ ଚାଷ ଦ୍ୱାରା ଜମିରେ ଉପଯୁକ୍ତ ବ୍ୟବଧାନ, ବିହନ ପ୍ରକ୍ରିୟାକରଣ, ବିଶୋଧନ, ଜୈବିକ ଖତ ଓ ଅନ୍ୟାନ୍ୟ କୃଷି ପ୍ରଣାଳୀ ଦ୍ୱାରା ମିଲେଟ ଉତ୍ପାଦନ ବୃଦ୍ଧି ପାଇଛି। କୃଷକମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇ ଓଡ଼ିଶା ମିଲେଟ ମିଶନ ଏସ୍‌ଏମ୍‌ଆଇ ପଦ୍ଧତିରେ ଚାଷୀଙ୍କୁ ଚାଷ ପାଇଁ ପ୍ରବର୍ତ୍ତାଉଛି। କୋରାପୁଟ କୃଷକ ସଂଘ ଏବଂ ଜିଲ୍ଲା କୃଷି ବିଭାଗ ମିଳିତ ଭାବେ ଚାଷୀଙ୍କୁ ଏସ୍‌ଏମ୍‌ଆଇ ପଦ୍ଧତିରେ କ୍ଷୁଦ୍ରଶସ୍ୟ ମିଲେଟ ଚାଷ କରିବାକୁ ଉତ୍ସାହିତ କରୁଛନ୍ତି। ଏ ବାବଦରେ କୋରାପୁଟ କୃଷକ ସଂଘ ସମ୍ପାଦକ ଶରତ ପଟ୍ଟନାୟକ କହନ୍ତି, ଏହି ପଦ୍ଧତି ଦ୍ୱାରା କ୍ଷୁଦ୍ରଶସ୍ୟ ମିଲେଟ ଅମଳର ପରିମାଣ ଏକର ପିଛା ୭ରୁ ୮ କ୍ୱିଣ୍ଟାଲ ବୃଦ୍ଧି ପାଉଛି। ତେଣୁ ଚାଷୀମାନେ ବି ଏ ଦିଗରେ ମନ ବଳାଉଛନ୍ତି। କୋରାପୁଟରେ ଚାଷୀମାନେ ୯ ପ୍ରକାର କ୍ଷୁଦ୍ରଶସ୍ୟ ମିଲେଟ ଯଥା ଧଳା, କଳା, ଚଇତିମୁଣ୍ଡି, ମଛାରୀ, ବଡ଼, ରଙ୍ଗା ଆଦି କିସମ କରୁଛନ୍ତି। ବର୍ତ୍ତମାନ ଜିଲ୍ଲାରେ ପାଖାପାଖି ୧୫ ହଜାର ହେକ୍ଟର ଜମିରେ କ୍ଷୁଦ୍ରଶସ୍ୟ ମିଲେଟ ଚାଷ ହେଉଛି। ଗଣ୍ଡ, ଭୁମିଜ, କନ୍ଧ ଓ ପରଜା ସମ୍ପ୍ରଦାୟର ଆଦିବାସୀ ଚାଷୀ ଏହାକୁ ଚାଷ କରୁଥିବା ବେଳେ ଏଥିରେ ମରୁଡ଼ି ପ୍ରତିରୋଧକ ଓ କୀଟ ପ୍ରତିରୋଧକ କ୍ଷମତା ରହିଛି। ଏହା ସବୁଠୁ କମ୍ ବର୍ଷା (୩୦୦ରୁ ୩୫୦ ମିମି) ଆବଶ୍ୟକ କରେ ଓ ପ୍ରାୟତଃ ସାର ଆବଶ୍ୟକତା କରେ ନାହିଁ ବୋଲି କୋରାପୁଟ ଦାୟିତ୍ୱରେ ଥିବା ବ୍ଲକ୍ ଯୋଜନା ଅଧିକାରୀ ତାପସ ରାୟ କହିଛନ୍ତି। ଯଦି ଜଣେ ଚାଷୀ ନିଜର ଅଢ଼େଇ ଏକର ଜାଗାରେ ଯେକୌଣସି ପ୍ରକାର କ୍ଷୁଦ୍ରଶସ୍ୟ ଅମଳ କରେ, ତାକୁ ପ୍ରଥମ ବର୍ଷ ସରକାରଙ୍କ ପକ୍ଷରୁ ୧୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ମିଳିବ। ଦ୍ୱିତୀୟ ବର୍ଷରେ ୭ ହଜାର ୫୦୦ ଓ ତୃତୀୟ ବର୍ଷରେ ୫୦୦୦ ଟଙ୍କା ମିଳିବ। ଚତୁର୍ଥ ଓ ୫ମ ବର୍ଷରେ ଚାଷୀକୁ ୪୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମିଳିବାର ପ୍ରାବଧାନ ରହିଛି ବୋଲି ଶ୍ରୀ ରାୟ କହିଛନ୍ତି। କ୍ଷୁଦ୍ରଶସ୍ୟ ମିଲେଟରେ ପ୍ରୋଟିନ, ଫାଇବର ଓ ମିନେରାଲ୍ସ ଆଦି ଭରପୁର ମାତ୍ରାରେ ରହିଛି। କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବବିବିଧତା ସଂରକ୍ଷଣ ପ୍ରାକୃତିକ ସମ୍ପଦ ବିଭାଗର ପ୍ରଫେସର ଡକ୍ଟର ଦେବବ୍ରତ ପଣ୍ଡା କହିଛନ୍ତି, କୋରାପୁଟ ଜିଲ୍ଲାରୁ ଆମେ ପାଖାପାଖି ୧୫ ପ୍ରକାର କ୍ଷୁଦ୍ରଶସ୍ୟ ମିଲେଟ ସଂଗ୍ରହ କରିଛୁ। ଏକ ଗ୍ରାମ୍ ଚାଉଳରେ ୦.୯୯ ମିଲିଗ୍ରାମ ଖଣିଜଲବଣ ରହୁଥିବା ବେଳେ କ୍ଷୁଦ୍ରଶସ୍ୟ ମିଲେଟରେ ଏହା ୯.୩୮ ମିଲିଗ୍ରାମ୍ ରହିଛି।